

ବିଶ୍ୱ ଯୁବ ଟେବୁଲ୍ ଟେନିସ୍‌ରେ ଚମକିଲେ ଓଡ଼ିଆ ପୁଅ ସାର୍ଥକ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 190 | ଭାଗ ୩୨ | ସଂଖ୍ୟା ୧୯୦ | Bhubaneswar | Sunday 29 September 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୨୯ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ୭ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

# ଏଜିଙ୍କ ଫି'୭ ଗୁଣ ବଢ଼ିଲା



ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୭ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସାଧାରଣ ବଂଟନ ବ୍ୟବସ୍ଥାରେ ରାଜ୍ୟରେ କାର୍ଯ୍ୟରତ ୫୨୯୧ଜଣ ଘରୋଇ ଡିଲରଙ୍କ କାର୍ଯ୍ୟକାଳ ଆଉ ଦେଢ଼ବର୍ଷ ବୃଦ୍ଧି ପାଇଛି । ସେହିପରି ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ଆଡଭୋକେଟ୍ ଜେନେରାଲ(ଏଜି)ଙ୍କ ଫି'କୁ ମଧ୍ୟ ସରକାର ବଢ଼ାଇଛନ୍ତି।

ଶନିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଓଡ଼ିଶା ସାଧାରଣ ବଂଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ, ୨୦୧୬'ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଉ ଦେଢ଼ବର୍ଷ ଅର୍ଥାତ୍ ଆସନ୍ତା ୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଘରୋଇ ଡିଲରମାନଙ୍କ କାର୍ଯ୍ୟକାଳ ଚଳିତବର୍ଷ ସେପ୍ଟେମ୍ବର ୩୦ତାରିଖରେ ଶେଷ ହେଉଛି । ସମସ୍ତ ଘରୋଇ ଡିଲରଙ୍କୁ ଏକକାଳୀନ ଉଚ୍ଛେଦ କରିବାରେ ପ୍ରଶାସନିକ ଅସୁବିଧା ଓ ସାଧାରଣ ବଂଟନରେ ଅବ୍ୟବସ୍ଥାର ଆଶଙ୍କା ରହିଥିବାରୁ ସେମାନଙ୍କ କାର୍ଯ୍ୟକାଳ ଆସନ୍ତା ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୪୨୩ କୋଟି ବ୍ୟୟ

### ଘରୋଇ ଡିଲରଙ୍କ କାର୍ଯ୍ୟକାଳ ଆଉ ଦେଢ଼ବର୍ଷ ବୃଦ୍ଧି

# ସ୍ୱଚ୍ଛ ଶାସନ ପାଇଁ ମୋହନ ମଡେଲ

- ଏବେ ଜାଲରେ ପଡିବେ 'ବଡ଼ ମାଛ'
- ଦୁର୍ନୀତି ନିବାରଣ ପାଇଁ ଟପ୍-ଡାଉନ୍ ଓ ବଟମ୍-ଅପ୍ ମଡେଲ୍
- ନୂତନ କାର୍ଯ୍ୟଶୈଳୀ ଆପଣେଇବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ସ୍ୱଚ୍ଛ ଶାସନ, ତୁରନ୍ତ ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ, ଉତ୍ତରଦାୟିତ୍ୱବୋଧକୁ ଗୁରୁତ୍ୱ
- ଜିଲ୍ଲାସ୍ତରର ସବୁ ୱେବସାଇଟ୍ ଓଡିଆ ଭାଷାରେ ହେବ
- 'ଲୋକଙ୍କୁ ସାଙ୍ଗରେ ନେଇ ଚାଲନ୍ତୁ, ସବୁ ସହଜ ଓ ସରଳ ହୋଇଯିବ'





ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଚାଲିଥିବା ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅଭିଭାଷଣରେ ସବୁ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଏହି ଦୁଇ ଦିନିଆ ମାନସ ମନ୍ଥନ ପ୍ରଶାସନକୁ ଚଳ ଚଞ୍ଚଳ ତଥା ଅଧିକ କ୍ରିୟାଶୀଳ କରିବାରେ ସହାୟକ ହେବ।

୨୪ ବର୍ଷ ଧରି ଅଧିକାରୀମାନେ ଗୋଟିଏ ପ୍ରକାର କାର୍ଯ୍ୟଶୈଳୀରେ ଚାଲିଥିବାରୁ, ବର୍ତ୍ତମାନର ନୂତନ କାର୍ଯ୍ୟଶୈଳୀ ଆପଣେଇବାରେ କିଛି ଅସାମଞ୍ଜସ୍ୟ ଆସିପାରେ । କିନ୍ତୁ, ସବୁ ଅଧିକାରୀମାନେ ହେଉଛନ୍ତି ଦକ୍ଷ ତଥା ସମ୍ପୂର୍ଣ୍ଣ ଭାବେ ବୃତ୍ତିଗତ ପ୍ରଶାସକ। ତେଣୁ, ସରକାରଙ୍କ ଆଭିମୁଖ୍ୟ ଓ ଭିଜନ୍‌କୁ ହୃଦୟଙ୍ଗମ କରି ଅଧିକାରୀମାନେ ନିଜ ନିଜ ସ୍ତରରେ ଏହାର କ୍ରିୟାନ୍ୱୟନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।


ଓଡିଶାର ସାଢେ ଚାରିକୋଟି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଶାସନ ମୁଖ୍ୟ ଭାବେ ଆଗାମୀ ଦିନର କାର୍ଯ୍ୟଧାରାକୁ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ କୌଣସି ସ୍ତରରେ ବା କୌଣସି ପ୍ରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ସଚିବାଳୟଠାରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀମାନେ ନିଜ ନିଜ ସ୍ତରରେ ଦୁର୍ନୀତି ରୋକିବାକୁ ସମର୍ଥ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଦୁର୍ନୀତି ନିବାରଣ ପାଇଁ ସରକାର ଉଭୟ ଟପ୍-ଡାଉନ୍ ଓ ବଟମ୍-ଅପ୍ ମଡେଲ କାର୍ଯ୍ୟକାରୀ କରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ଦୁର୍ନୀତି ନିବାରଣ ନାଁ ରେ କେବଳ ଛୋଟ ଛୋଟ ଅଧିକାରୀମାନଙ୍କୁ ଧରା ଯାଉଥିଲା। ବର୍ତ୍ତମାନ ବଡ ବଡ ଅଧିକାରୀମାନଙ୍କୁ ମଧ୍ୟ ଧରା ପଡିଲେଣି। ଆଗାମୀ ଦିନରେ ଆହୁରି ବଡ ବଡ ଅଧିକାରୀ ମଧ୍ୟ ଧରା ପଡିବେ। ଏଥିରେ କୌଣସି ଅବହେଳା କରାଯିବ ନାହିଁ। ଏହି ବାର୍ତ୍ତା ସବୁସ୍ତରକୁ ଯିବା ଉଚିତ ବୋଲି ସେ ମତ ଦେଇଥିଲେ। ପୃଷ୍ଠା-୬


## ଭୟଙ୍କର ଷଡଯନ୍ତ୍ର

# ସନ୍ଦେହରେ ଫିରୋଜ-ସଞ୍ଜୀବ ସମ୍ପର୍କ










ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସପକ୍ଷରେ ଏକ ପୋଷ୍ଟ ଭଦ୍ରକରେ ସୃଷ୍ଟି କରିଛି ତୁମୁଳକାଣ୍ଡ। ଶତାଧିକ ଗାଡି ଭାଙ୍ଗିଥିବା ବେଳେ ପୋଲିସ ଉପରକୁ ହୋଇଛି ଢେଲା ପଥର ମାଡ଼। ଶୁକ୍ରବାର ଏଭଳି ଗୋଷ୍ଠୀ ବିବାଦ ଯୋଗୁଁ ଭଦ୍ରକ ରେ ଲାଗିଛି ଧାରା ୧୬୩। ୭ ପ୍ଲାଟୁନ ଫୋର୍ସ ସହର ଭିତରେ ଫ୍ଲାଗ ମାର୍ଚ୍ଚ କରିବା ସହ ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ମୁତୟନ ମଧ୍ୟ କରିଛନ୍ତି। ତେବେ ଏ ଘଟଣା କଣ' ସ୍ୱତଃପ୍ରବୃତ୍ତ ହୋଇଛି ନା ଏହା ପଛରେ କିଏ ଅଛି? କୌଣସି ରାଜନୈତିକ ହୀନ ଉଦ୍ଦେଶ୍ୟ ରଖି ଏସବୁ କରାଯାଇନି ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ପୋଲିସ ଜାଣିବାକୁ ପାଇଛି କିଛି ଚାଂଚଲ୍ୟକର ତଥ୍ୟ।

ଫେସବୁକରେ ଶୁକ୍ରବାର ଏକ ଭିଡିଓ ପୋଷ୍ଟ କରିଥିଲେ ଫିର୍ଦ୍ଦୋଷ ଖାଁ। ମୁସଲିମ ସମ୍ପ୍ରଦାୟ ସପକ୍ଷରେ ଥିବା ଏହି ଭିଡ଼ିଓରେ ହିନ୍ଦୁ ଲୋକ ଓ ଜାତି ବିରୋଧରେ କଟାକ୍ଷ କରାଯାଇଥିଲା। ଯେଉଁ ଭିଡ଼ିଓରେ କିଛି ହିନ୍ଦୁ ଲୋକ କମେଣ୍ଟ କରି ଗାଳି କରିବାରୁ ଶତାଧିକ ମୁସଲିମ ପୁରୁଣାବଜାର ଠାରୁ ବାହାରି ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ସମସ୍ତ ଗାଡି ଭଙ୍ଗାରୁଜା କରିଥିଲେ। ସଂଥିଆ ପୋଲ ନିକଟରେ ପୋଡାଜଳା କରାଯାଇଥିଲା। ତହସିଲଦାରଙ୍କ ଗାଡି ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କ ରାଗରୁ ବର୍ତ୍ତି ନଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦିବେଦୀ ମଧ୍ୟ ଗୁରୁତର ହୋଇଥିଲେ। ଏହାପରେ ପୃଷ୍ଠା-୬

# ପ୍ରତୀକଙ୍କ ଆଇଆଇସି ସଞ୍ଜିବଙ୍କୁ କାଳ !



ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଡିସିପିଙ୍କ କୁଆଡେ ଭାରି ଗେହ୍ଲା ସିଏ। ଯୁଆଡେ ଯାଆନ୍ତି ସାଙ୍ଗରେ ନେଇକି ଯାଆନ୍ତି । ସେ କନ୍ଧମାଳ ହେଉ ବା କଟକ ଅଥବା ଭୁବନେଶ୍ୱର । ଆମେ କହୁଛୁ କମିଶନରେଟ ପୋଲିସ ଭୁବନେଶ୍ୱର ଯୁପିଡ଼ିର ଏଭଳି ଜଣେ ଥାନା ଆଇଆଇସିଙ୍କ କଥା, ଯାହା ପାଇଁ କମିଶନର ବଦନାମ। ପଣସ ଖାଉଛନ୍ତି ଆଇଆଇସି କିନ୍ତୁ ଅଠା ବୋଳାଯାଉଛି କମିଶନର ମୁଣ୍ଡରେ। ବେଶ ସାଧାସିଧା ଦେଖାଯାଉଥିବା ଏହି ଆଇଆଇସିଙ୍କ ଦୁର୍ନୀତି ଏବେ ଡାଣ୍ଡରେ ପଡି ହାଟରେ ଗଡୁଛି। ଭଦ୍ରକପୁର ଘଟଣାକୁ ନେଇ ସାରା ଦେଶରେ କମିଶନରେଟ ପୋଲିସର ଛବି ଖରାପ ହୋଇଥିବା ବେଳେ ଆଉ ଜଣେ ଥାନାଧିକାରୀଙ୍କୁ ନେଇ ପୋଲିସ ମହଲରେ ଏବେ ବେଶ ଚର୍ଚ୍ଚା। ଏତଲା ରଖିବା ଠାରୁ ଆରମ୍ଭ କରି କେସର ତଦନ୍ତ, ସବୁଥିରେ କୁଆଡେ ମାଲ ନନେଲେ ବାବୁଙ୍କ କଲମ ଚାଲେନି। ସ୍ପଟ କୁ ପୋଲିସ ଯିବାକୁ ହେଲେ ମଧ୍ୟ ପୋଲିସକୁ କିଛି ଦେବାକୁ ପଡିଥାଏ। କେବଳ ସେତିକି ନୁହେଁ କିଛି ବିଲ୍ଡର ଏହି ଥାନାର ମାସିକିଆ ଗରାଖ । ଆଉ ଜଣେ ପରିବା ହାଟ ମୁଖିଆ ମଧ୍ୟ ମାସିକିଆ ମୋଟା ଅଙ୍କର ମାଲ ଦେଉଥିବା ଯୋଗୁଁ ଅଧିକାଂଶ ସମୟରେ ତାଙ୍କୁ ଥାନାରେ ମାମଲାତି କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଏତେ ସବୁ ପରେ ବି ତାଙ୍କ ବିରୋଧରେ କହିବାକୁ କାହାର ସାହସ ନାହିଁ। ଡିସିପିଙ୍କ ସେ ଅତି ପ୍ରିୟ। ଆଡିସିନାଲ ଡିସିପି ଓ ଏସିପି ମଧ୍ୟ ଏହି ଆଇଆଇସିଙ୍କୁ ଡରନ୍ତି। ନହେଲେ କୁଆଡେ ବଦଳି କରିଦେବାର ଧମକ ଦିଅନ୍ତି ଏହି କରିତକର୍ମା ଜଣଙ୍କ । ସେହି ଅଞ୍ଚଳରୁ ଚୋରି ଟିଏ ହେଲେ ନିଜେ ଡିସିପି ସ୍ପେଶାଲ ସ୍କ୍ୱାଡ଼ କୁ ସେହିଠାରେ କାମରେ ଲଗାନ୍ତି। ଚୋର ଶୀଘ୍ର ଧରା ନହେଲେ ଓଲଟା ସ୍ପେଶାଲ ସ୍କ୍ୱାଡ଼ ଉପରେ କୁଆଡେ ବିରକ୍ତ ହୁଅନ୍ତି ଏହି ଥାନାଧିକାରୀ। ଅନ୍ୟପଟେ ସ୍ୱୀ ମଧ୍ୟ ଡିସିପି ପୃଷ୍ଠା-୬

### ନର୍ସିଂ ଅଫିସରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ୧୦ ଦଫା ଦାବି ନେଇ ନର୍ସିଂ ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ସଂପୂର୍ଣ୍ଣ ହୋଇପଡ଼ିଛି। ସବୁ ସରକାରୀ ହସ୍ପିଟାଲରେ ରୋଗୀମାନେ ଦୁଇଦିନ ହେଲା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନେକ ହସ୍ପିଟାଲରେ ଜରୁରୀ ନ ହୋଇଥିଲେ ରୋଗୀମାନଙ୍କୁ ଆଡ୍‌ମିଶନ୍ କରାଯାଉନାହିଁ। ଆଉଟ୍‌ସୋର୍ସିଂ ମାଧ୍ୟମରେ ଓ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ ସେବା ଜାରି ରଖିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି। ଏଭଳି ଏକ ଜଟିଳ ପରିସ୍ଥିତି ମଧ୍ୟରେ ନର୍ସିଂ କର୍ମଚାରୀ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓ ନର୍ସିଂ ଅଫିସରଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇଥିବା ପୃଷ୍ଠା-୬

# ଖୋଲିଲା କମିଶନର ପାଟିଲ୍‌ଙ୍କ ପୋଟ୍‌ଲି

ବାହାରିଲା ଜେସିବି କିଣା ଘୋଟାଲା



ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ଚାକିରି ଆରମ୍ଭରୁ ବିବାଦରେ ଥିବା ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲ୍ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଥାଇ ସେ ଏବେ ବିଏମ୍‌ସି କମିସନର ଦାୟିତ୍ୱରେ ରହିଛନ୍ତି। ବିଜୟ ଅମୃତା କୁଲାଙ୍ଗେଙ୍କ ରାତିଅଧିଆ ବଦଳି ପରେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ବିଏମ୍‌ସି ଦାୟିତ୍ୱ ନେବା ପର ଠାରୁ ସେ ଲୋକ ପ୍ରତିନିଧିମାନଙ୍କୁ ଖାତିର କରୁନଥିବା ଅଭିଯୋଗ ହୋଇଛି। କର୍ପୋରେସନ ବୈଠକରେ କର୍ପୋରେଟରମାନେ ଉଠାଉଥିବା ଅଭିଯୋଗକୁ ସେ ଗ୍ରହଣ କରୁନାହାନ୍ତି। ବରଂ କର୍ପୋରେସନର ବିନା ସ୍ୱୀକୃତିରେ ସେ କାମ କରି ଚାଲିଛନ୍ତି। କର୍ପୋରେସନ ନେଇଥିବା ନିଷ୍ପତ୍ତିକୁ ମଧ୍ୟ କାର୍ଯ୍ୟକାରୀ କରୁନାହାନ୍ତି। ଏ କଥା ଆମେ କହୁନାହୁଁ ବରଂ ଖୋଦ୍ କର୍ପୋରେଟର ବିଏମ୍‌ସିର ମାସିକ ବୈଠକରେ ଏଭଳି ପ୍ରସଙ୍ଗ ଉଠାଇବା ପରେ ଚର୍ଚ୍ଚା ଜୋର ଧରିଛି।

କର୍ପୋରେଟର ନୃପେଶ ନାୟକଙ୍କ ଏକ ଲିଖିତ ପ୍ରଶ୍ନରେ ଶ୍ରୀ ପାଟିଲ୍‌ଙ୍କ ମୁଖା ଖୋଲି ଯାଇଛି। ତାଙ୍କ ଅଭିଯୋଗ ହେଉଛି, ଗତ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବା ବେଳେ ବିଏମ୍‌ସି ନୂଆ ଜେସିବି କିଣିଛି। ଏହା କର୍ପୋରେସନ ବୈଠକରେ ସ୍ୱୀକୃତି ଲାଭ କରିନାହିଁ। ବଡ଼କଥା ହେଉଛି ସହରରେ ଜଳବନ୍ଦୀ ସମସ୍ୟା ଉପୁଜୁଥିବାରୁ ପମ୍ପସେଟ୍ କିଣିବାକୁ କର୍ପୋରେସନ ନିଷ୍ପତ୍ତି ନେଇଥିଲା। କିନ୍ତୁ ତାହା କିଣାଗଲା ନାହିଁ। ବରଂ ଶ୍ରୀ ପାଟିଲ୍ ଏହି ନିଷ୍ପତ୍ତିକୁ ବାତିଲ୍ କରିଥିଲେ। ଗୋଟିଏ ପଟେ କର୍ପୋରେସନ ନିଷ୍ପତ୍ତିକୁ ବେଖାତିର ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ସାଧୁ ବେଶରେ ବୃନ୍ଦାବନରେ ରହୁଥିବା ୩୦୦ କୋଟିର ଜିଜାଉ ମାସାହେବ ମଲ୍ଟି ଷ୍ଟେଟ୍‌ବ୍ୟାଙ୍କ୍ ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ବବନ ବିଶ୍ୱନାଥ ସିନ୍ଦେ ମହାରାଷ୍ଟ୍ର ପୋଲିସ ଦ୍ୱାରା ଗିରଫ।
- ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ।
- ଉତ୍ତରାଖଣ୍ଡର ପାର୍ବତ୍ୟାଞ୍ଚଳରେ ଜମି ବିକ୍ରି ଖର୍ଦ୍ଦି ରୋକିବା ଲାଗି ରାଜ୍ୟ ସରକାର କଠୋର ଆଇନ ଆଣିବେ।
- ଜଣାଶୁଣା କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ୯୫ ତମ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶ୍ରଦ୍ଧାଞ୍ଜଳି।
- କୋରାପୁଟ ଜିଲ୍ଲା ପ୍ରଶାସନର ବିରୋଧ ପରେ କୋଟିଆରୁ ବାଉଁଶ କଟା ବନ୍ଦ କଲା ଆନ୍ଧ୍ରର ପାର୍ବତୀପୁରମ୍ ପ୍ରଶାସନ।
- ନେପାଳରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ କାଦୁ ଭୁଶୁଡ଼ି ଓ ଭୂସ୍ଖଳନ ଘଟି ୩୯ ଜଣଙ୍କର ମୃତ୍ୟୁ।
- ମାଲକାନଗିରି ଜିଲ୍ଲାରେ ପ୍ରଥମ ଡିପଥେରିଆ ରୋଗୀ ଚିହ୍ନଟ। କାଲିମେଳା ବ୍ଲକ ଚିତ୍ରାଙ୍ଗପାଲୀ ଆବାସିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଶିବ ମାଡକାମୀ ଆକ୍ରାନ୍ତ।
- ହରିଆଣା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ଘୋଷଣାପତ୍ରରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା, ୩ଶହ ୟୁନିଟ୍ ଯାଏଁ ମାଗଣା ବିଦ୍ୟୁତ୍ ଓ ମହିଳାଙ୍କୁ ମାସକୁ ୨୦୦୦ ଟଙ୍କା ଭତ୍ତା ପ୍ରତିଶ୍ରୁତି।
- ଦ.ଆଫ୍ରିକାର ଲୁସିକିସିକିରେ ଶୋଇ ଥିବାବେଳେ ଦୁଇ ଥର ଗୁଳି ଚାଳନା କରି ୧୫ ମହିଳାଙ୍କ ସମେତ ୧୭ ଜଣଙ୍କୁ ହତ୍ୟାକଲେ ଦୁର୍ବୃତ୍ତ।
- ଦକ୍ଷିଣ ବେରୁଟରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ହିଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାଙ୍କ କନ୍ୟା, ଇରାନର ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡ କ୍ରସ୍ବର ଡେପୁଟି କମାଣ୍ଡର ଆବ୍ବାସ ନିଲଫୋରୌଶାନଙ୍କ ମୃତ୍ୟୁ।

## ଲୋକଙ୍କୁ ନିଜ ପଟକୁ ଟାଣିବାକୁ ବିଜେପି-ବିଜେଡିର କସରତ ଆରମ୍ଭ

# ମୋହନ ମନ୍ତ୍ର ସହ ନବୀନିଜିମ୍‌ର ହେବ ମୁକାବିଲା



ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ): ରାଜ୍ୟରେ ନୂଆ ସରାକର ଗଠନର ଶହେ ଦିନ ପରେ ଉଭୟ ଶାସକ ବିଜେପି ଓ ମୁଖ୍ୟ ବିରୋଧିଦଳ ବିଜେଡି ଲୋକଙ୍କୁ ନିଜ ପଟକୁ ଟାଣିବାପାଇଁ କସରତ ଆରମ୍ଭ କରିଛନ୍ତି । ବିଜେପି ତାହାର ସଭ୍ୟ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ପୂରା ଦମ୍‌ରେ ଚଳାଇଥିବାବେଳେ ଗାନ୍ଧୀ ଜୟନ୍ତୀରୁ ବିଜେଡି ପଦଯାତ୍ରା ଓ ସଭ୍ୟସଂଗ୍ରହ ପାଇଁ ବୈଠକ ପରେ ବୈଠକ ଚଳାଇଛି। ନିଜ ନିଜ ଏଜେଣ୍ଡା ଧରି ଗାଁ ଗହଳିରୁ ଲୋକଙ୍କୁ ନିଜ ଶିବିରକୁ ଟାଣିବାପାଇଁ ଦୁଇ ଦଳର ମାଷ୍ଟର ଟ୍ରେନରମାନେ କୌଣସି ସୁଯୋଗକୁ ହାତଛଡା କରିବାକୁ ପ୍ରସ୍ତୁତ ନୁହନ୍ତି ।

ରାଜ୍ୟରେ ସରକାର ଗଠନ ପରେ ବିଜେପି ଏବେ ଉତ୍ସାହିତ । ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କୁ ନେଇ ବିଜେପି ଶିବିର ଉତ୍ସବମୁଖର । ହେଲେ ଦଳ ଭଲାଭାବେ ଜାଣିଛି ଯେ ବିଧାନସଭା ନିର୍ବାଚନରେ ବିରୋଧି ବିଜେଡି ଠାରୁ ସେମାନେ ପ୍ରାୟ ୨ଲକ୍ଷ କମ୍ ଭୋଟ ପାଇଛନ୍ତି। ବିଜେଡି ପଟରେ ଥିବା ଏହି ଭୋଟରମାନଙ୍କୁ ନିଜ ପଟକୁ ଆଣିବାକୁ ହେବ । ନହେଲେ ପଞ୍ଚାୟତ ନିର୍ବାଚନକୁ ସାମ୍ନା କରିବା ଏତେ ସହଜ ହେବନାହିଁ। ସେହିଭଳି ବିଜେଡି ଭଲଭାବେ ଜାଣିଛି ଯେ ନୂଆ ସରକାର ସୁଭଦ୍ରା ଭଳି ଆକର୍ଷଣୀୟ ଯୋଜନା ସହାୟତାରେ ଲୋକଙ୍କୁ ବିଶେଷକରି ମହିଳାମାନଙ୍କୁ ନିଜ ପଟକୁ ଟାଣୁଛନ୍ତି । ବିଜେଡିର ଭୋଟବ୍ୟାଙ୍କ୍ ଥିବା ମିଶନଶକ୍ତିର ମହିଳାମାନେ ଯଦି ସୁଭଦ୍ରା ଜରିଆରେ ବିଜେପି ଶିବିରକୁ ପଳାଇବେ ତେବେ ଦଳ ପଞ୍ଚାୟତ ନିର୍ବାଚନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିବ । ତେଣୁ କୌଣସି ପ୍ରକାରେ ସୁଭଦ୍ରାର ବିଫଳତାକୁ ବାଛି ବାଛି ଲୋକଙ୍କ ନିକଟରେ ପହଞ୍ଚାଇବାକୁ ବିଜେଡିର ମାଷ୍ଟରଟ୍ରେନର ବା ଆଗଧାଡିର ନେତାମାନେ ରଣନୀତି ତିଆରି କରୁଛନ୍ତି । ବିଜେଡି ସୁପ୍ରିମୋ ନବୀନ ମଧ୍ୟ ସେହି ଲାଇନ୍‌ରେ କର୍ମୀଙ୍କୁ ପରାମର୍ଶ ଦେଉଛନ୍ତି । ଏଥିପାଇଁ ଶଙ୍ଖଭବନରେ ଘନ ଘନ ବୈଠକ ବସୁଛି ।

ବିଜେପି ଶହେ ଦିନର ଶାସନ କଳାପରେ ଏବେ ଯେତେସବୁ ଯୋଜନାକୁ ଲୋକଙ୍କ ଆଗରେ ରଖିଛି ସେଥିରୁ ସୁଭଦ୍ରା ହେଉଛି ସମ୍ପୂର୍ଣର୍ ନୂଆ । ଏହି ଯୋଜନାରେ ଲୋକଙ୍କ ହାତକୁ ସିଧାସଳଖ ଟଙ୍କା ଯାଉଛି। ହେଲେ ଯୋଜନାପାଇଁ ପଞ୍ଜିକୃତ ଆରମ୍ଭ ଦିନଠାରୁ ସାରା ରାଜ୍ୟରେ ଯେଉଁ ବିଭ୍ରାଟ ଦେଖା ଦେଇଛି ଦଳ ସେଥିରେ ସୁଧାର ଆଣିବା ନିହାତି ଦରକାର । ପଞ୍ଜିକରଣ ସଂଖ୍ୟା କୋଟିଏ ଟପିବାକୁ ଯାଉଥିବାବେଳେ ଟଙ୍କା ପାଇଛନ୍ତି ମାତ୍ର ୨୫ ଲକ୍ଷ । ଚାରି ଭାଗେରୁ ତିନି ଭାଗ ଏବେ ବି ଅପେକ୍ଷାରେ । ତେଣୁ ଏହାର ସୁଯୋଗ ଯେଭଳି ବିଜେଡି କିମ୍ବା କଂଗ୍ରେସ ନିଅନ୍ତି ତାହା ଉପରେ ନଜର ରଖିବାକୁ ପଡିବ ।

ବିଜେଡି ନିର୍ବାଚନ ହାରିବାପରେ ଏବେ ପଞ୍ଚାୟତ ନିର୍ବାଚନକୁ ପୁଞ୍ଜି କରି ଆଗକୁ ବଢୁଛି । ହେଲେ ବିଜେଡି ଯେଉଁ ବେଗରେ ପ୍ରସ୍ତୁତି ଚଳାଇଛି ତାହାଠାରୁ ଅଧିକ ବେଗରେ ଦଳରେ ଅସନ୍ତୋଷ ବଢିବାରେ ଲାଗିଛି । ନବୀନ ନିବାସ ଠାରୁ ଶଙ୍ଖଭବନ ପର୍ଯ୍ୟନ୍ତ ଅସନ୍ତୋଷ । ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ, ବଦ୍ରି ନାରାୟଣ ପାତ୍ର, ପ୍ରଦୀପ ମାଝି ପ୍ରମୁଖ ନିର୍ବାଚନର ପରାଜୟ ପାଇଁ କର୍ମୀଙ୍କ ସମ୍ମୁଖରେ ନବୀନଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାବେଳେ ଭୁବନେଶ୍ୱର ବିଜେଡିର ଗୋଷ୍ଠିକନ୍ଦଳ ଥାନାଫାଣ୍ଡିରେ ପହଞ୍ଚିଲାଣି । ଇତି ପୃଷ୍ଠା-୬

# ବେଲ୍‌ଜିୟମରେ କେନ୍ଦ୍ରାପଡ଼ା ଛାତ୍ର ଦେବାଶିଷଙ୍କ କୃତିତ୍ୱ



**କେନ୍ଦ୍ରାପଡ଼ା, ୨୮।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହର ନିକଟସ୍ଥ ଗୁଲନଗର ପଞ୍ଚାୟତ ଖଇରାବାଦ ଗ୍ରାମର ଛାତ୍ର ଡା. ଦେବାଶିଷ ଜେନା ୟୁରୋପର ବେଲ୍‌ଜିୟମରେ କୃତିତ୍ୱ ହାସଲ କରିଛନ୍ତି। ସେ ୟୁରୋପିଆନ୍ ପେନ୍ ଫେଡେରେସନରେ ପେନ୍ ମେଡିସିନ୍‌ରେ ଡିପ୍ଲୋମା କରି ଏହି କୃତିତ୍ୱ ହାସଲ କରିଛନ୍ତି। ଏ ନେଇ ଏକ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସଭାରେ ପରୀକ୍ଷା ନିର୍ଦ୍ଦେଶକ ଡା. ଡାନିଏଲ ବାଟେଲି, ଏଜୁକେସନ କମିଟିର ଅଧ୍ୟକ୍ଷ ଡା. ବିଲେଭିକଟ୍, ପ୍ରଫେସର ଲୁଇସ ଗ୍ରାସିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି କୃତିତ୍ୱ ପାଇଁ ଦେବାଶିଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି । ଏ ନେଇ ଦେବାଶିଷ କହିଛନ୍ତି ଓଡିଶାରୁ ପ୍ରଥମ ଛାତ୍ର ଭାବେ ପେନ୍ ମେଡିସିନ୍‌ରେ ସେ ୟୁରୋପରେ ଡିପ୍ଲୋମା କରିଛନ୍ତି ।




# ପି.ଏନ୍. କଲେଜ ରୋଭର ରେଞ୍ଜରଙ୍କ ଶୋଭାଯାତ୍ରା

**ଖୋରଧା, ୨୮।୯ (ସଂଚାର ବ୍ୟୁରୋ):** ଖୋରଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜରମାନଙ୍କ ଏକ ଦିବସୀୟ ଶିବିର ଜେମାଦେଇ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ରୋଭର ରେଞ୍ଜରମାନେ ପ୍ରାଣନାଥ ମହାବିଦ୍ୟାଳୟରୁ ଶାନ୍ତି ଶୋଭାଯାତ୍ରାରେ ବାହାରି ଜେମାଦେଇ ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ସହ ବୃକ୍ଷରୋପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି ଓ ପ୍ରାକ୍ତନ ଡିଷ୍ଟ୍ରିକ୍ଟ କମିଶନର ଗୋପାଳକୃଷ୍ଣ ଦାସ ଅତିଥି ରୂପେ ଯୋଗଦେଇଥିଲେ। ରୋଭର ଲିଡର ଅଧ୍ୟାପକ ଲିଙ୍ଗରାଜ ପରିଡ଼ା ଓ ରେଞ୍ଜର ଲିଡର ଅଧ୍ୟାପିକା ରଶ୍ମିରେଖା ବାରିକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସମାହିତ ହୋଇଥିଲା। ରୋଭର ଶେଷବର୍ଷର ଛାତ୍ର ଶୁଭଙ୍କର ସାହୁ ଓ ରେଞ୍ଜର ଶେଷବର୍ଷର ଛାତ୍ରୀ ରୋସନ ପରୱିନ୍‌ଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

# ସମାଜସେବୀ ଫକୀର ଚରଣ ଜେନାଙ୍କ ପରଲୋକ

**ରାଜନଗର, ୨୮।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ନୂଆଗାଁର ବିଶିଷ୍ଟ ସମାଜସେବୀ ଫକୀର ଚରଣ ଜେନାଙ୍କର ୮୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଜେନା ପ୍ରବାଦ ପୁରୁଷ ବିଜୁବାବୁ, ଭୂମିପୁତ୍ର ନଳିନୀକାନ୍ତ ମହାନ୍ତିଙ୍କ ଏକାନ୍ତ ଅନୁଗତ ଥିଲେ। ସତୁରୀ ଦଶକରେ ବିଜୁ ବାବୁ ରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ପ୍ରାର୍ଥୀ ହେବା ଠାରୁ ବିଜୟ ପର୍ଯ୍ୟନ୍ତ ବିଜୁ ବାବୁଙ୍କ ବିଜୟ ଧାରାରେ ସ୍ୱର୍ଗତ ଜେନାଙ୍କ ତ୍ୟାଗ, ନିଷ୍ଠା, କର୍ତବ୍ୟବୋଧକୁ ବିଜୁ ବାବୁ ସମ୍ମାନ ଜଣାଇ ଆସୁଥିଲେ। ପରବର୍ତୀ ସମୟରେ ନଳିନୀ ବାବୁ ଏଠାରୁ ନିର୍ବାଚନ ମଇଦାନରେ ପଦାର୍ପଣ ପରେ ତାଙ୍କର ମଧ୍ୟ ବେଶ୍ ପ୍ରଶଂସକ ଥିଲେ। ସ୍ୱର୍ଗତ ଜେନା ଏକାଧାରାରେ ଜଣେ ସମାଜସେବୀ, ଧର୍ମପ୍ରାଣ, ନୀତିବାନ ଓ କର୍ତବ୍ୟନିଷ୍ଠ ବ୍ୟକ୍ତି ଭାବେ କେବଳ କଣ୍ଡିରାରେ ନୁହେଁ, ବରଂ ରାଜନଗର ଅଞ୍ଚଳରେ ବେଶ ସୁଖ୍ୟାତି ଅର୍ଜନ କରିଥିଲେ। ଆଜି ତାଙ୍କ ମରଶରୀରକୁ କଣ୍ଡିରା ପଞ୍ଚାୟତର ବିଭିନ୍ନ ସ୍ଥାନ ପରିକ୍ରମା ପରେ ଜଳିଛକ ନିକଟରେ ବହୁ ମାନ୍ୟଗଣ୍ୟ ବକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଫିସରେ ମଦ ପିଇବା ଘଟଣା

# ରବୀନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

**କେନ୍ଦ୍ରାପଡ଼ା, ୨୮।୯ (ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଓଏଲଏମ କର୍ମଚାରୀ ରବୀନ୍ଦ୍ର ପଢ଼ିହାରୀ ମଦ୍ୟପାନ କରିଥିବା ଦୃଶ୍ୟ ପଦାକୁ ଆସିବା ଏହା ପରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହିତ ବାରମ୍ବାର ଏନେଇ ଖବର ପ୍ରକାଶିତ ହେବାର ସାତଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିରବତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଗତ ୨୧ତାରିଖ ଦିନ ଓଡ଼ିଶା ଜୀବିକା ମିଶନ କର୍ମଚାରୀ କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ

**ଏବିଡ଼ିଓ ଘଟଣାର କରୁଥିଲେ ତଦନ୍ତ**

**ତଦନ୍ତ ରିପୋର୍ଟ ନେଇ ବିଡ଼ିଓଙ୍କୁ ପ୍ରଶ୍ନ କଲେ ମିଳୁନି ଉତ୍ତର**

ଖୁଲମ ଖୋଲା ଅତି ରାଜକୀୟ ଢଙ୍ଗରେ ଚେୟାର ଉପରେ ବସି ପାଖ ଟେବୁଲ୍ ଉପରେ ମଦ ବୋତଲ, ଗ୍ଲାସ ଏବଂ ସାଙ୍ଗରେ ଚାଖଣା ରଖି ମଦ ପିଉଥିବା ଦୃଶ୍ୟ 'ସଂଚାର' ହାତରେ ଲାଗିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶିତ ହେବାପରେ ଚେତିଲାନି ପ୍ରଶାସନ ।

ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ହେବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ସୂଚନା ଦେଇଥିଲେ । ଏହାର ପରଦିନ କେନ୍ଦ୍ରାପଡ଼ା ବିଡ଼ିଓ ବନ୍ଦନା ଖଟୁଆ ଏବିଡ଼ିଓ ଅନିରୁଦ୍ଧ ବେହେରାଙ୍କୁ ଘଟଣାର ତଦନ୍ତ କରି ଦୁଇ ଦିନରେ ରିପୋର୍ଟ ଦେବାଲାଗି ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ଏନେଇ ଏବିଡ଼ିଓ ଅନିରୁଦ୍ଧ ବେହେରାଙ୍କ ରିପୋର୍ଟ ଦାଖଲ ପରେ କାହିଁକି ନିଆଗଲାନି କାର୍ଯ୍ୟାନୁଷ୍ଠାନ ସେନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଘଟଣାକୁ ନେଇ ତଦନ୍ତ କରିବା ରିପୋର୍ଟ ଦାଖଲ କରିବା ପରେ ମଧ୍ୟ କେଉଁଠି ନା କେଉଁଠି ବ୍ଲକ ପ୍ରଶାସନ ସଂପୃକ୍ତ କର୍ମଚାରୀଙ୍କୁ ଘଣ୍ଟଘୋଡ଼ାଉଥିବା ଅଭିଯୋଗ ହେଉଛି ।

ତେବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଫଟୋକୁ ନେଇ ବ୍ଲକ ପ୍ରଶାସନକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା



ବେଳେ ଗଣମାଧ୍ୟମକୁ ଉତ୍ତର ଦେଉନାହାନ୍ତି ବିଡ଼ିଓ । ଅଫିସ ଭିତରେ ମଦ ପିଇବା ଘଟଣାକୁ ନେଇ ଦୁଇଦିନ ତନାଘନା ହୋଇଥିବା ବେଳେ ଗୁରୁବାର ଶୀତଳ ପଡ଼ିଯିବା ନେଇ ନିରପେକ୍ଷତା ତଦନ୍ତ ଉପରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଯଦି ଏହି ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ସମସ୍ତ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ମଦ୍ୟପାନ କରିବାର ସୁଯୋଗ ପାଇବେ ବୋଲି ଆଲୋଚନାର ପ୍ରସଙ୍ଗ ପାଲଟିଛି ।



# ଦୋକାନ ଉପରେ ମାଡିଗଲା ଟ୍ରକ୍ ଅଳ୍ପକେ ବର୍ତ୍ତିଲେ ଲୋକେ

**କେନ୍ଦ୍ରାପଡ଼ା, ୨୮।୯ (ସଂଚାର ବ୍ୟୁରୋ):** ରାସ୍ତା କଡ଼ରେ ଖୋଲିଥିବା ଜଳଖିଆ ଦୋକାନ ଉପରେ ମାଡିଗଲା ୧୪ଚକିଆ ଟ୍ରକ। ମରଣ ମୁହଁରୁ ଅଳ୍ପକେ ବର୍ତ୍ତିଲେ ଦୋକାନ ମାଲିକ ସହିତ ୩ଜଣ ଲୋକ । ଏପରି ଏକ ଅଭବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥର ବଉଦ ଛକରେ ।

ସୂଚନା ମୁତାବକ ଗତକାଲି ଭୋର ୪ଟା ସମୟରେ ଦୋକାନ ମାଲିକ ଦୈତାରୀ ସାହୁ ଦୋକାନ ଖୋଲି ଖାଦ୍ୟ ସାମଗ୍ରୀ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରୁଥିଲେ । ପାରାଦ୍ୱୀପ ପଟୁ ଏକ ୧୪ଚକିଆ ଟ୍ରକ ଦ୍ରୁତ ଗତିରେ ଆସି ହଠାତ୍ ଦୋକାନ ଉପରକୁ ମାଡିଯାଇଥିଲା। ଦୋକାନ ଭିତରେ ଥିବା ମାଲିକ ଦୈତାରୀ ଜଣେ ଦିବ୍ୟାଙ୍ଗ ଯୁବକ ହୋଇଥିବା ବେଳେ ବହୁତ କଷ୍ଟରେ ନିଜର ଜୀବନ ବଞ୍ଚାଇଥିଲେ। ଦୋକାନରେ ଥିବା ଅନ୍ୟ ଦୁଇଜଣ ଦୈତାରୀଙ୍କ ସମ୍ପର୍କୀୟ ଦୋକାନ ଭିତରୁ ବାହାରିଯାଇ ନିଜର ଜୀବନ ମଧ୍ୟ ବଞ୍ଚାଇଥିଲେ । ଟ୍ରକ ମାଡିଯିବାରୁ ଦୋକାନ ମାଲିକ ଦିବ୍ୟାଙ୍ଗ ଯୁବକ ଦୈତାରୀଙ୍କ ସାଙ୍ଗରେ ଥିବା ଦୁଇଜଣ ସମ୍ପର୍କୀୟ ମଧ୍ୟ ଅଳ୍ପକେ ବଂଚି ଯାଇଛନ୍ତି। ଟ୍ରକ୍ ମାଡିଯିବାରୁ ଦିବ୍ୟାଙ୍ଗ ଯୁବକ ଦୈତାରୀଙ୍କର ଟ୍ରାଇସାଇକେଲ ସହିତ ଲକ୍ଷାଧୀକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇ ଯାଇଛି। ଦୁର୍ଘଟଣାରେ ଦୋକାନ ଭାଙ୍ଗିଯିବା ପରେ ଦୈତାରୀ ଏବେ ଚିନ୍ତାରେ ପଡିଛନ୍ତି କିପରି ଚଳାଇବେ ପରିବାର। ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭରକୁ ଅଟକ ରଖିଥିବା ଜଣାପଡିଛି ।

# ୬ ଆଦିବାସୀ ପରିବାରକୁ ସହାୟତା

**ବାଲିଚନ୍ଦ୍ରପୁର, ୨୮।୯ (ସଂଚାର ବ୍ୟୁରୋ):** ଲଘୁଚାପ ଜନୀତ ଲଗାଣ ବର୍ଷାରେ ଯାଜପୁର ଜିଲ୍ଲା ବଡ଼ଚଣାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଘରୁ ବାହାରିବା କଷ୍ଟକର ଥିଲା। ଯାହାର କିଛି ଘରେ ଖାଦ୍ୟ ପଦାର୍ଥ ଥିଲା ସେମାନେ ତିନି ଚାରିଦିନ ଚଳିଗଲେ। ମାତ୍ର ମଞ୍ଜରୀୟା ଦୈନିକ ମୂଲ ଲାଗିଲେ ଖାଦ୍ୟ ଯୋଗାଡ଼ କରନ୍ତି। ଲଗାଣ ବର୍ଷା ଯୋଗୁଁ ସେମାନେ ଭୋକ ଓପାସରେ ପରିବାର ସହ ଦିନ କାଟିଲେ। ଏପରି ଅବସ୍ଥା ଦେଖିବାକୁ ମିଳିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ନିକଟରେ ରହୁଥିବା ଛଅ ଆଦିବାସୀ ପରିବାରଙ୍କ ମଧ୍ୟରେ। ଛୋଟଛୋଟ ପିଲାମାନଙ୍କୁ ଧରି ପରିବାର ସହ ରହୁଥିବା ସାବି ମୁଣ୍ଡା, ସୁନିଲ ନାୟକ, ପାପୁନ ନାୟକଙ୍କ ସମେତ ଛଅ ଗୋଟି ପରିବାର ଲଗାଣ ବର୍ଷା କାରଣରୁ ମୂଲପାତି ନପାଇ ଓପାସରେ ରହୁଥିଲେ। ଖରବ ପାଇ ଟିମ ଏକତା ଚାରିନଙ୍ଗଳ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କ ନିକଟରେ ପହଞ୍ଚି କିଛି ସୁଖିଲା ଖାଦ୍ୟ ସାଙ୍ଗକୁ ରାସନ ସାମଗ୍ରୀ ଯୋଗାଇଦେଇଛନ୍ତି। ଏଥିନେଇ ଉକ୍ତ ପରିବାର ମାନଙ୍କରେ ଖୁସିର ଲହରି ଖେଳିଯାଇଛି। ଟିମ୍ ଏକତା ପକ୍ଷରୁ ସମ୍ପାଦକ ସେକ୍ ଅବୁସଓ୍ୱାଲେ, ସେକ୍ ଇକ୍‌ବାଲ ହୁସେନ୍, ସମସୁଦ୍ଦିନ୍ ଖାନ, ସେକ୍ ଇଜାଜ୍ ଓ ବାବର ବାଦସା ପ୍ରମୁଖ ପହଞ୍ଚି ସହାୟତା ପ୍ରଦାନ କରିଥିଲେ।





# ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ରାଜନଗର, ୨୮।୯ (ସଂଚାର ବ୍ୟୁରୋ):** ଆଜି ରାଜନଗର ମଣ୍ଡଳ ଶିକ୍ଷା ତରଫରୁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବେ ମଣ୍ଡଳ ସମ୍ବଳ ସଂଯୋଜିକା ଭକ୍ତିଲତା ବାରିକ, ସ୍ୱେଚ୍ଛାସେବୀ ସଂଗଠନ ସିନ୍ଧୁକା ଫାଉଣ୍ଡେସନ ସଭାପତି ବିକ୍ରମ କେଶରୀ ବିଶ୍ୱାଳ, ସମ୍ପାଦକ ରଶ୍ମୀ ରଞ୍ଜନ ସେଠୀ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ ଏବଂ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାଧିକାରୀ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ମାର୍ଗଦର୍ଶନ କରିବା ସହିତ ଏହାର ସଫଳତା କାମନା କରିଥିଲେ। ରାଜନଗର ଶିକ୍ଷାମଣ୍ଡଳରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରାଥମିକ ଶିକ୍ଷାର ଭିତିଭୂମି ସୁଦୃଢ କରି ଏଫ.ଏଲ.ଏନ. କୁ ଶତପ୍ରତିଶତ ସଫଳ କରିବା ସହ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଫଳ କରିବା ସାମୁହିକ ଶପଥପାଠ କରିଥିଲେ।

## ମାଉଣ୍ଟଆବୁରେ ଜାତୀୟ ସାମ୍ବାଦିକ ସମ୍ମିଳନୀ

# ଓଡ଼ିଶାରୁ ୪୦ ଜଣଙ୍କ ଯୋଗଦାନ

**ଅସ୍ତରଙ୍ଗ, ୨୮।୯ (ସଂଚାର ବ୍ୟୁରୋ):** ରାଜସ୍ଥାନର ମାଉଣ୍ଟଆବୁ ଠାରେ ପ୍ରଜାପିତା ବ୍ରହ୍ମକୁମାରି ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆନନ୍ଦ ସରୋବ ରାହ ଅଡ଼ିଟୋରିୟମ ଠାରେ ଜାତୀୟ ଗଣମାଧ୍ୟମ ସମ୍ମିଳନୀ ୨୦୨୪ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ ଜାତୀୟ ସାମ୍ବାଦିକ ସମ୍ମିଳନୀରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ, ଶୁକ୍ରବାର ଦିନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଡକ୍ଟର ଏମ୍ ମୁରଗନ ସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହି ବିଶାଳ ଗଣମାଧ୍ୟମ ସମ୍ମିଳନୀକୁ ପ୍ରଦୀପ ପ୍ରଜ୍ୱୋଳନ କରି ଉଦ୍‌ଘାଟନ କରିଥିଲେ। ଭଉଣି ଡି କେ ଚନ୍ଦ୍ର କଳା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ଭଉଣୀ ଡି କେ ସିଲୁ, ବି କେ ସରଳା, ଭାଇ ବିଷ୍ଣୁ ପ୍ରକାଶ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ମିଡ଼ିଆ କୋ ଡିନେଟର ତଥା ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଞ୍ଚଳର ପୁଅ ଡକ୍ଟର ବିକେ ଶାନ୍ତନୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଡକ୍ଟର ମାନସିଂହ ପରମାର ମୁଖ୍ୟ ବକ୍ତା ଭାବେ ଯୋଗଦେଇ



ସମାଜରେ ଗଣମାଧ୍ୟମର ଭୂମିକା କଣ ସେ ବିଷୟରେ ଆଲୋକପାତ କରିଥିଲେ।

ବ୍ରହ୍ମକୁମାରୀ ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡକ୍ଟର ଦାଦି ରତନ ମୋହିନୀ, ଯୋଗଦାନ କରି ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ମୁରଗାନ, ସୁଖି ସମାଜ ଗଠନ ଦିଗରେ ଗଣ ମାଧ୍ୟମର ଭୂମିକା ବିଷୟ ନେଇ ଆଲୋଚନା କରିବା ସହ ଆଧ୍ୟାତ୍ମିକ ମାଧ୍ୟମରେ ସମାଜର ସୁଖି ସୁସ୍ଥ ସମାଜ ଗଠନ ହୋଇ ପାରିବ ଓ ଅଶ୍ଲୀଳ ମୁକ୍ତ ଭାରତ ସହ ବିକଶିତ ଭାରତ ଗଠନରେ ଗଣମାଧ୍ୟମ ମାନେ କାର୍ଯ୍ୟ କରି, ସକାରାତ୍ମକର ପ୍ରକାଶ ପାଇଁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀ ୬ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ, ଭାରତ ଓ ନେପାଳ ଦେଶର ୧୦୦୦ ପ୍ରତିନିଧି ଯୋଗ ଦାନ କରିଛନ୍ତି ଓ କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘ ଓଡ଼ିଶାର ସମ୍ପାଦକ ରାଜକିଶୋର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ, ସାମ୍ବାଦିକ ଆରତ ମହାନ୍ତି, ଜୟସେନ ପରିଡ଼ା, ପ୍ରଭାକର ଶିରୋମଣିଙ୍କ ସମେତ ଓଡ଼ିଶାର ୪୦ଜଣ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦାନ କରିଛନ୍ତି । ଏହି ସବୁ କାର୍ଯ୍ୟକ୍ରମକୁ ତଦାରଖ ସହ ସାହାଯ୍ୟ ସହଯୋଗର ହାତ ବଢ଼ାଇଛନ୍ତି ସେହି ପୁରୀ ଜିଲ୍ଲା କାକଟପୁର ମାଟିର ଅନ୍ୟତମ ସନ୍ତାନ ବି କେ, ସୁରେନ୍ଦ୍ର।




# ବିରଜା ହାଇସ୍କୁଲ ପରିସରରେ ସଫେଇ କାର୍ଯ୍ୟକ୍ରମ

**ଯାଜପୁର, ୨୮।୯ (ସଂଚାର ବ୍ୟୁରୋ):** ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ହାଇସ୍କୁଲ ପରିସରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମ ବିରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା କାର୍ଯ୍ୟାରି ହୋଇଥିଲା ବେଳେ ସହାକାରୀ ଶିକ୍ଷକ ଜେଆର ଖାନ୍ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାରେ ସହାକ ହୋଇଥିଲେ। ଉକ୍ତ ସଫେଇ କାର୍ଯ୍ୟକ୍ରମକୁ ଏନ୍.ସି.ସି ପିଲାଙ୍କୁ ଦ୍ୱାରା ସମ୍ପାଦିତ ହୋଇଥିବାରୁ ଏନ୍.ସି.ସି. ପିଲାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ତତ୍‌ପରେ ଏକ ଗ୍ରୁପ ଡ୍ୟାନ୍ସ ହୋଇଥିଲେ ଏଥିରେ କୃତି ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଉକ୍ତ ସଫଇ କାର୍ଯ୍ୟକ୍ରମରେ ସମାଜସେବୀ ଧନଞ୍ଜୟ ପୃଷ୍ଟି ଯୋଗଦେଇଥିଲେ।

## ରଘୁନାଥପୁର ବ୍ଲକ ପରିସରରୁ ସୁଭଦ୍ରା ବ୍ୟାନର ଉଭାନ ଘଟଣା

# ବିଜେପି ସଭାପତିଙ୍କୁ ଭେଟି ଅଭିଯୋଗ କଲେ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି

**ଜଗତସିଂହପୁର,୨୮।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ସୁଭଦ୍ରା ଯୋଜନା ସମ୍ପର୍କରେ ଜନସାଧାରଣ ବିଶେଷକରି ମହିଳାମାନଙ୍କ ଜାଣିବା ପାଇଁ ଓ ସେ ସମ୍ପର୍କରେ ଅବଗତ ହେବାପାଇଁ ରଘୁନାଥ ବ୍ଲକ ପରିସରରେ ଏକ ବିଶାଳ ସୁଭଦ୍ରା ଯୋଜନା ସମ୍ପର୍କିତ ବ୍ୟାନର ଲଗାଯାଇଥିଲା ଯାହାକୁ କେହି ଦୁର୍ବୃତ୍ତ ବା କୁଚକ୍ରୀ ଗୋଷ୍ଠୀ ଉକ୍ତ ବ୍ୟାନରକୁ ନେଇଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ମଧ୍ୟ ରଘୁନାଥପୁର ଥାନାରେ ଅଭିଯୋଗ କରାଯାଇଛି । ଏହା ଏକ ନିନ୍ଦନୀୟ ଘଟଣା ଏବଂ ବିଜେପି ଦଳ ପାଇଁ ଏକ ପ୍ରକାର ଷଡଯନ୍ତ୍ର ଥିବାରୁ ସିଧାସଳଖ ଭାବେ ବିରୋଧୀ ଦଳର କିଛି କୁଜି ନେତାଙ୍କ ଏହା ପଛରେ ହାତଥିବା ଅଭିଯୋଗ



ହୋଇଛି। ଏ ସମ୍ପର୍କରେ ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ତଥା ତିର୍ତୋଲ ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁବୋଧ ବାରିକ ବିଶେଷସୂତ୍ରରୁ ଖବର ପାଇବା ପରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଉକ୍ତ ଘଟଣା ବିଷୟରେ ଆଲୋଚନା କରିବା ସହ ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଅନ୍ୟପଟେ ବ୍ଲକରେ ଅନୁଷ୍ଠିତ ହୋଇଯାଇଥିବା ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ବ୍ଲକ ସ୍ତରରେ ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜନ କରାଯାଇଥିଲା। ଏହା ଏତେ ଉତ୍ସାହଜନକ ନଥିଲା ବୋଲି ଶ୍ରୀ ବାରିକ ମଧ୍ୟ କହିଇଛନ୍ତି । ଏଥିସହ ଉକ୍ତ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ସହ ବିଜେପି କର୍ମକର୍ତ୍ତାମାନେ ଜନତାଙ୍କ ନିକଟତର ହୋଇ ରାଜ୍ୟରେ ସରକାରଙ୍କ ୧୦୦ ଦିନର ଜୟଯାତ୍ରାରେ ବିଭିନ୍ନ ଯୋଜନା ଓ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହାଛଡା ଆଗାମୀ ଦିନରେ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ସହ ଜନକଲ୍ୟାଣ କାର୍ଯ୍ୟ ବଜାଇ ରଖାଯିବ ବୋଲି ଜିଲ୍ଲା ଓବିଶି ମୋର୍ଚ୍ଚାର ସଭାପତି ଶ୍ରୀ ବାରିକ ସୂଚନା ପ୍ରଦାନ କରିଥିଲେ।




# କବିବର ରାଧାନାଥଙ୍କ ଜୟନ୍ତୀ ପାଳିତ

**ବାଲେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** କବିବରଙ୍କ ପୈତୃକ ସମ୍ପତ୍ତି ଉପରେ ଗଢ଼ି ଉଠିଥିବା ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ କବିବରଙ୍କ ୧୭୭ତମ ଜୟନ୍ତୀ ସଭାପତି ତଥା 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଉପସ୍ଥିତ ସାହିତ୍ୟିକ ଓ ଛାତ୍ରଛାତ୍ରୀମାନଙ୍କୁ କବିବରଙ୍କ ଭଳି ମହାନ୍ ପୁରୁଷଙ୍କ ପୂଜ୍ୟପୂଜା କରିବା ସମାଜ ପକ୍ଷେ ମଙ୍ଗଳକର ହେତୁ ଏହି ପରମ୍ପରା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ଦେବାଶିଷ ପାତ୍ର ଉଦାହରଣ ଦେଇ କହିଲେ ଯେ, ରାଧାନାଥଙ୍କ ଚିଲିକା କାବ୍ୟ ଓ ମହାଯାତ୍ରା ମହାକାବ୍ୟ ତଙ୍କୁ ଅମରତ୍ୱ ପ୍ରଦାନ କରିଛି। ତାଙ୍କ ଦ୍ୱାରା ବିପୁଳ ପାଠ୍ୟ ପୁସ୍ତକ ରଚନା ଓଡ଼ିଆ ଜାତିକୁ ଛିଡ଼ା କରାଇ ପାରିଥିଲେହେଁ ଏହା ଅନାଲୋଚିତ ହୋଇ ରହିଯାଇଥିବାରୁ କ୍ଷୋଭ ପ୍ରକଟ କରିଥିଲେ। ସମ୍ମାନିତ ବକ୍ତା ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ରାଧାନାଥଙ୍କ ଚନ୍ଦ୍ରଭାଗା, ଉଷା ଓ କୌଶଲ୍ୟା ନାରୀ ଚରିତ୍ର ଉପରେ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। ଡ. ଅରବିନ୍ଦ ଗିରି ଗଡ଼ଗଡ଼ିଆ ଆଡ଼ିରେ ରାଧାନାଥ, ଫକୀରମୋହନ ଓ ମଧୁସୂଦନ ଓଡ଼ିଆ ଜାତିର ସାରସ୍ୱତ ଓ ସାଂସ୍କୃତିକ ଭବିଷ୍ୟତ କିଭଳି ଉଜ୍ଜ୍ୱଳ ହେବ ଚିନ୍ତନ କରିବା ସଂଗେ ରାଧନାଥଙ୍କ ଜାତୀୟତା, ସ୍ୱଦେଶ ପ୍ରୀତି ଓ ସାହିତ ସାଧନା ଅତୁଳନୀୟ ଥିଲା ବୋଲି ଉଦାହରଣ ଦେଇଥିଲେ। ଏହି ଅବସରରେ ଅରବିନ୍ଦ ଗିରିଙ୍କ 'ଚିଲିକା'କାବ୍ୟ ସଂକଳନ ଓ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ 'ହୁଗୁଳିରେ ରାଧାନାଥ' ପୁସ୍ତକ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ମନସ୍ୱିନୀ ଦେବୀ ମଞ୍ଚ ଆହ୍ୱାନ କରିବା ସହ ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଭାସ୍କର ମିଶ୍ର ବେଦପାଠ କରିଥିବା ବେଳେ ସମ୍ପାଦକ ଅଧ୍ୟାପକ କମଳାକାନ୍ତ ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କଲ୍ୟାଣୀ ନନ୍ଦ ଓ ସାଥୀମାନେ 'ଭାରତ ଗୀତିକା' ସର୍ବେଷାଂ ନୋ ଜନନୀ..ଗାନ କରିଥିଲେ। ଅଧ୍ୟକ୍ଷ ଡ. ନିରଞ୍ଜନ ଦାଶ ରାଧାନାଥଙ୍କ ଗୁରୁଭକ୍ତି ଓ ଉଦାର ଚରିତ୍ରର ଉଦାହରଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳଗିରି ମହିଳା ଡ଼ିଗ୍ରୀ କଲେଜରେ ରାଧାନାଥ ଜୟନ୍ତୀ

**ନୀଳଗିରି, ୨୮।୯ (ସଂଚାର ବ୍ୟୁରୋ):** ରାଧାନାଥ ଜଣେ ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା। ଶାଶ୍ୱତପ୍ରଣୟ ସ୍ନିଗ୍ଧ କାହାଣୀ କେଦାରଗୌରୀ, ବିୟୋଗାତ୍ମକ କାବ୍ୟ ଚନ୍ଦ୍ରଭାଗା, ସାରସ୍ୱତ ସାଧନାର ବାଣୀ ପାର୍ବତୀ, ଭାରତୀୟ ନାରୀତ୍ୱର କ୍ରାନ୍ତିକାରୀ ସୃଷ୍ଟି ନନ୍ଦିକେଶରୀ, ଉତ୍କଳୀୟ ଚେତନାର ଓ ପ୍ରକୃତିର କମନୀୟ ଆଲେଖ୍ୟ ଚିଲିକା, ବ୍ୟଙ୍ଗଧର୍ମୀ ସାର୍ଥକ ମଉନ ପ୍ରତିବାଦ ଦରବାର, ପ୍ରତିଭାର ଜୟଯାତ୍ରା ମହାଯାତ୍ରା ପ୍ରଭୃତି କାବ୍ୟକବିତା ଓଡିଆ ସାରସ୍ୱତ ଜଗତରେ ଗୋଟିଏ ଗୋଟିଏ ଅମୂଲ୍ୟଗ୍ରନ୍ଥବୋଲି କବିବରଙ୍କ ଜୟନ୍ତୀରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଗୃହ ବିଜ୍ଞାନର ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ମମତା ବରାଳ ମୁଖ୍ୟଅତିଥି, ଓଡ଼ିଆ ବିଭାଗର ପ୍ରମୁଖ ଅଧ୍ୟାପିକା ଡ. ଶିବାନୀ ଡଗର, ସମ୍ମାନିତ ବକ୍ତା ଡ. ହରିପଦ ଦାଶ, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ବକ୍ତା ଜୁନିୟର ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଶ୍ରୀଯୁକ୍ତ ସତ୍ୟରଞ୍ଜନ ମିଶ୍ର ପ୍ରମୁଖ ପ୍ରକାଶ କରିଥିଲେ ।

## ବିଭାଗୀୟ ଅପାରଗତାର ନଗ୍ନ ଚିତ୍ର

# ଇଏ ରାଜ୍ୟ ରାଜପଥ ନା ଆଉ କ'ଣ ?

**ରାଜକନିକା, ୨୮।୯ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଜୟନଗରରୁ ଯାଜପୁର ୨୦ ନମ୍ବର ରାଜ୍ୟ ରାଜପଥର ନହୁଣୀ କଲଭର୍ଟ ମୁଖ୍ୟ ରାସ୍ତା ବିଭାଗୀୟ ଅବହେଳା ଯୋଗୁଁ ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି। ଅଥଚ ବିଭାଗୀୟ ଅଣଦେଖା ଯୋଗୁଁ ହଜାର ହଜାର ଲୋକ ହିନସ୍ତା ଭୋଗୁଛନ୍ତି। ସୂଚନା ଅନୁସାରେ ସବୁବେଳେ ବିବାଦରେ ରହୁଥିବା ଏହି ପୂର୍ତ୍ତବିଭାଗ ରାସ୍ତା ପ୍ରତି ଚରମ ଅବହେଳା ଏବେ ଜନସାଧାରଣଙ୍କ ପାଇଁ ଘାତକ ସାଜିଲାଣି। ଅଥଚ ଠିକାଦାର ତୁଷ୍ଟିକରଣ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ସାଲିସ୍ ଯୋଗୁଁ ହିଁ ଅଞ୍ଚଳବାସୀ ଦୁଃଖ ପାଉଛନ୍ତି । ହେଲେ ଏତେ ପରେ ବି ବିଭାଗୀୟ ନିରବଦ୍ରଷ୍ଟା ସମସ୍ତଙ୍କୁ ଚକିତ କରୁଛି ।



ଅଭିଯୋଗ ଅନୁସାରେ ଏହି ରାସ୍ତାର ପ୍ରଶସ୍ତିକରଣ କାମ ବି ଚାରି ପାଞ୍ଚ ବର୍ଷ ତଳୁ ସରିଛି। ଅଥଚ ଏ ହେଉଛି ରାସ୍ତାର ବାସ୍ତବ ଚିତ୍ର। ନହୁଣୀ କଲଭର୍ଟର ପୂର୍ବ ଆଉ ପଶ୍ଚିମ ପାଖ ମୁଖ୍ୟରାସ୍ତା ଭାଙ୍ଗିରୁଜି ଯାଇ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ପ୍ରତ୍ୟକ ଦିନ ବି ଘଟୁଛି ଦୁର୍ଘଟଣା। ରାସ୍ତାର ଅବସ୍ଥା ଏମିତି ହେଲାଣି ଇଏ ରାଜ୍ୟ ରାଜପଥ ନା ଆଉ କଣ ଲୋକେ ଜାଣି ପାରୁ ନାହାନ୍ତି। ବଡ଼ ବଡ଼ ଗାତ ଯାହାକି ମରଣଯନ୍ତା ପାଲଟି ଗଲାଣି । ଯଦି ରାସ୍ତା ମରାମତି କରା ନ ଯାଏ ତେବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯିବାର ଆଶଙ୍କା ପ୍ରକାଶ ପାଇଲାଣି। ବିଶେଷ କରି ରାଜକନିକା ବ୍ଲକ, କନିକା ତହସିଲ, ଥାନା, ସ୍କୁଲକଲେଜ, ମେଡିକାଲ ଭଳି ସ୍ଥାନକୁ ଏହି ଅଞ୍ଚଳର ଲୋକେ ପ୍ରତିଦିନ ଯାଆସ କରନ୍ତି। ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଛଡା ଯାତ୍ରୀବାହୀ ବସ୍ ସେବା ବି ଏହି ରାସ୍ତାରେ ହୋଇଥାଏ। ହେଲେ ବିଭାଗୀୟ ଚରମ ଅବହେଳା ଯୋଗୁଁ ଆଜି ରସାତଳକୁ ଚାଲି ଗଲାଣି ଏହି ରାସ୍ତା। ଜିଲ୍ଲାପାଳ ଏଭଳି ଏକ ବ୍ୟସ୍ତବହୁଳ ରାସ୍ତାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ତା ସହିତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସାଧାରଣରେ ଦାବି ହେଉଛି।

### ସୋଆ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ପକ୍ଷରୁ

# ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ବିଶ୍ୱରେ ଶାନ୍ତି ବିନା ପର୍ଯ୍ୟଟନ ସମ୍ଭବ ନୁହେଁ। ଭାରତ ଶାନ୍ତିର ଦୂତ। ଶାନ୍ତି ଓ ମୈତ୍ରୀ ଭାବକୁ ପାଥେୟ କରି ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସ କରେ ଆମ ଦେଶ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ଶୁକ୍ରବାର ଆୟୋଜିତ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଏହି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍), ଗ୍ୱାଲିୟରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସ୍.କେ. ଲେଙ୍କା କହିଥିଲେ ଯେ ଶାନ୍ତି ବିନା ପର୍ଯ୍ୟଟନ ସମ୍ଭବ ନୁହେଁ। ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ପ୍ରସଙ୍ଗ ରହିଛି 'ପର୍ଯ୍ୟଟନ ଓ ଶାନ୍ତି'। ଏହି ପରିପ୍ରେକ୍ଷୀରେ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏହି ପ୍ରସଙ୍ଗ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ପୋଷ୍ଟର, ବକ୍ତୃତା ଓ ରଚନା ପ୍ରତିଯୋଗିତାକୁ ସ୍ୱାଗତ କରିଥିଲେ ପ୍ରଫେସର ଲେଙ୍କା। ଏହି ଅବସରରେ ପିପୁଲ୍ ଗ୍ରୁପ୍ ଅଫ୍ ହୋଟେଲ୍ସର ସିଇଓ ସୁବ୍ରତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପର୍ଯ୍ୟଟନର ସୀମା ବେଶ ପରିବ୍ୟାପ୍ତ।

# ପ୍ରଗତି ପାଇଁ ଶାସନ ବ୍ୟବସ୍ଥା ସ୍ଥିର ରହିବା ଅନିବାର୍ଯ୍ୟ



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ପ୍ରାଚୀନ କଳାକୁ ପର୍ଯ୍ୟଟନ ସହିତ ଯୋଡ଼ାଗଲେ କର୍ମନିଯୁକ୍ତି, ଆର୍ଥିକ ପ୍ରଗତି, ବୈଦେଶିକ ମୁଦ୍ରା ଅର୍ଜନ ସାଂସ୍କୃତିକ ଭାବ ବିନିମୟ ହୋଇପାରିବ। ଏଥିପାଇଁ ଶାସନ ବ୍ୟବସ୍ଥା ସ୍ଥିର ରହିବା ଆବଶ୍ୟକ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଓଡ଼ିଶା ରାଜ୍ୟ ଟୁରିଷ୍ଟ ଗାଇଡ ଆସୋସିଏସନ ତରଫରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି ଯେ, ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରାଯିବାର ଆବଶ୍ୟକତା ରହିଛି। ଏଠାରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରି ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରକୃତିର କୋଳରେ ରହିଛି ସମୁଦ୍ର, ନଦୀ, ବେଳାଭୂମି ଓ ପର୍ଯ୍ୟଟନ ଆଦିର ବିକାଶ କରାଯାଇ କର୍ମନିଯୁକ୍ତି, ହୋଟେଲ ଶିଳ୍ପ ସମୃଦ୍ଧିର ସମ୍ଭାବନା ଥିବାରୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ଓଡ଼ିଶାର ବିକାଶ ନିମିତ୍ତ ମୋଦି ସରକାର ରାଜ୍ୟକୁ ୬ଟି ବନ୍ଦେ ଭାରତ ଟ୍ରେନ ଗମନାଗମନ କ୍ଷେତ୍ରରେ ପ୍ରଗତି ପାଇଁ ଦେଇଛନ୍ତି। ୨୦୩୬ରେ ବିକଶିତ ଓଡ଼ିଶା ନିମିତ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଜରୁରୀ ବୋଲି କହିଛନ୍ତି। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମିଳିତ ଜାତି ସଂଘ ପକ୍ଷରୁ ୧୯୮୦ ମସିହାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହେଉଛି। ଚଳିତବର୍ଷ ଏଥିନିମନ୍ତେ ପର୍ଯ୍ୟଟନ ଓ ଶାନ୍ତିକୁ ବିଶ୍ୱବ୍ୟାପୀ ବାର୍ତ୍ତା ଭାବେ ପ୍ରଚାର କରାଯାଉଛି। ଓଡ଼ିଶାର ପରିଚୟ ହେଉଛି ଶ୍ରୀଜଗନ୍ନାଥ। ଏହାର ଉତ୍ତୁଙ୍ଗ ପର୍ବତ ଶିଖର ଜଙ୍ଗଲ ୪୮୦ କିଲୋମିଟର ବେଳାଭୂମି ଆଦି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୧୮ଟି ସ୍ଥାନକୁ ଅଭୟାରଣ୍ୟର ମାନ୍ୟତା ଦିଆଯିବାର ଯୋଗ୍ୟତା ରହିଛି ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ପର୍ଯ୍ୟଟନକୁ ଏକ ଶାନ୍ତିର କ୍ଷେତ୍ର ଭାବେ ଦର୍ଶାଇ ବର୍ତ୍ତମାନ ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ଯୁଦ୍ଧର ଘନଘଟା ଚାଲିଥିବା ବେଳେ ପର୍ଯ୍ୟଟନ ହିଁ ଶାନ୍ତିର ବାର୍ତ୍ତା ଦେଇପାରିବ। ସ୍ୱାଧୀନତାର ଏକଶହ ବର୍ଷ ପାଳନ ସମୟକୁ ଭାରତ ସମଗ୍ର ବିଶ୍ୱରେ ଶ୍ରେଷ୍ଠ ହେବା ସହ ଓଡ଼ିଶା ମଧ୍ୟ ଶ୍ରେଷ୍ଠ ହେବା ଏଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ ଆହ୍ୱାନ ଜଣାଇଥିଲେ। ବିଶ୍ୱକୁ ପର୍ଯ୍ୟଟନ କ୍ଷେତ୍ରରେ ଆକର୍ଷିତ କଲାଭଳି ଅନେକ ଉପାଦାନ ରହିଛି। ଏହିସବୁ ଅନାଲୋଚିତ କ୍ଷେତ୍ରକୁ ଉଜ୍ଜ୍ୱଳିତ କରିବା ନିମିତ୍ତ ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ପର୍ଯ୍ୟଟନର ପ୍ରଗତି କ୍ଷେତ୍ରରେ ଓଡ଼ିଶାର ଧର୍ମପୀଠ ଗୁଡ଼ିକର ଗୁରୁତ୍ୱ ରହିଥିବା ବେଳେ ପର୍ଯ୍ୟଟକମାନଙ୍କୁ ଉପଯୁକ୍ତ ସୂଚନା ଦେଉଥିବା ଟୁରିଷ୍ଟ ଗାଇଡ୍‌ମାନଙ୍କୁ ସ୍ୱୀକୃତି ମିଳିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ କହିଥିଲେ।



# ଯୁବମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ। ଏହି ଦଳର ସଦସ୍ୟ ସଂଖ୍ୟା ଏବେ ୧୮ କୋଟିରୁ ଉର୍ଦ୍ଧ୍ୱ। ଏହି ଦଳ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଓ ଦେଶ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସାରା ବିଶ୍ୱର ଅର୍ଥନୀତି ତଳକୁ ଖସୁଥିବାବେଳେ ମୋଦିଜୀଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ବଢ଼ିଛି। ତାଙ୍କ ନେତୃତ୍ୱରେ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱ ଅର୍ଥବ୍ୟବସ୍ଥାରେ ୧୧ତମ ସ୍ଥାନରୁ ପଞ୍ଚମ ସ୍ଥାନକୁ ଉଠିପାରିଛି। ଆଗାମୀ ଦିନରେ ଭାରତ ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି। ମୋଦିଜୀ "୨୦୪୭ ବିକଶିତ ଭାରତ" ଓ "୨୦୩୬ ବିକଶିତ ଓଡ଼ିଶା" ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଜିର ଯୁବ ସମାଜ ଏହାର ନେତୃତ୍ୱ ନେବେ। ଏନେଇ ଯୁବକମାନଙ୍କୁ ଦଳରେ ସାମିଲ କରି ଦେଶକୁ ଆଗେଇ ନେବାକୁ ଯୁବମୋର୍ଚ୍ଚା ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ମାର୍ଗଦର୍ଶନରେ ରାଜ୍ୟ କାର୍ଯ୍ୟାଳୟରେ ଆଜି ରାଜ୍ୟ ଯୁବ ମୋର୍ଚ୍ଚା ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

## ଟ୍ୱିନ୍ ସିଟି କ୍ରାଇମ୍

# ୫୭ ମଦୁଆଙ୍କ ଠାରୁ ୨୮ ହଜାର ଜୋରିମାନା ଆଦାୟ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ପାର୍ବଣ ଋତୁ କୁ ଆଖି ଆଗରେ ରଖି ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ନିମନ୍ତେ ଡିସିପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧରେ ଧରପଗଡ଼ ଅଭିଯାନ କଡାକଡି ଭାବେ କରାଯାଇଅଛି। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାରେ ଥିବା ପ୍ରତ୍ୟେକ ଥାନାର ବଛାବଛା ଅଫିସର, କର୍ମଚାରୀ, ପିଓପିଡ଼ି ଓ ଟୀମ-୬୦ର ମିଳିତ ପ୍ରୟାସରେ ତଥା ସମ୍ପୃକ୍ତ ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧରପଗଡ଼ ଅଭିଯାନ ପରିଚାଳିତ ହେଉଥିବା ବେଳେ, ବିଭିନ୍ନ ଥାନା ପରିସର ଅଞ୍ଚଳରେ ଥିବା ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ବିଭିନ୍ନ ଖଟି/ଆଡ୍ଡା ତଥା ଯାନବାହାନ ଯାଞ୍ଚ କରାଯିବା ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ଧରପଗଡ଼ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଜୋରିମାନା ମଧ୍ୟ ଆଦାୟ କରାଯାଇଅଛି। ଏହି କ୍ରମରେ ଗତ କାଲି ସନ୍ଧ୍ୟାରେ କ୍ୟାପିଟାଲ ଥାନା, ଖାରବେଳନଗର ଥାନା, ଭରତପୁର ଥାନା, ଲକ୍ଷ୍ମୀସାଗର ଥାନା, ବଡ଼ଗଡ଼ ଥାନା, ମୈତ୍ରୀବିହାର ଥାନା, ନୟାପଲ୍ଲୀ ଥାନା, ଖଣ୍ଡଗିରି ଥାନା, ଚନ୍ଦ୍ରଶେଖରପୁର ଥାନା ଓ ଇନଫୋସିଟି ଥାନା ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଭାବେ ଧରପଗଡ଼ କରାଯାଇଥିଲା। ଏହି ଧରପଗଡ଼ ଅଭିଯାନ ସମୟରେ ମୋଟ ୫୭ଜଣ ନିୟମ ଖିଲାଫ କାରୀଙ୍କୁ ବିଭିନ୍ନ ଥାନାରେ ଅଟକ ରଖାଯାଇଥିବା ବେଳେ, ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ୍ ଅନୁଯାଇ ମୋଟ ୨୮ ହଜାର ୫୦୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରାଯାଇଥିଲା। ଭୁବନେଶ୍ୱରରେ ପୁଲିସ ତରଫରୁ ଏହିଭଳି ଧରପଗଡ଼ ଅଭିଯାନ ଆଗକୁ ମଧ୍ୟ ନିୟମିତ ଭାବେ ଜାରିରହିବ।

# ରବିବାର ଗୁଜରାଟ ଯିବେ ୫ ନିଲମ୍ବିତ ପୁଲିସ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଭରତପୁର ଥାନାରେ କ୍ୟାପଟେନ୍ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ନିଲମ୍ବିତ ଆଇଆଇସିଙ୍କ ସମେତ ୪ ପୁଲିସ କର୍ମଚାରୀଙ୍କ ହେବ ପଲିଗ୍ରାଫ୍ ଟେଷ୍ଟ୍। ଏଥି ନିମନ୍ତେ ସେମାନଙ୍କୁ ଧରି ରବିବାର ଗୁଜରାଟ ଯିବ କ୍ରାଇମବ୍ରାଞ୍ଚ ଟିମ। ସୋମବାର ଭରତପୁର ଥାନାର ନିଲମ୍ବିତ ଥାନା ଅଧିକାରୀଙ୍କର ପଲିଗ୍ରାଫ୍, ବ୍ରେନ୍ ମ୍ୟାପିଂ ଓ ନାର୍କ ଟେଷ୍ଟ କରାଯିବ। ଏଥିସହ ଅନ୍ୟ ୪ଜଣ ପୁଲିସ ଅଧିକାରୀଙ୍କର ମଧ୍ୟ ଗୁଜରାଟରେ ପଲିଗ୍ରାଫ୍ ଟେଷ୍ଟ କରାଯିବ। ଟେଷ୍ଟ ରିପୋର୍ଟ ଆସିବା ପରେ ପୁଲିସ କେତେ ସତ କହୁଛି ତାହା ଉପରୁ ପରଦା ହଟିବ। ପୂର୍ବରୁ ନିଲମ୍ବିତ ଆଇଆଇସିଙ୍କ ପଲିଗ୍ରାଫ୍, ବ୍ରେନ୍ ମ୍ୟାପିଂ ଓ ନାର୍କ ଟେଷ୍ଟ ନିମନ୍ତେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଅନୁମତି ପ୍ରଦାନ କରି ସାରିଛନ୍ତି। ଏହାପରେ ଅନ୍ୟ ୪ଜଣଙ୍କ ପଲିଗ୍ରାଫ୍ ଟେଷ୍ଟ ନିମନ୍ତେ ଶୁକ୍ରବାର କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଆବେଦନ ହୋଇଥିଲା। ଏଥିନିମନ୍ତେ ମଧ୍ୟ ଗତକାଲି ଅନୁମତି ମିଳିସାରିଛି। ଏହି ୪ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ନିଲମ୍ବିତ ହୋଇଥିବା ଜଣେ ମହିଳା ସବ୍ ଇନ୍ସପେକ୍ଟର ଓ ୨ମହିଳା ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର। କିନ୍ତୁ ନିଲମ୍ବିତ କନଷ୍ଟେବଲଙ୍କର କୌଣସି ଟେଷ୍ଟ କରାଯିବ ନାହିଁ। ସୂଚନା ଯୋଗ୍ୟଯେ, ଭୁବନେଶ୍ୱରର ଭରତପୁର ଥାନାରେ ଜଣେ କ୍ୟାପଟେନ୍ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଆଇଆଇସିଙ୍କ ସମେତ ୫ ପୁଲିସ କର୍ମଚାରୀ ନିଲମ୍ବିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ୍ ଟେଷ୍ଟ ନିମନ୍ତେ ମିଳି ସାରିଥିଲା ଅନୁମତି। ଏବେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ନିମନ୍ତେ ଆଉ ୪ନିଲମ୍ବିତ ପୁଲିସ କର୍ମଚାରୀଙ୍କର ପଲିଗ୍ରାଫ୍ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଥିଲା।

# ବେଦାନ୍ତର ସପ୍ତାହବ୍ୟାପୀ ସ୍ୱଚ୍ଛତା ହି ସେବା ଅଭିଆନ



**ଝାରସୁଗୁଡା,୨୮।୯(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଭାରତ ସରକାରଙ୍କ 'ସ୍ୱଚ୍ଛତା ହି ସେବା' ପଦକ୍ଷେପର ଏକ ଅଂଶ ଭାବରେ ଝାରସୁଗୁଡାରେ ଏକ ସପ୍ତାହ ବ୍ୟାପୀ ସ୍ୱଚ୍ଛତା ଅଭିଆନକୁ ସଫଳତାର ସହ ସମାପ୍ତ କରିଛି। ସ୍ୱଚ୍ଛତା ଅଭିଆନ ସର୍ବସାଧାରଣ ସ୍ଥାନଗୁଡିକର ଉନ୍ନତି, ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସବୁଜ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ କମ୍ପାନୀର ସ୍ଥିରତା ରଣନୀତି ସହିତ ଧ୍ୟାନ ଦେଇଥିଲେ। ବୃହତ-ସ୍ୱଚ୍ଛତା ଅଭିଯାନ, କଳା ପ୍ରତିଯୋଗିତା ଏବଂ ବୃକ୍ଷରୋପଣ ପାଇଁ ବର୍ଜ୍ୟବସ୍ତୁ ଭଳି କାର୍ଯ୍ୟକଳାପ ସହିତ ଏହି ପଦକ୍ଷେପ କେବଳ ସମ୍ପ୍ରଦାୟର ସ୍ୱଚ୍ଛତାକୁ ବୃଦ୍ଧିକରି ନାହିଁ ବରଂ ପରିବେଶ ପ୍ରତି ଦୀର୍ଘସ୍ଥାୟୀ ସକରାତ୍ମକ ଦାୟିତ୍ୱ ଭାବନାକୁ ବୃଦ୍ଧିକରିବାରେ ସାହାଯ୍ୟ କରିଛି। ଏହି ଅଭିଆନରେ ୧୩୦୦ ରୁ ଅଧିକ ବେଦାନ୍ତ କର୍ମଚାରୀ, ଛାତ୍ର ଏବଂ ସମ୍ପ୍ରଦାୟର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏକ ସପ୍ତାହ ଧରି ଚାଲିଥିବା ଏହି ପ୍ରୟାସରେ ପରିବେଶ ସ୍ଥିରତା ପ୍ରତି ବେଦାନ୍ତର ପ୍ରତିବଦ୍ଧତା,ଯେପରିକି ଏହାର ପରିବେଶ, ସାମାଜିକ ଏବଂ ଶାସନ (ଇଏସଜି) ଲକ୍ଷ୍ୟ ସହିତ ସମାନ୍ତରାଳ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜିଏସ), ବିଶେଷକରି ଏସଡିଜି୬ (ସ୍ୱଚ୍ଛ ଜଳ ଏବଂ ପରିମଳ), ଏସଡିଜି୧୧ ( ସ୍ଥାୟୀ ସହର ଏବଂ ସମ୍ପ୍ରଦାୟ), ଏବଂ ଏସଡିଜି୧୩ (ଜଳବାୟୁ କାର୍ଯ୍ୟ) ଇତ୍ୟାଦିକୁ ଦର୍ଶାଇଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ସ୍ୱଚ୍ଛତା ଅଭିଆନ ଭଳି ପଦକ୍ଷେପ ସ୍ଥାନୀୟ ବିକାଶରେ ବିଶେଷ ଭାବରେ ନାଗରିକ ଦାୟିତ୍ୱ ତଥା ପରିବେଶ ସ୍ଥିରତା ବୃଦ୍ଧିରେ ଶିଳ୍ପଗୁଡିକ କିପରି ସକ୍ରିୟ ଭୂମିକା ଗ୍ରହଣ କରିପାରିବ ସେଥିପାଇଁ ଏକ ଦୃଢ ଉଦାହରଣ ସୃଷ୍ଟି କରିଛି। 'ସ୍ୱଚ୍ଛତା ହି ସେବା' ପରି ପଦକ୍ଷେପ ସ୍ଥାନୀୟ ଗୋଷ୍ଠିକୁ ବଦଳାଇବାରେ କରିବାରେ ସାହାଯ୍ୟ କରୁଛି।

# ନର୍ସିଂ ଅଫିସରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଲେ ପିସିସି ଷ୍ଟିୟରିଂ କମିଟି ପ୍ରତିନିଧିଦଳ



**କଟକ,୨୮।୯(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଜାରି ରହିଥିବା ନର୍ସିଂ ଅଫିସରଙ୍କ ସିରିଞ୍ଜ ଛାଡ଼ ଆନ୍ଦୋଳନକୁ ସମର୍ଥନ ଜଣାଇଛି ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି। ପିସିସି ଷ୍ଟିୟରିଂ କମିଟିର ସଦସ୍ୟ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଏସସିବି ମେଡିକାଲ ଓ କ୍ୟାନ୍ସର ମେଡିକାଲାରେ ଆନ୍ଦୋଳନରେ ବସିଥିବା ନର୍ସିଂ ଅଫିସରମାନଙ୍କୁ ଭେଟି ସେମାନଙ୍କର ୧୦ ଦଫା ଦାବି ବିଷୟରେ ଆଲୋଚନା କରିଥିଲେ। ନର୍ସିଂ ଅଫିସରମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଏସସିବି, ଶିଶୁଭବନ, ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ ସମେତ ସାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଛି। ରୋଗୀମାନଙ୍କୁ ମେଡିକାଲରୁ ଫେରାଇ ଦିଆଯାଉଛି। ନହେଲେ କଂଗ୍ରେସ ଦଳ ଏହି ଆନ୍ଦୋଳନକୁ ରାଜରାସ୍ତାକୁ ନେବେ ବୋଲି ପୂର୍ବତନ ବିଧାୟକ ଶ୍ରୀ ମୋକିମ କହିଛନ୍ତି। ପ୍ରତିନିଧି ଦଳରେ ଷ୍ଟିୟରିଂ କମିଟି ସଦସ୍ୟ ସସ୍ମିତା ବେହେରା, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ପ୍ରଦେଶ କଂଗ୍ରେସ ପୂର୍ବତନ ମୁଖପାତ୍ର ସୋନାଲି ସାହୁ, ଡଃ ମନୀଷା ଦାସ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଜେ ଜାମେଶ୍ୱର ରାଓ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଶୁବାଶିଷ ପଟ୍ଟନାୟକ ଓ ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ଶୈଳବାଳା ଜେନା, ସୂର୍ଯ୍ୟକାନ୍ତ ରାଉତ, ଶରତ ଚନ୍ଦ୍ର ସେଠୀ, କେଦାର ପୃଷ୍ଟି, ଚନ୍ଦନ ଦାସ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପରିଡ଼ା, ସ୍ମୃତି ରଞ୍ଜନ ରାଉତ, ସୁରଜିତ ସାହୁ, ଦିଲ୍ଲୀପ ମହାନ୍ତି, ଗାୟତ୍ରୀ ମଲ୍ଲ, ପ୍ରତାପ ପରିଡ଼ା, ଦିଲ୍ଲୀପ କୁମାର ମହାନ୍ତି, ରବୀନ୍ଦ୍ର ସାହୁ, ସେକ ଗୁଲାମ ମୋଇଉଦ୍ଦୀନ, ଦେବେନ୍ଦ୍ର ପ୍ରସାଦ ଶେଠୀ, ସୋନୁ ସ୍ୱାଇଁ, ଦିଲ୍ଲୀପ ନାୟକ, ସେକ ବାବାଯାନୀ, ରୂପକ ପାତ୍ର, ରାକେଶ ଦାସ, ଅନିତା ନାୟକ, ନେତ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିର ସଭ୍ୟ ସଂଗ୍ରହ ଅଭିଯାନ



**କଟକ, ୨୮।୯ (ସଂଚାର ବ୍ୟୁରୋ):** ଭାରତୀୟ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ବିଜେପିର ନୂତନ ସଭ୍ୟ ସଂଗ୍ରହ ଅଭିଯାନର ସମୀକ୍ଷା ବୈଠକ କୋର କମିଟି ସଭାପତି ଇଂ.ଅଶୋକ ବିଶ୍ୱାଳଙ୍କ ୪୨ ମୌଜା ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କଟକ ନିର୍ବାଚନ ମଣ୍ଡଳୀର ପ୍ରଭାରୀ ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ପୀୟୂଷ ରଞ୍ଜନ ପରିଡା, କୃଷକ ମୋର୍ଚ୍ଚାର ଶୁଭନ୍ୟାସ ମହାନ୍ତି, ସଂଯୋଜକ ଅଭିରାମ ଦଳାଇ, ମହିମା ମୋର୍ଚ୍ଚା ସଭାପତି ସୁମିତତା ଦେବତା, ପଞ୍ଚାୟତ ପ୍ରମୁଖ ନିରଞ୍ଜନ ସେନାପତି, ସୁବାସ ଗୋଚ୍ଛାୟତ, ରୋହିତ ସ୍ୱାଇଁ, ଘନଶ୍ୟାମ ମଲ୍ଲିକ, ପ୍ରିୟ ରଞ୍ଜନ ଖଟୁଆ, ସୁପ୍ରଭା ବିଶ୍ୱାଳ, ଇତିଶ୍ରୀ ମହାନ୍ତି, ଆରତି ପଟ୍ଟନାୟକ ଆଦି କର୍ମୀ ଉପସ୍ଥିତ ଥିଲେ। ପ୍ରଭାରୀ ମିଶ୍ର ନୂତନ ସଭ୍ୟ ସଂଗ୍ରହ ଅଭିଯାନରେ ସମସ୍ତେ ସାମିଲ ହୋଇ ସକ୍ରିୟ ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଦେଇଥିଲେ ଓ ସଭ୍ୟ ସଂଗ୍ରହ ଅଭିଯାନକୁ ଲୋକାଭିମୁଖୀ କରିବା ପାଇଁ ୪୨ମୌଜା ମଣ୍ଡଳ ସ୍ତରରେ ସର୍ବନିମ୍ନ ୧୦୦ ସକ୍ରିୟ ସଭ୍ୟ ହେବା ପାଇଁ ଆହ୍ୱାନ କରିଥିଲେ।

## ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ

ନୂଆଦିଲ୍ଲୀ,୨୮।୯: ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନ ସମୟରେ ଭାରତ ସରକାରଙ୍କ ଖାଉଟି ବ୍ୟାପାର ବିଭାଗ ଏବଂ ଏହାର ସଂଲଗ୍ନ/ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟକଳାପ ଆୟୋଜନ କରିଥିଲେ। ସଫେଇ ମିତ୍ରଙ୍କ ପାଇଁ କାର୍ଯ୍ୟକଳାପ: ନୂଆଦିଲ୍ଲୀ ସ୍ଥିତ ଏନସିଡିଆରସି କାର୍ଯ୍ୟାଳୟ ପରିସରରେ ଏହାର ସଫେଇ ମିତ୍ର ଏବଂ ହାଉସକିପିଂ କର୍ମଚାରୀଙ୍କ ପାଇଁ ଆଜି ଧ୍ୟାନ/ଯୋଗ ଅଧିବେଶନ ଆୟୋଜନ କରିଥିଲା। ସେହିଦିନ ଡାକ୍ତର ପ୍ରଦୀପ କୁର୍ଣ୍ଣାର ସିଂଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଜାତୀୟ ଆୟୋଗ ପରିସର ପରିଦର୍ଶନ କରି ସମସ୍ତ ସଫେଇ ମିତ୍ର, ସୁରକ୍ଷା କର୍ମୀ ଏବଂ ଆୟୋଗର ଅନ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ: ୪ ମୃତ

## ୨୩ରୁ ଅଧିକ ଆହତ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଅଧାର ରହିଲା ଜଗା ଦର୍ଶନ । ଉତ୍ତରପ୍ରଦେଶରୁ ପୁରୀ ଆସୁଥିବା ବେଳେ ଏନଏଚ୍ ୧୬ ଚାଲନ୍ତି ବାଇପାସ୍ ଛକ ନିକଟରେ ତୀର୍ଥଯାତ୍ରୀଙ୍କ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଜାତୀୟ ରାଜପଥରୁ ୨୦ ଫୁଟ୍ ତଳକୁ ଖସିବା ଫଳରେ ୪ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨୩ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ମହିଳା ଯାତ୍ରୀ ଅଛନ୍ତି । ୨୩ ଜଣ ଆହତଙ୍କ ମଧ୍ୟରେ ୧୬ ଜଣଙ୍କ ଅବସ୍ଥା ସଂଙ୍କଟାପନ୍ନ ରହିଛି। ସୂଚନା ଅନୁସାରେ, କ୍ରିଷ୍ଣା ନାମକ ବସଟି ଉତ୍ତର ପ୍ରଦେଶରୁ ୫୭ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଜଗା ଦର୍ଶନ ପାଇଁ ପୁରୀ ଆସୁଥିଲେ। ସେମାନେ ଗତ ୧୮ ତାରିଖରୁ ଉତ୍ତରପ୍ରଦେଶରୁ ବାହାରିଥିଲେ । ଗତକାଲି ରାତିରେ ବସ୍‌ଟି କଲିକତାରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ରାତି ପ୍ରାୟ ଗୋଟାଏ ସମୟରେ ୬୦ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଥିବା ବେଳେ ବସ୍‌ଟି ଭାରସାମ୍ୟ ହରାଇ ଜାତୀୟ ରାଜପଥରୁ ୨୦ ଫୁଟ ତଳକୁ ଖସି ପଡିଥିଲା । ଦୁର୍ଘଟଣା ବିଷୟରେ ଖବର ପାଇଁ ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସମସ୍ତ ଆହତଙ୍କୁ ଜଳେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ୧୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଜନ ଭାଗିଦାରୀ ଓ ସ୍ୱଚ୍ଛତା ଅଭିଯାନକୁ ପ୍ରୋତ୍ସାହନ



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଗୋଷ୍ଠି ଯୋଗଦାନକୁ ସୁଦୃଢ଼ କରିବା ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବ ତଟ ରେଳପଥ ଏହାର ପରିସୀମା ମଧ୍ୟରେ ବିଭିନ୍ନ ପ୍ରମୁଖ ରେଳ ଷ୍ଟେସନରେ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଜନସାଧାରଣଙ୍କ କଲ୍ୟାଣ ତଥା ପରିବେଶ ସ୍ୱଚ୍ଛତା ପାଇଁ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏହି ପଦକ୍ଷେପ "ସ୍ୱଚ୍ଛତା ହିଁ ସେବା" (ସ୍ୱଚ୍ଛତା ସେବା) ବିଷୟକୁ ସୂଚିତ କରୁଛି । ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଜନ ଭାଗିଦାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଯେଉଁଠାରେ ସେ ହିତାଧିକାରୀ ଏବଂ ଜନ ସମୁଦାୟ/ସାଧାରଣ ଜନତାଙ୍କ ସହ ସକ୍ରିୟ ଭାବରେ ଜଡିତ ଥିଲେ। ସ୍ୱଚ୍ଛତା ଅଭିଯାନରେ ତାଙ୍କର ଯୋଗଦାନ ସର୍ବସାଧାରଣ ସ୍ଥାନରେ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନତା ସହ ପରିମଳ ବଜାୟ ରଖିବାରେ ସହଯୋଗୀ ପ୍ରୟାସର ଗୁରୁତ୍ୱକୁ ଦର୍ଶାଇଲା । ଜନ ଭାଗିଦାରୀ ଏବଂ ସ୍ୱଚ୍ଛତା ଅଭିଯାନ ଭଳି ପଦକ୍ଷେପ ମାଧ୍ୟମରେ ପୂର୍ବ ତଟ ରେଳପଥ ସ୍ୱଚ୍ଛତା ଏବଂ ଜନସମୁଦାୟର ଅଂଶଗ୍ରହଣର ସଂସ୍କୃତିକୁ ପ୍ରୋତ୍ସାହିତ କରିଚାଲିଛି ଯେପରିକି ରେଳ ଷ୍ଟେସନଗୁଡିକ କେବଳ ପରିବହନର ଧାରା ନୁହେଁ ବରଂ ସମାଜ ଓ ପରିବେଶ ପ୍ରତି ଏହାର ଯୋଗଦାନକୁ ଦର୍ଶାଉଅଛି । ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମହେସ କୁମାର ବେହେରା ପୁରୀ ରେଳ ଷ୍ଟେସନରେ ଏହି ଅବସରରେ ଯୋଗଦାନ କରିଥିବାବେଳେ ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ବି କେ ମିଶ୍ର କଟକ ରେଳ ଷ୍ଟେସନରେ ସମାନ କାର୍ଯ୍ୟରେ ଭାଗ ନେଇଥିଲେ। ସେମାନଙ୍କର ନେତୃତ୍ୱ ଜନ ସମୁଦାୟର ଯୋଗଦାନ ଏବଂ ପରିବେଶ ଦାୟିତ୍ୱ ବୃଦ୍ଧି କରାଇବା ପାଇଁ ରେଳବାଇର ଉତ୍ସର୍ଗ ଉପରେ ଗୁରୁତ୍ୱାରୋପ କରିଥିଲା ।

## ରାଜସ୍ଥାନରୁ ୨ ସାଇବର ଠକ ଗିରଫ

# ଡାକ୍ତରଙ୍କ ଆକାଉଣ୍ଟରୁ ଖୋଳ କରିଦେଲେ ୮ କୋଟି

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଟ୍ରେଡିଂ ଆପ୍‌ରେ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଥିବା ଜଣେ ଡାକ୍ତରଙ୍କ ମାମଲାରେ ସାଇବର ଥାନା ପୁଲିସକୁ ବଡ଼ ସଫଳତା ହାତରେ ଲାଗିଛି। ଏହି ମାମଲାରେ ଭୁବନେଶ୍ୱର ସାଇବର ଥାନା ପୁଲିସ ଶନିବାର ୨ଜଣ ଠକଙ୍କୁ ରାଜସ୍ଥାନରୁ ଗିରଫ କରିବାରେ ସଫଳ ହୋଇଛି। ତେବେ ସାଇବର ଠକମାନେ ଡାକ୍ତରଙ୍କ ଠାରୁ ୮୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ବେଳେ ପୁଲିସ କିନ୍ତୁ ମାତ୍ର ୫ ଲକ୍ଷ ଟଙ୍କା ଥିବା ଏକ ଆକାଉଣ୍ଟକୁ ଫ୍ରିଜ କରିବାରେ ସଫଳ ହୋଇଥିବା ସାଇବର ଥାନା ଏସିପି ଅଞ୍ଜନା ଟୁଡୁ ସୂଚନା ଦେଇଛନ୍ତି। ଏହି ମାମଲାରେ ରାଜସ୍ଥାନରୁ ଗିରଫ ହୋଇଥିବା ଦୁଇଜଣ ଠକ ହେଉଛନ୍ତି ନରେନ କୁମାର ଜଙ୍ଗିର (୨୨) ଓ ମହେଶ କୁମାର ସିଲ୍ଲା (୨୬)। ଗିରଫ ୨ ଅଭିଯୁକ୍ତଙ୍କ ଠାରୁ ପୁଲିସ ମୋବାଇଲ ଫୋନ ଏବଂ ବ୍ୟାଙ୍କ କାଗଜପତ୍ର ଜବତ କରିଛି। ଏହି ମାମଲାରେ ଆହୁରି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ବେଳେ, ସେମାନେ ଭିନ୍ନ ଭିନ୍ନ ରାଜ୍ୟର ହୋଇଥିବାରୁ ସେମାନଙ୍କୁ ଗିରଫ କରିବା ଲାଗି କିଛି ସମୟ ଲାଗିବ ବୋଲି ଏସିପି ଅଞ୍ଜନା କହିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡଗିରି ଅଞ୍ଚଳର ଜଣେ ଡାକ୍ତର ଗତ ଅଗଷ୍ଟ ମାସରେ ହଠାତ ଏକ ଅଜଣା ହ୍ୱାଟସପ ଗ୍ରୁପ୍‌ରେ ଯୋଡ଼ି ହୋଇଯାଇଥିଲେ। ଉକ୍ତ ଗ୍ରୁପରେ ଥିବା ସଦସ୍ୟ ମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଟ୍ରେଡିଂ ଆପ୍‌ରେ ଟଙ୍କା ବିନିଯୋଗ କଲେ ଅଳ୍ପଦିନରେ ଟଙ୍କା ଦ୍ୱିଗୁଣିତ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତର ଏହା ଦେଖି ବିଭିନ୍ନ ସମୟରେ ପର୍ଯ୍ୟାୟ ପର୍ଯ୍ୟାୟ କରି ଉକ୍ତ ଆପ୍‌ରେ ଟଙ୍କା ନିବେଶ କରି ଚାଲିଥିଲେ।

# ଆର୍‌ଟିଓ ଦାୟିତ୍ୱ-ବଡ ଅଫିସର ତଳ ପାହ୍ୟାରେ




ଭୁବନେଶ୍ୱର, ୨୮।୯: ରାଜ୍ୟର ଦଶଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏବେ ବରିଷ୍ଠ ପରିବହନ ଅଧିକାରୀମାନେ ଭାରପ୍ରାପ୍ତ ଆରଟିଓ ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷକରି ରାଜସ୍ୱ ଆଦାୟ କ୍ଷେତ୍ରରେ ଅଗ୍ରଣୀ ଆରଟିଓ ଦପ୍ତରଗୁଡିକରେ ନିୟମିତ ଆଞ୍ଚଳିକ ପରିବହନ ଅଧିକାରୀ ନିଯୁକ୍ତ ନହେବା ଏବେ ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଛି। ରାଜଧାନୀରେ ଥିବା ଏକ ନମ୍ବର ଆଞ୍ଚଳିକ ପରିବହନ ଦପ୍ତରରେ ଏବେ ବିକାଶ ଚନ୍ଦ୍ର ଚୌଧୁରୀ ଭାରପ୍ରାପ୍ତ ଆରଟିଓ ଦାୟିତ୍ୱ ତୁଲାଉଛନ୍ତି। ଚୌଧୁରୀ ଯୁଗ୍ମ ପରିବହନ ଆୟୁକ୍ତ ପଦବୀକୁ ପଦୋନ୍ନତି ପାଇଥିଲେ ମଧ୍ୟ ତଳ ପାହ୍ୟାରେ କାର୍ଯ୍ୟ କରୁଛନ୍ତି। କଟକ ଆରଟିଓ ଦପ୍ତରରେ ମଧ୍ୟ ସମାନ ସ୍ଥିତି। କେନ୍ଦ୍ରାଞ୍ଚଳ ଉପ ପରିବହନ ଆୟୁକ୍ତ ଥିବା ବି.ଏନ୍.ଅଧିକାରୀ ଏଠାରେ ଆରଟିଓ ଦାୟିତ୍ୱରେ ରହିଛନ୍ତି। ତାଙ୍କର କାର୍ଯ୍ୟକାଳ ଏଠାରେ ୫ବର୍ଷରୁ ଅଧିକ ହୋଇଗଲାଣି। ପୁରୀ ଆରଟିଓ ଭାବେ ଏମ୍‌ଭିଆଇ ରାଜେଶ କୁମାର ମହାପାତ୍ର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେହିଭଳି ଦକ୍ଷିଣାଞ୍ଚଳ ଉପ ପରିବହନ ଆୟୁକ୍ତ ଗୋପାଳ କୃଷ୍ଣ ଦାସ କେନ୍ଦୁଝର ଆରଟିଓ ଦାୟିତ୍ୱ ତୁଲାଉଛନ୍ତି। ଶ୍ରୀ ଦାସ ଏଠାରେ ଦୁଇବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଉତ୍ତରାଞ୍ଚଳ ପରିବହନ ଆୟୁକ୍ତ ବିଶ୍ୱରାଜ ବେହେରା ମୟୂରଭଞ୍ଜ ଆରଟିଓ ଦାୟିତ୍ୱରେ ରହିଛନ୍ତି। ସୁନ୍ଦରଗଡ଼ରେ ଅତିରିକ୍ତ ଭାବେ ଆରଟିଓ ଦାୟିତ୍ୱ ତୁଲାଉଛନ୍ତି ଅତରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ। ସାହୁ ଏଥି ସହତ ଏନ୍‌ଫୋର୍ସମେଣ୍ଟ ଦାୟିତ୍ୱରେ ରହିଛନ୍ତି। ଭଦ୍ରକରେ ଆରଟିଓ ଦାୟିତ୍ୱକୁ ଅତିରିକ୍ତ ଭାବେ ତୁଲାଉଛନ୍ତି ପୂର୍ବାଞ୍ଚଳ ଉପ ପରିବହନ ଆୟୁକ୍ତ ରାମ ନିବାସ ସିର୍‌କା। ସିରକା ଏଠାରେ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଛନ୍ତି। ସେହିଭଳି ଯାଜପୁରରେ ଅତରିକ୍ତ ଭାବେ ଆରଟିଓ ଦାୟିତ୍ୱ ତୁଲାଉଛନ୍ତି ଉପ ପରିବହନ ଆୟୁକ୍ତ ନୀଳକଣ୍ଠ ପ୍ରଧାନ। ପ୍ରଧାନ ଟିକସ ଦାୟିତ୍ୱରେ ରହିଛନ୍ତି। ପରିବହନ ଅଧିକାରୀମାନେ ପଦୋନ୍ନତି ପାଇଲାପରେ ଉପ ପରିବହନ ଆୟୁକ୍ତ ପଦବୀକୁ ଯାଇଥାନ୍ତି। ଏହାପରେ ଯୁଗ୍ମ ପରିବହନ ଆୟୁକ୍ତ ପଦବୀକୁ ପଦୋନ୍ନତି ମିଳିଥାଏ। ତେବେ ଜଣେ ଜଣେ ଉପ ପରିବହନଙ୍କ ଅଧିନରେ ୪/୫ ଟି ଆରଟିଓ ଦପ୍ତର ଥାଏ ଓ ସେମାନେ ଏହାର ନିରୀକ୍ଷଣ ଦାୟିତ୍ୱରେ ରହିଥାନ୍ତି। ରାଜ୍ୟରେ ଯାନବାହାହନ ସଂଖ୍ୟା ବୃଦ୍ଧି ସହିତ ୩୫ଟି ଆରଟିଓ ଦପ୍ତର ରହିଛି। ତେଣୁ ଜଣେ ଯୁଗ୍ମ ପରିବହନ ଆୟୁକ୍ତଙ୍କ ସହିତ ଏତେ ସଂଖ୍ୟାରେ ଉପପରିବହନ ଆୟୁକ୍ତଙ୍କୁ ଆରଟିଓ ଦାୟିତ୍ୱରେ ଅତିରିକ୍ତ ଭାବେ ରଖାଯିବା ଓ ସେମାନେ ବିନା ଦ୍ୱିଧାରେ ତଳ ପଦବୀରେ କାର୍ଯ୍ୟ କରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ସବୁଠାରୁ ବଡ କଥାଟି ହେଉଛି ଭୁବନେଶ୍ୱର-୧ ଏବଂ କଟକ ଭଳି ଅଧିକ ପରିମାଣରେ ରାଜସ୍ୱ ପ୍ରଦାନ କରୁଥିବା ଆଞ୍ଚଳିକ ପରିବହନ ଦପ୍ତରରେ ବର୍ଷ ବର୍ଷ ଧରି ନିୟମିତ ଆରଟିଓ ନିଯୁକ୍ତ କରାଯାଉ ନାହିଁ। ବରଂ ଯେଉଁମାନଙ୍କ କାନ୍ଧରେ ଏକାଧିକ ଦାୟିତ୍ୱ ରହିଛି ସେମାନଙ୍କୁ ଏହି ପଦବୀରେ ବସାଇ ଦିଆଯାଇଛି। ଆମ ରାଜ୍ୟରେ ପରିବହନ ରାଜସ୍ୱ ଆଦାୟ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ୨୦୧୯-୨୦ ବର୍ଷରେ ୪୮ କୋଟି ୧୪ଲକ୍ଷ ଟଙ୍କାର ପରିବହନ ରାଜସ୍ୱ ଆଦାୟ ହୋଇଥିବାବେଳେ ୨୦୨୩-୨୪ ମସିହାରେ ତାହା ୮୨ କୋଟି ଟଙ୍କାକୁ ଟପିଯାଇଛି। ଏଭଳି ସ୍ଥିତିରେ ରାଜସ୍ୱ

### ସୋଆ ଇଞ୍ଜିନିୟରିଂ ବି.ଟେକ୍ ଓ ଏମ୍.ଟେକ୍ ଛାତ୍ରଛାତ୍ରୀଙ୍କ

# ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ




**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବିଭିନ୍ନ ବିଭାଗରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ବି.ଟେକ୍ ଓ ଏମ୍.ଟେକ୍ ଛାତ୍ରଛାତ୍ରୀମାନଙ୍କୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ୨୦୨୪ ଶିକ୍ଷା ବର୍ଷରେ ଶିକ୍ଷା ସମାପ୍ତ କରିଥିବା ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସିଭିଲ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନସ୍ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି ଏବଂ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗରେ ୨୦୨୪ ଶିକ୍ଷା ବର୍ଷ ନିମନ୍ତେ ବି.ଟେକ୍ ଓ ଏମ୍.ଟେକ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଆଇଟିଇଆରର ଗଣିତ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ କମ୍ପ୍ୟୁଟର ଆପ୍ଲିକେସନ୍ (ବିସିଏ ଓ ଏମ୍‌ସିଏ)ରେ ୨୦୨୪ ଶିକ୍ଷା ବର୍ଷରେ ଶିକ୍ଷା ସମାପ୍ତ କରିଥିବା ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ନାତକୋତର ଡିଗ୍ରୀ ପ୍ରଦାନ କରାଯାଇଛି। ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୋଆ ଦେଶର ୧୪ ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଥିବା ଦୃଷ୍ଟିରୁ ଏହି ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରୁଥିବା ଛାତ୍ରଛାତ୍ରୀମାନେ ନିଜକୁ ସେହିଭଳି ଢ଼ଙ୍ଗରେ ପ୍ରତିଷ୍ଠିତ କରାଇବା ସହ ଗର୍ବିତ ହେବା ଆବଶ୍ୟକ ବୋଲି ପ୍ରଫେସର ନନ୍ଦ କହିଥିଲେ।

ଜୀବନ ଅମୃତ ଅନୁଚିନ୍ତା
ସଂଘର୍ଷ-ସଂଘର୍ଷ ବିହୀନ ଜୀବନ ଅନୁପଯୋଗୀ ପୋଖରୀ ଭଳି, ସଂଘର୍ଷମୟ ଜୀବନ ନଦୀ ଭଳି ସ୍ୱଚ୍ଛ ଓ ଜୀବନମୟ।

ସଂଚାର SANCHAR

୪ ରବିବାର ୨୯ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Sunday 29 September 2024 Bhubaneswar

# ପୋଲିସ ଓ ପ୍ରଶାସନକୁ ପରାମର୍ଶ

ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠିତ ହେବା ପରେ ପ୍ରଥମ ଥର ପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ଏସପିମାନଙ୍କ ବୈଠକ ବସିଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ, ଦୁଇ ଉପ-ମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଜିଲ୍ଲାପାଳ ଓ ଏସପି ମାନଙ୍କୁ ସରକାରଙ୍କ ସରକାରଙ୍କ ଆଭିମୁଖ୍ୟ ଏବଂ ରାଜ୍ୟର ବିକାଶ ତଥା ଜନତାଙ୍କ କଲ୍ୟାଣ ନିମନ୍ତେ ଯୋଜନା ସମ୍ପର୍କରେ ବୁଝାଇଛନ୍ତି ଏବଂ ଜିଲ୍ଲାପାଳ ମାନଙ୍କୁ ସରକାରଙ୍କ ଲକ୍ଷ୍ୟ ହାସଲରେ ସହାୟକ ହେବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳ ମାନଙ୍କୁ ରାଜ୍ୟ ବିକାଶର ସାରଥୀ ଭାବେ ବର୍ଣ୍ଣନା କରି ସେହିମାନେ ହିଁ ରାଜ୍ୟର ଭାଗ୍ୟ ପରିବର୍ତ୍ତନ କରିପାରିବେ ବୋଲି କହିଛନ୍ତି। ସରକାର କେବଳ ନୀତିଗତ ନିଷ୍ପତ୍ତି ନେବେ। ବଜେଟରେ ଅର୍ଥ ବରାଦ କରିବେ। କିନ୍ତୁ ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବା ଏବ ° ଲୋକଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବା କାର୍ଯ୍ୟ ଜିଲ୍ଲାପାଳ ମାନଙ୍କର। ସମ୍ମିଳନୀରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନେ ଉଦବୋଧନ ଦେଇ ସେମାନଙ୍କ ବିଭାଗର ବିଭିନ୍ନ କାର୍ଯ୍ୟ ତଥା ଯୋଜନା କାର୍ଯ୍ୟକାରୀ କରିବାରେ ଜିଲ୍ଲାପାଳମାନଙ୍କ ଦାୟିତ୍ୱ ଏବଂ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ବିଶେଷ କରି କୃଷି ଓ କୃଷକଙ୍କ କଲ୍ୟାଣ, ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ସବୁ ଗରିବ ଲୋକଙ୍କୁ କିପରି ଘର, ପାଣି, ବିଜୁଳି ମିଳିପାରିବ, ପ୍ରତି ଗାଁକୁ ସଡ଼କ ହୋଇପାରିବ, ସବୁ ଗାଁରେ ଭଲ ସ୍କୁଲ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହୋଇପାରିବ, ଯୋଗ୍ୟ ଚାଷୀଙ୍କୁ ସରକାର ଦେଉଥିବା ସହାୟତା ମିଳିପାରିବ, ସବୁ ଚାଷୀ ଯେପରି ବୀମା ସୁବିଧା ପାଇପାରିବେ ଏବଂ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ସାର, କୀଟନାଶକ ଏବଂ ଅନ୍ୟାନ୍ୟ ସାମଗ୍ରୀ ମିଳିପାରିବ ସେଥିଲାଗି ସରକାରଙ୍କ ଯୋଜନା ତଥା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲରେ ଜିଲ୍ଲାପାଳମାନେ ନିର୍ଣ୍ଣାୟକ ଭୂମିକା ନେଇପାରିବେ ବୋଲି ସରକାର କହିଛନ୍ତି। ମୋଟ ଉପରେ ସରକାର ଜିଲ୍ଲାପାଳମାନଙ୍କ ଉପରେ ଗଭୀର ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିଛନ୍ତି ଏବଂ ସେହିମାନେ ହିଁ ରାଜ୍ୟର ଭାଗ୍ୟ ବଦଳାଇପାରିବେ, ବିଗାଡ଼ିପାରିବେ ବୋଲି କହିଛନ୍ତି। ତେବେ ଶାସନର ସଞ୍ଜ୍ଞା କ୍ଷମତା ନୁହେଁ, ସେବା ବୋଲି ମୁଖ୍ୟମନ୍ତ୍ରୀ ପରୋକ୍ଷରେ ଚେତାଇ ଦେଇଛନ୍ତି। ଯେଉଁମାନେ ଶାସନ ଦାୟିତ୍ୱରେ ଅଛନ୍ତି ସେମାନେ ଲୋକଙ୍କ ସେବକଭାବେ ନିଜକୁ ବିଚାର କରନ୍ତୁ। ଲୋକଙ୍କ ପାଇଁ ସେମାନେ ଦରମା ପାଉଛନ୍ତି। ଲୋକଙ୍କୁ ଭଲ ବ୍ୟବହାର ଦିଅନ୍ତୁ, ସେମାନଙ୍କ ସମସ୍ୟା ଏବଂ ଅଭିଯୋଗ ଦୂର କରିବାକୁ ପ୍ରୟାସ କରନ୍ତୁ। ଜିଲ୍ଲାପାଳମାନେ ଗାଁକୁ ଯାଇ ସ୍କୁଲ, ହସ୍ପିଟାଲ ବୁଲି ଦେଖନ୍ତୁ, ସେଠାକାର ସମସ୍ୟା ଦୂର କରିବା ଲାଗି ପ୍ରୟାସ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପ୍ରଶାସକ ମାନଙ୍କୁ ବାବୁ ଓ ସାହେବ ଖୋଳପାରୁ ବାହାରି ଆସିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ସରକାର ହେଉଛନ୍ତି ସାଧାରଣ ଲୋକଙ୍କର , ଲୋକଙ୍କ ପାଇଁ । ଜନକଲ୍ୟାଣ ହେଉଛି ସରକାରଙ୍କ ଲକ୍ଷ୍ୟ। ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନେ ହେଉଛନ୍ତି ପ୍ରକୃତ ସରକାର। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ଦ୍ୱାରା ବିକାଶମୂଳକ କାର୍ଯ୍ୟ ଏବଂ ଜନକଲ୍ୟାଣ ତ୍ୱରାନ୍ୱିତ ହୋଇପାରିବ। ଏଥିରେ ଜିଲ୍ଲାପାଳମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯେ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତତ୍ପର ନହୋଇଛି ସେ ପର୍ଯ୍ୟନ୍ତ ବିକାଶ ଧାରା ତୃଣମୂଳ ସ୍ତରରେ ପହଞ୍ଚିପାରିବ ନାହିଁ। ତେଣୁ ଜିଲ୍ଲାପାଳମାନେ ସରକାରଙ୍କ ପଞ୍ଚ ଇନ୍ଦ୍ରିୟ ହୋଇ କାମ କରିବା ଉଚିତ। ସରକାର ସେମାନଙ୍କ ଉପରେ ନିର୍ଭର କରୁଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଗୁରୁତ୍ୱ ଦେବା ଏକ ଉଲ୍ଲେଖନୀୟ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହି ବାର୍ତ୍ତା ଦେଇଛନ୍ତି ଯେ, ତାଙ୍କ ସରକାର ଜିଲ୍ଲା ପ୍ରଶାସନକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କ ସହଯୋଗ ବିନା ସରକାରଙ୍କ ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ। ତେଣୁ ପ୍ରଶାସନରେ ଦୁର୍ନୀତି ଏବଂ ଲୋକଙ୍କ ପ୍ରତି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକମାନଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯାହା କହିଛନ୍ତି ତାହା ବାସ୍ତବରେ ହୃଦୟସ୍ପର୍ଶୀ। ଜଣେ ସାଧାରଣ ବ୍ୟକ୍ତିଭାବେ ଏବଂ ପରବର୍ତ୍ତୀ ସମୟରେ ଜଣେ ବିଧାୟକଭାବେ ଲୋକଙ୍କ ସମସ୍ୟା ଦୂର କରିବା ବେଳେ ସେ ପୋଲିସଠାରୁ ଯେଉଁ ବ୍ୟବହାର ପାଇଛନ୍ତି ଏବଂ ତାଙ୍କର ଯେଉଁ ତିକ୍ତ ଅନୁଭୂତି ହିଛି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଖାଣିବା ସହ ଥାନାରେ ସାଧାରଣ ଲୋକଙ୍କୁ ପୋଲିସ ଅତି ନମ୍ରତାର ସହ ବ୍ୟବହାର କରିବା, ସେମାନଙ୍କ ଅଭିଯୋଗ ଧୈର୍ଯ୍ୟର ସହ ଶୁଣି ଏହାର ସମାଧାନ ପନ୍ଥା ବାହାର କରିବାକୁ ମୁଖ୍ୟମନ୍ତ୍ରୀ ଏସପି ମାନଙ୍କ ଜରିଆରେ ପୋଲିସ ବିଭାଗକୁ ପରାମର୍ଶ ଦେଇଛନ୍ତି। ପୋଲିସ ଜନତାର ବନ୍ଧୁ। ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୋଲିସ ବନ୍ଧୁ ଭାବେ ବିବେଚନା କରି ସେମାନଙ୍କ କଥା ଶୁଣୁ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହିଳାଙ୍କ ପ୍ରତି ନ୍ୟାୟ, ସେମାନଙ୍କ ସମ୍ମାନ ରକ୍ଷା ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା। ମହିଳାଙ୍କ ସୁରକ୍ଷା ସହ ଯେପରି ସାମାନ୍ୟତମ ସାଲିସ କରାନଯାଏ ସେଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିକଟରେ ଭରତପୁର ଥାନାରେ ଯାହା ଘଟିଲା ତାହାର ପୁନରାବୃତ୍ତି ହେବା ଅନୁଚିତ। ରାତିରେ ଯଦି କେହି ଥାନାକୁ ଆସିଛି ତେବେ ସେ ନିଶ୍ଚିତ ଭାବେ କିଛି ଗୁରୁତର ବିପଦ ବା ସଙ୍କଟରେ ପଡ଼ିଥିବ। ତେଣୁ ତାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ମୁଖ୍ୟମନ୍ତ୍ରୀ ପୋଲିସକୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧିନ କରିବା ଏବଂ ଶାନ୍ତି ବଜାୟ ରଖିବା ପୋଲିସର ପ୍ରାଥମିକ ଦାୟିତ୍ୱ। ବିଭିନ୍ନ ଅପରାଧର ଉପଯୁକ୍ତ ଏବଂ ତ୍ୱରିତ ତଦନ୍ତ କରିବା ସହ ଅପରାଧୀ ଯେପରି ଆଇନ ଆଖିରେ ଧୂଳି ଦେଇ ଖସି ନଯାନ୍ତି ସେଥିପ୍ରତି ପୋଲିସ ସଜାଗ ରହିବା ଉଚିତ। ରାଜ୍ୟରେ ବାମପନ୍ଥୀ ଉଗ୍ରବାଦୀ ସଂଗଠନ ଗୁଡ଼ିକ ଏବେ ଚାପରେ ଅଛନ୍ତି। ମାଓବାଦୀଙ୍କ ପ୍ରଭାବ ଦ୍ରୁତ ଗତିରେ ହ୍ରାସ ପାଉଛି। ଅନେକ ଜିଲ୍ଲା ମାଓମୁକ୍ତ ହୋଇସାରିଲାଣି। ୨୦୨୬ ସୁଦ୍ଧା ସମଗ୍ର ଦେଶ ମାଓବାଦୀଙ୍କ କବଳରୁ ମୁକ୍ତ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ଓଡ଼ିଶାରେ ଏହାକୁ ସଫଳ କରିବା ଲାଗି ପୋଲିସ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଏସପି ମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀମାନଙ୍କ ଏହି ସମ୍ମିଳନୀରେ ରାଜ୍ୟ ସରକାର ତାଙ୍କ ଆଭିମୁଖ୍ୟ ଏବଂ ଲକ୍ଷ୍ୟ ସ୍ପଷ୍ଟ କରିଛନ୍ତି। ଏବେ ପୋଲିସ ଓ ପ୍ରଶାସନର ଦାୟିତ୍ୱ ଏହାକୁ କିପରି ଲୋକଙ୍କ ସେବାରେ ନିୟୋଜିତ କରିବେ।

## ସମ୍ପାଦକଙ୍କୁ ପତ୍ର

### ବଳି ରୋକିବାକୁ ଆଇନ ଆସୁ

*ମହାଶୟ,*

ବ୍ୟାପକ ଜନସଚେତନତା ବଳରେ ପର୍ଯ୍ୟାୟକ୍ରମେ ରାଜ୍ୟରେ ବଳି ପ୍ରଥା ଲୋପ ପାଇଆସୁଛି। ଏହା ଏକ ସାମାଜିକ କୁସଂସ୍କାର । ଇଶ୍ୱର କେବେ କାହାକୁ ହତ୍ୟା କରି ନୈବେଦ୍ୟ ଗ୍ରହଣ କରନ୍ତି ନାହିଁ। ସଂସାରର ମଙ୍ଗଳ ଇଶ୍ୱର ଚାହାଁନ୍ତି। ଆମ ଦେଶର ମୁନୀ ଋଷିମାନଙ୍କ ଦ୍ୱାରା ରଚିତ ବେଦରେ ସର୍ବେ ଭନ୍ତୁ ସୁଖୀନଃ ବାକ୍ୟ ଲେଖାଯାଇଛି। ସଂସାରର ମଙ୍ଗଳ, ସମସ୍ତଙ୍କ କଲ୍ୟାଣ ଆମ ସଂସ୍କୃତିର ମୂଳ ବାକ୍ୟ। ପ୍ରତ୍ୟେକ ଜୀବର ଜୀବନ ମୂଲ୍ୟବାନ। ମଣିଷ ଭଳି ସମସ୍ତ ଜୀବ ବଂଚିବାକୁ ଚାହାଁନ୍ତି। ସମସ୍ତଙ୍କୁ ଯନ୍ତ୍ରଣା ଅନୁଭବ କରାଯାଏ। ତେଣୁ କୌଣସି ଜୀବକୁ ବଧ କରିବା ସେତିକି ଅମାନୁଷିକ ସେତିକି ଅମାନୁଷିକ ଯେତିକି ଜଣେ ମଣିଷକୁ ହତ୍ୟା କରିବା। ଦଶରା ବେଳେ ଆମ ରାଜ୍ୟର କେତେକ ସ୍ଥାନରେ ପଶୁ ବଳି ପ୍ରଥା ରହିଛି। ଅନେକ ସ୍ଥାନରେ ଏହା ବନ୍ଦ ହେଲାଣି। କିନ୍ତୁ ଏବେ ବି କେତେକ ସ୍ଥାନରେ ଏହି ନିଷ୍ଠୁର ପ୍ରଥା ଚାଲିଛି। ଏହାକୁ ବନ୍ଦ କରିବା ନିମନ୍ତେ ଜନସଚେତନତା ଯଥେଷ୍ଟ ହେଉନି। ଏଥିଲାଗି ଆଇନ ପ୍ରଣୟନ ହେବା ଉଚିତ। ପଶୁ ବଳି ଏକ ଦଣ୍ଡନୀୟ ଅପରାଧ ଭାବେ ବିବେଚିତ ହେବା ଉଚିତ। ଏହା କୌଣସି ଧର୍ମ ସହ ସମ୍ପୃକ୍ତ ହେବା ଅନୁଚିତ। ସବୁ ଧର୍ମାବଲମ୍ବୀଙ୍କ ଲାଗି ଏହି ନିୟମ ଲାଗୁ ହେବା ଉଚିତ।

**ରାଜେଶ ରଞ୍ଜନ ନାୟକ, ରାଉରକେଲା**

# ବିଶ୍ୱ ଅର୍ଥନୀତିରେ ଭାରତ

**ରଜନୀକାନ୍ତ ମହାପାତ୍ର**

ବ୍ରିଟିଶ ଉପନିବେଶବାଦରୁ ଭାରତ ୭୭ ବର୍ଷ ହେବ ମୁକ୍ତି ପାଇଲାଣି। ପରାଧୀନ ଭାରତ ବହୁ ପଛକୁ ଚାଲିଗଲାଣି। ଗତ ସାତ ଦଶନ୍ଧି ମଧ୍ୟରେ ଭାରତ ସଫଳତାର ଅନେକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ବ୍ରିଟେନକୁ ପଛରେ ପକାଇ ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ ଏବଂ ବିଶ୍ୱର ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ଋଷିଆ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁଁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଅନେକ ବିକଶିତ ଦେଶ ଯାହା କରିପାରିନାହାଁନ୍ତି ତାହାକୁ ଭାରତ କରି ଦେଖାଇଛି।




କରୋନ ସମୟରେ ଦୁଇ ବର୍ଷ କାଳ ଗରିବ ଲୋକଙ୍କୁ ମାଗଣାରେ ରାସନ ପ୍ରଦାନ କରି ପ୍ରଧାନମନ୍ତ୍ରୀ ମୋଦି ଅନେକ ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ବିଦେଶରେ ରହୁଥିବା ଲୋକଙ୍କୁ ମାଗଣାରେ ବିମାନ ବା ଜାହାଜ ଯୋଗେ ସ୍ୱଦେଶ ଫେରାଇ ଆଣିଛନ୍ତି। ଶ୍ରମିକ ଓ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନ ବା ଘରକୁ ଟ୍ରେନରେ ଫେରିବାକୁ ବ୍ୟବସ୍ଥା କରିଥିଲେ। କରୋନା କଟକଣା ହଟିବା ପରେ ଦେଶର ଆର୍ଥିକ ସ୍ଥିତି ସ୍ୱାଭାବିକ ହେଉଛି। ଏହା ସହିତ ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟ ବିକଶିତ ଦେଶମାନେ ଯାହା କରିପାରିନାହାଁନ୍ତି ତାହା ଆଜି ଭାରତ କରିପାରିଛି। କେବଳ ନିଜ ଦେଶର ନାଗରିକ ନୁହେଁ, ଅନେକ ବିଦେଶୀ ରାଷ୍ଟ୍ରକୁ ଭାରତ ମାଗଣାରେ ଟିକା ଏବଂ ଔଷଧ ବଣ୍ଟନ କରି ପ୍ରଶଂସିତ ହୋଇଛି। କରୋନା ପରେ ପରେ ୟୁକ୍ରେନ-ଋଷିଆ ଯୁଦ୍ଧ ପ୍ରଭାବରୁ ଅନେକ ଦେଶର ଆର୍ଥିକ ସ୍ଥିତି ତଳିତଳାନ୍ତ ହୋଇଯାଇଛି। ପଡ଼ୋଶୀ ଶ୍ରୀଲଙ୍କାରେ ଲୋକେ ଖାଇବାକୁ ପାଉ ନାହାଁନ୍ତି। ପାକିସ୍ତାନରେ ଖାଦ୍ୟ ସାମଗ୍ରୀ ଦର ୨୦ ଗୁଣ ବଢ଼ିଯାଇଛି। ଆମେରିକାର ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ବେଳେ ବ୍ରିଟେନରେ ଦରବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧି ଯୋଗୁଁ ସରକାର ଭାଙ୍ଗି ଯାଇଛି। ଭାରତରେ ମୁଦ୍ରାସ୍ଫୀତି ହାର ବଢ଼ିଥିଲେ ମଧ୍ୟ ଏହା ନିୟନ୍ତ୍ରଣ ଭିତରେ ରହିଛି। ଜୁଲାଇ ମାସରେ ମୁଦ୍ରାସ୍ଫୀତି ହାର ୬.୭ ପ୍ରତିଶତକୁ ଖସିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ ଦେଶର ଅଭିବୃଦ୍ଧି ହାର ୧୩.୫ ପ୍ରତିଶତ ରହିଛି। ବର୍ଷ ଶେଷ ସୁଦ୍ଧା ମୁଦ୍ରାସ୍ଫୀତି ହାର ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ଯାହା ନିହାତି କମ ହେଲେ ୬.୭ ପ୍ରତିଶତ ରହିବ। ଆମେରିକାର ମୁଦ୍ରାସ୍ଫୀତି ହାର ୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଏଭଳି ପରିସ୍ଥିତିରେ ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ପରିଗଣନା ହେଉଛି। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ଥିକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧବିତ୍ତ ବର୍ଗର ଆର୍ଥିକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିଳ୍ପ ଓ କୃଷି ବିକାଶରେ ଅଧିକ ପୁଞ୍ଜିନିବେଶ ଜରୁରୀ। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। କିନ୍ତୁ ଦରଦାମ ବୃଦ୍ଧି ଏକ ସାମୟିକ ସମସ୍ୟା। ଦେଶର ସୁରକ୍ଷା, ରପ୍ତାନୀ ଏବଂ ଭିତ୍ତିଭୂମିର ବିକାଶ ଅଧିକ ଗୁରୁତ୍ୱପୂର୍ଣ୍ଣ। ଜିଏସଟି ବୃଦ୍ଧି ଅପେକ୍ଷା ଆଇଏନଏସ ବିକ୍ରାନ୍ତ ଦେଶର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ।

**ପୁରୁଣା ବସଷ୍ଟାଣ୍ଡ, ଖୋର୍ଦ୍ଧା**

# ସ୍ୱଚ୍ଛତା ହିଁ ସେବା ଓ ଆମ ସହର

**ଲୋକନାଥ ପଣ୍ଡା**

ଗତ କିଛି ଦିନ ହେଲା ସ୍ୱଚ୍ଛତା ପକ୍ଷ ପାଳନ ହେଉଛି ଏବଂ ଏହାକୁ ନେଇ ଅନେକ ସମ୍ବାଦ ଓ ସାମାଜିକ ଗଣମାଧ୍ୟମରେ ପ୍ରଚାର, ଫଟୋ ଆଦି ଘୁରି ବୁଲୁଛି। ପ୍ରତି ଦିନ ସ୍କୁଲ, କଲେଜ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟ, ସାମାଜିକ ଅନୁଷ୍ଠାନ, ଗଣମାଧ୍ୟମ ଅନୁଷ୍ଠାନ ତରଫରୁ ର୍‌ୟାଲି, ସଫାଇ ଆଦି କାର୍ଯ୍ୟକ୍ରମ କରାଯାଉଛି। ଆମ ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଝାଡ଼ୁ ଧରିବାର ହୋର୍ଡ଼ିଂ ମଧ୍ୟ ଅନେକ କେନ୍ଦ୍ରୀୟ କାର୍ଯ୍ୟାଳୟଗୁଡ଼ିକର ପ୍ରମୁଖ ସ୍ଥାନଗୁଡ଼ିକରେ ଶୋଭା ପାଉଛି।

ସ୍ୱଚ୍ଛତାକୁ ନେଇ ଅନେକ ଉତ୍ସାହଜନକ କାର୍ଯ୍ୟକ୍ରମ ଚାଲୁଛି, ସ୍ୱଚ୍ଛତା ଆମ ଜୀବନକୁ ଓ ସମାଜକୁ ଅନେକ ପ୍ରକାରେ ପ୍ରଭାବ ପକାଉଛି, ଏଥିରେ ସଂନ୍ଦେହ ନାହିଁ। ସ୍ୱଚ୍ଛତା ଓ ଆମ ସହରକୁ ନେଇ ଆଲୋଚନା କରିବା ବେଳେ ପ୍ରଥମେ ପ୍ରାଥମିକ ସ୍ତରରୁ ତଥା ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରୁଛି। ସରକାର ତରଫରୁ ବିଦ୍ୟାଳୟର ସ୍ୱଚ୍ଛତାକୁ ନେଇ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରାଯାଇଛି। ସ୍କୁଲଗୁଡ଼ିକର ସ୍ୱଚ୍ଛତାର ଗୁଣାତ୍ମକ କିପରି ଉନ୍ନତି ହୋଇପାରିବ, ସେଥିପାଇଁ ପଞ୍ଚାୟତ ସ୍ତର ତରଫରୁ ବିଭିନ୍ନ ପଦକ୍ଷେପ ମାନ ଯୋଜନା କରାଯାଉଛି ଏବଂ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଏହାର ମୂଲ୍ୟାଙ୍କନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ୟୁନିସେଫ ଓ ଭାରତ ଜ୍ଞାନ ବିଜ୍ଞାନ ସମିତିଙ୍କ ମିଳିତ ଉଦ୍ୟମରେ ସରକାରୀ ବିଦ୍ୟାଳୟ ସ୍ତରରେ ସ୍ୱଚ୍ଛତାକୁ ନେଇ ୱାସ ଇନ୍ ସ୍କୁଲ ନାମରେ ଏକ କାର୍ଯ୍ୟକ୍ରମ ସହଯୋଗୀ ଭାବରେ କାର୍ଯ୍ୟ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ସ୍କୁଲର ସ୍ୱଚ୍ଛତା ତଥା ଶିଶୁମାନଙ୍କର ବିଦ୍ୟାଳୟ ପରିବେଶରେ ଆବଶ୍ୟକତାକୁ ନେଇ ସ୍ୱଚ୍ଛତା ଆକ୍ସନ ପ୍ଲାନ ବା ଯୋଜନା କରାଯାଇ ସ୍ୱଚ୍ଛତାକୁ ନେଇ ମାନଦଣ୍ଡଗୁଡ଼ିକର ନିର୍ଣ୍ଣୟ ଆଧାର କରାଯାଇଥାଏ। ଏହି ସ୍ୱଚ୍ଛତା ଆକ୍ସନ୍ ପ୍ଲାନକୁ ଅନେକ ବିଦ୍ୟାଳୟ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିଛନ୍ତି, ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି ଏବଂ କେତେକ କ୍ଷେତ୍ରରେ ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇଛନ୍ତି। ଏହିଭଳି କ୍ଷେତ୍ରରେ ଏହି ଲେଖକ ମଧ୍ୟ କେତେକ ବିଦ୍ୟାଳୟ ଦେଖିଛି, ଯେଉଁଠି କି ଶିକ୍ଷକଗୋଷ୍ଠୀ ନିଜର ଇଚ୍ଛାଶକ୍ତି ଓ ଆଗ୍ରହ ହେତୁ ସଫଳ ହୋଇଛନ୍ତି ଏବଂ ଅନେକ ପ୍ରଂଶସିତ ହୋଇଛନ୍ତି ଏବଂ ସ୍ୱଚ୍ଛତାକୁ ନେଇ ପ୍ରଶଂସିତ ହୋଇଥିବା ପରବର୍ତ୍ତୀ ସମୟରେ ଅର୍ଥରାଶୀ ମଧ୍ୟ ଏହି ବିଦ୍ୟାଳୟଗୁଡ଼ିକୁ ଜିଲ୍ଲା ତରଫରୁ ହେଉ କିମ୍ବା ରାଜ୍ୟ ତରଫରୁ ଅର୍ଥ ରାଶି ଯୋଗାଇ ଦିଆଯାଇଛି। ଏହି ସବୁ ମାନଦଣ୍ଡ ଭାବରେ ପାଇଖାନାର ଉପଯୋଗୀ ଓ ପାଣି ବ୍ୟବସ୍ଥା, ହାତଧୂଆ, ପାଣିଟ୍ୟାଙ୍କ, ତଥା ଅନେକ କିଛି ମାନଦଣ୍ଡ ରହିଛି ଯାହାକି ଶିଶୁଙ୍କୁ ସ୍ୱଚ୍ଛତା ଅଭ୍ୟାସ କରାଇବା ପାଇଁ ପ୍ରେରଣାଦାୟକ ସୁବିଧାଗୁଡ଼ିକ ରହିଛି। ଏହାକୁ ଯଦି ବିଦ୍ୟାଳୟ ସ୍ତରରେ ପ୍ରମୁଖ ଭାବରେ ଗୁରୁତ୍ୱ ଦିଆଯାଏ, ତେବେ ନିଶ୍ଚିତ ଭାବରେ ସ୍ୱଚ୍ଛତାର ସ୍ତରରେ ଉନ୍ନତି ଆସିବ ଏବଂ ଶିଶୁମାନଙ୍କ ମଧ୍ୟରେ ମଧ୍ୟ ସ୍ୱଚ୍ଛତା ପ୍ରତି ଆନ୍ତରିକତା ଓ ନିଷ୍ଠା ପିଲାଟି ଦିନରୁ ବଢ଼ିବ।

ଗାଁ ହେଉ କିମ୍ବା ସହର ହେଉ, ପ୍ରତ୍ୟେକ ଦିନ ଶହ ଶହ କୁଇଣ୍ଟାଲ ଆବର୍ଜନା ବାହାରୁଛି। ବର୍ତ୍ତମାନର ସମାଜରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ହେଉ କିମ୍ବା ପ୍ୟାକିଂ ବ୍ୟବସ୍ଥା ହେଉ, ଦୋକାନ ବଜାରରୁ ଆବର୍ଜନା ବାହାରିବା ହେଉ, ଡାକ୍ତରଖାନାର ଆବର୍ଜନା ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଅନେକ ପରିମାଣରେ ଆବର୍ଜନା ବାହାରୁଛି। ସରକାରଙ୍କ ତରଫରୁ ପ୍ରତିଦିନ ଗାଡ଼ି ଆସି ଘରୁ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଅନେକ କ୍ଷେତ୍ରରେ ଜନସାଧାରଣ ଏହାକୁ ସହଯୋଗ କରୁଥିବା ବେଳେ କେତେକ କ୍ଷେତ୍ରରେ ସହଯୋଗ କରୁନାହାନ୍ତି। ଏହାର କାରଣ ହେଲା ଆମର ମାନସିକତା। ସାଧାରଣତଃ ଓଡ଼ିଆମାନଙ୍କର ଅଭ୍ୟାସ ଯେ, ଭୋରରୁ ଘରର ମଇଳା ଓ ଅବର୍ଜନା ସଫା କରିବା। ଓଳିଆ ଗାଡ଼ି ଯଦି ଆସିବା ପୂର୍ବରୁ ଓଳିଆ ନେଇ ସାହି ଛକ ହେଉ କିମ୍ବା ନାଳରେ ହେଉ କିମ୍ବା ଅନ୍ୟକାହା ଦାଣ୍ଡରେ ନେଇ ସଅଳ ସଅଳ କାମ ସାରି ଦିଅନ୍ତି ! ଏହି ଲେଖକ ଏହିଭଳି କିଛି ସମସ୍ୟାର ଭୁକ୍ତଭୋଗୀ। ଘର ଆଗରେ ମଧ୍ୟ ଏହିଭଳି ନିତିଦିନ ସମସ୍ୟା ଦେଖାଦେଇଥାଏ। ଭୋରରୁ ତାଙ୍କ ଦାଣ୍ଡ ମୂହଁରେ ଆଣି ଅନେକ ଓଳିଆ ପକାଇ ପାଳାନ୍ତି ଏବଂ ସ୍ୱଚ୍ଛତା ଗାଡ଼ି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ନାହିଁ।

ସ୍ୱଚ୍ଛତାର ଅନ୍ୟ ଏକ ସମସ୍ୟା ହେଲା ସହରାଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳରେ ସହର ମୁଣ୍ଡରେ ନେଇ ଓଳିଆ ଗଦା କରିବା। ପଞ୍ଚାୟତ ତରଫରୁ ହେଉ କିମ୍ବା ସହରାଞ୍ଚଳ ହେଉ, ନଦୀ କୂଳ ହେଉ, ଗାଁ ମୁଣ୍ଡ ହେଉ, ସେଠାରେ ଓଳିଆ ପକାନ୍ତି। ଫଳରେ ଗାଁ ମୁଣ୍ଡରେ ପଶୁ ପଶୁ ହେଉ ସହର ମୁଣ୍ଡରେ ପଶୁ ପଶୁ ଏହାର ଦୁର୍ଗନ୍ଧରେ ଫାଟି ପଡ଼ିଥାଏ। ଏହା ଜଣେ ଚାହିଁଲେ ଅନୁଭବ କରିପାରିବ। ଜଣେ ସଚେତନ ନାଗରିକ ଯଦି ଏହାକୁ ଅଧ୍ୟୟନ କରେ, ତେବେ ଏହାକୁ ଅନୁଭବ କରିବ। ସବୁଠାରୁ ବଡ଼କଥା ହେଲା, ସହରଗୁଡ଼ିକ ହେଉ ଗ୍ରାମାଞ୍ଚଳରେ ଯେଉଁ ସ୍ୱଚ୍ଛ ପୋଖରୀଗୁଡ଼ିକ ଥିଲା, ତାହାର ଅବସ୍ଥା ବେଶ୍ ସଂକଟପୂର୍ଣ୍ଣ ଓ ପ୍ରଦୂଷିତ। ଅନେକ ପୋଖରୀକୁ ପୋତି ଦିଆଗଲାଣି କିମ୍ବା ଓଳିଆ ପକାଇଁ ଆବର୍ଜନା ମୟ କରି ଦିଆଗଲାଣି, କିମ୍ବା କେଉଁଠି ଦୂଷିତ ପାଣିକୁ ପୋଖରୀରେ ପଶୁଛି। ଜଳାଶୟଗୁଡ଼ିକ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ।

ଅନ୍ୟ ଏକ ବଡ଼ ସମସ୍ୟା ହେଲା, ଯେଉଁଠି ସହରାଞ୍ଚଳର କିଛି ଖାଲ ବା ଝୋଲା ରହିଛି, ସେଠାରେ ଓ୍ୟଂଷଧୀୟ ଗଛପତ୍ର ରହୁଥିଲା, ଜଳାଶ୍ରୟ ଭଳି ରହୁଥିଲା, ସେଗୁଡ଼ିକ ବର୍ତ୍ତମାନ ଡମ୍ପିଂକ ୟାଡ଼ ବା ଆର୍ବଜନା କେନ୍ଦ୍ର ପାଲଟିଛି ! ରାୟଗଡ଼ା ସହରରେ ଦେଖୁଥିଲି, ପ୍ରସିଦ୍ଧ ମଝିଘରିଆଣି ମନ୍ଦିର ନିକଟରେ ଝୋଲା ବା ଖାଲ ଅଞ୍ଚଳ ଥିଲା, ସେଠାରେ ଜଳାଶୟ ଭଳି ରହୁଥିଲା ଏବଂ ଭୂଜଳ ସ୍ତରକୁ ସଂରକ୍ଷଣ କରିବା ନିମନ୍ତେ ବେଶ୍ ପ୍ରଭାବ ପକାଇଥାଏ। କିନ୍ତୁ ବର୍ତ୍ତମାନ ଏହାକୁ ସହରାଞ୍ଚଳର ସମସ୍ତ ଆବର୍ଜର୍ନାକୁ ଏଠାରେ ପକାଯାଉଛି, ଏହାଦ୍ୱାରା ରାୟଗଡ଼ା ସହରର ଭୂଜଳ ପ୍ରଦୂଷିତ ହେବାର ଅନେକ ଆଶଙ୍କା ପ୍ରକାଶ ପାଉଛି। ଏହାକୁ ନେଇ କେହି ଆଲୋଚନା କରନ୍ତି ନାହିଁ କିମ୍ବା ଗଣମାଧ୍ୟମ ମଧ୍ୟ ଏଥିପ୍ରତି ନଜର ନାହିଁ, କୌଣସି ଏକାଡ଼େମିକ୍ ଅନୁଷ୍ଠାନ ବା ନାଗରିକ ଗୋଷ୍ଠୀ ମଧ୍ୟ ଏହା ସମ୍ପର୍କରେ ତର୍କବିତର୍କ କରୁନାହାନ୍ତି। ଅନେକ ସହର ଆଜିର ଦିନରେ ପ୍ରଦୂଷଣରେ ପୂର୍ଣ୍ଣ ହୋଇ ରହିଛି ଏବଂ ଏପରିକି ଅନେକ ସହରର ବାୟୁରେ ମଧ୍ୟ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ବେଶ୍ କୁପ୍ରଭାବ ପଡୁଛି। ଜଳ, ବାୟୁ, ପରିବେଶ ସବୁକ୍ଷେତ୍ରରେ ପ୍ରଦୂଷଣ ବଢ଼ି ବଢ଼ି ଚାଲିଛି।


କିଛି ଦିନ ତଳେ ଦଳେ ଏକ ସହରରେ ଛାତ୍ରୀଗୋଷ୍ଠୀ ଏବଂ ତାଙ୍କର ଅଧାପକାଙ୍କ ଏକ ଉଚ୍ଚ ପଦସ୍ଥ ଅଫିସରଙ୍କ ଘର ଆଗର ଏବଂ ବଜାରରେ ସଫା କରିବା ଦେଖୁଥିଲି। ସେବାକୁ ଭଲ ପାଉଥିବା ଛାତ୍ରୀ ଓ ଅଧାପିକ ମହୋଦାୟା ସୁନ୍ଦର ପୋଷାକ ପିନ୍ଧି ସୁନ୍ଦର ସୁନ୍ଦର ଝାଡ଼ୁ, ଯାହାକି ଆଜିକାଲିର ବିଜ୍ଞାପନରେ ଦେଖାଯାଉଛି, ତାହାକୁ ଧରି ସଫା କରିବାକୁ ବାହାରିଥିଲେ। ଯାହା ମୁଁ କିଛି ସମୟ ଦେଖି ଅନୁଭବ କଲି, ଏହା କେବଳ ଥିଲା ବିଜ୍ଞାପନ ପାଇଁ ! ଅନେକ ସମୟରେ ସ୍ୱଚ୍ଛତାକୁ ନେଇ ଯେଉଁ ପ୍ରଚାର ଓ ପ୍ରସାର ଚାଲିଛି, ଜଣେ ଯଦି ଅନୁଭବ କରିବ, ତେବେ ସେ ଭାବିବ ଯେ ଏହା କେବଳ ବିଜ୍ଞାପନ ପାଇଁ ! କିନ୍ତୁ ଅଭ୍ୟାସରେ ପରିଣତ କରିବା କେତେ କଷ୍ଟକର ହେଲେ ମଧ୍ୟ ତାହାକୁ ଆମକୁ ଅଭ୍ୟାସରେ ପରିଣତ କରିବା ପାଇଁ ପ୍ରୟାସ କରିବାକୁ ପଡ଼ିବ।

ବିଦ୍ୟାଳୟରେ ଅନେକ କାର୍ଯ୍ୟକ୍ରମ ରହୁଛି ଯାହାକି ଶିଶୁଟିକୁ ତାହାର ସ୍ୱଚ୍ଛତାକୁ ନେଇ ଅଭ୍ୟାସ କରୁଛି। କିନ୍ତୁ ସ୍ୱଚ୍ଛତା ସହିତ ପ୍ରଦୂଷଣର ସମ୍ପର୍କ ରହୁଛି। ଆମେ ଯେତେ ସ୍ୱଚ୍ଛତା ରହିବା, ପରିବେଶକୁ ଧ୍ୱଂସ କରିବାରୁ ରକ୍ଷା କରିବା ପାଇଁ ପ୍ରୟାସ କରିବା, ଘରରୁ ହିଁ ସ୍ୱଚ୍ଛତାର ଅଭ୍ୟାସ ଆରମ୍ଭ କରିବା, ପରିବେଶକୁ ସୁରକ୍ଷା ଯୋଗାଇବା, ତେବେ ପୃଥିବୀ ବଞ୍ଚିରହିବ ଏବଂ ପରବର୍ତ୍ତୀ ପିଢ଼ି ଆମକୁ ମନେ ରଖିବ।

ଅକ୍ଟୋବର ୨ ତଥା ଗାନ୍ଧୀ ଜୟନ୍ତୀ ସମୟରେ ଆମେ ସ୍ୱଚ୍ଛତାକୁ ନେଇ ଆମେ ସଚେତନ ହେଉଛୁ ଏବଂ ସଚେତନ ହେଉଛୁ। ଗାନ୍ଧୀଜୀ ହୁଅନ୍ତୁ, ବିନୋବା ଭାବେ ହୁଅନ୍ତୁ, କିମ୍ବା ଓଡ଼ିଶାରେ ତାଙ୍କର ଅନୁଗାମୀ ଯଥା ଅନ୍ନପୂର୍ଣ୍ଣା ମହାରଣା, ଶାନ୍ତି ଦେବୀ, ରମା ଦେବୀ, ଗୋପବନ୍ଧୁ ଚୌଧୁରୀ ହୁଅନ୍ତୁ କିମ୍ବା ଅନେକ ବ୍ୟକ୍ତିବିଶେଷ ଅଛନ୍ତି ଓ ଅନୁଷ୍ଠାନ ଅଛନ୍ତି, ଯେଉଁମାନେ ସ୍ୱଚ୍ଛତାକୁ ନେଇ ଅଭ୍ୟାସ ଓ ଜୀବନରେ ଶୃଙ୍ଖଳିତ ଜୀବନ ଜାରି ରଖିଆସିଥିଲେ। ବର୍ତ୍ତମାନ ମଧ୍ୟ ଅନେକ ଅଛନ୍ତି ଅନେକ ସ୍ୱଚ୍ଛତାକୁ ନେଇ କାର୍ଯ୍ୟ କରୁଚନ୍ତି, ପ୍ରଶ୍ନ କରୁଛନ୍ତି, ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟୁଛନ୍ତି। ସେମାନେ ଅନ୍ୟମାନଙ୍କୁ ଫଲୋ କରନ୍ତି ନାହିଁ, ନିଜେ ରାସ୍ତା କରନ୍ତି। ବର୍ତ୍ତମାନ ସ୍ଥିତିରେ ସ୍ୱଚ୍ଛତାକୁ ନେଇ ନିଜେ ଅଭ୍ୟାସରେ ପରିଣତ କରିବାକୁ ସହିତ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବାର ଆବଶ୍ୟକତା ରହିଛି।

**୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼ା**
**ମୋବାଇଲ୍: ୯୪୩୮୦୮୧୪୩୦**

# ନାରୀ ନିର୍ଯ୍ୟାତନା ବଢୁଛି କି ?



**ସୁବାସ ଷଡଙ୍ଗୀ**

ଗତ କିଛିଦିନ ହେଲା କେବଳ ଆମ ରାଜ୍ୟରେ ନୁହେଁ ସାରା ଭାରତରେ ନାରୀ ନିର୍ଯ୍ୟାତନାର ହାର ବଢ଼ିବାରେ ଲାଗିଛି। ସବୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର କହୁଛନ୍ତି, ସେମାନେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରୁଛନ୍ତି। କୌଣସି ପ୍ରକାରେ ଅପରାଧୀଙ୍କୁ ଛଡାଯିବ ନାହିଁ। କିନ୍ତୁ ଶେଷ ପର୍ଯ୍ୟନ୍ତ ପ୍ରକୃତ ଅପରାଧୀ କିଏ ତାହା ଜଣାପଡେ ନାହିଁ।

ନାରୀଙ୍କ ଉପରେ ପୁରୁଷର ଅତ୍ୟାଚାର ପ୍ରତିଟି ଯୁଗରେ। କାହିଁ ଅନାଦି କାଳରୁ। ଅନେକ ଏହାକୁ କହି ପାରନ୍ତି, ସବଳର ଦୁର୍ବଳ ଉପରେ ଅତ୍ୟାଚାର। କିନ୍ତୁ ସମୟ ସହିତ ତାଳ ଦେଇ ଆମର ଚାଲି ଚଳଣି ବଦଳିବାରେ ଲାଗିଛି। ଘରର ଝିଅ ଆଉ ଘର କୋଣରେ ବସିବାକୁ ଚାହେଁ ନାହିଁ। ସେ ନିଜର ଅଧିକାର ବିଷୟରେ ବେଶ ସଚେତନ। ତଥାପି ତାକୁ ଧର୍ଷଣର ଶିକାର ହେବକୁ ପଡୁଚି। ଯୌତୁକ ଆଣି ନଥିବାରୁ ନିର୍ଯ୍ୟାତନା ସହିବାକୁ ହେଉଛି। ତାହା ପଶ୍ଚିମବଙ୍ଗର ଆରଜିକର ହସପିଟାଲର ମହିଳା ଡାକ୍ତର ହୁଅନ୍ତୁ ବା ଓଡ଼ିଶାର ଜଣେ ଆର୍ମି ଅଫିସରଙ୍କ ବାନ୍ଧବୀ ହୁଅନ୍ତୁ, କେହି ପୁରୁଷ ନିର୍ଯ୍ୟାତନାରୁ ମୁକୁଳିପାରି ନାହାନ୍ତି। ଉତର ପ୍ରଦେଶରେ ଏବେ ଜଣେ ଦଳିତ ମହିଳାଙ୍କୁ ଧର୍ଷଣ କରାଯାଇ, ଗରମ ତେଲ କଡେଇରେ ପକେଇ ଦିଆଯାଇଥିଲା। ଏମିତି ତାଲିକା ଅନେକ। ପରିସଂଖ୍ୟାନ କହେ, ପ୍ରତିଦିନ ଦଶ ଜଣ ଦଳିତ ମହିଳା ଧର୍ଷଣର ଶିକାର ହେଉଛନ୍ତି। ଶତକଡା ୪୭ ଭାଗ ମହିଳା କର୍ମଚାରୀ ନିଜ ଅଫିସରେ ସହକର୍ମୀ ବା ଉପରିସ୍ତ ଅଫିସରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥାନ୍ତି। ଇଏତ ଗଲା ଶିକ୍ଷିତ ମହିଳାଙ୍କ କଥା। ଘରୋଇ ଚାକରାଣୀ ଭାବେ କାମ କରୁଥିବା ମହିଳାମାନେ ଅଧିକ ନିର୍ଯ୍ୟାତିତ ହୋଇଥାନ୍ତି ବୋଲି ପରିସଂଖ୍ୟାନରୁ ଜଣାପଡ଼ିଛି। ଘରେ ସ୍ତ୍ରୀ ନଥିଲାବେଳେ ସୁନ୍ଦରୀ ବା ଯୁବତୀମାନଙ୍କୁ ଅର୍ଥ ଲୋଭ ଦେଖାଇ ଉପଭୋଗ କରିବା ଧନୀ ଲୋକମାନଙ୍କର ଏକ ସାମନ୍ତବାଦୀ ପ୍ରଥା। ଆଗରୁ ଜମିଦାରମାନେ ଜୋରଜବରଦସ୍ତି କରୁଥିଲେ, ଏବେ କିନ୍ତୁ ଟଙ୍କାର ଲୋଭ ଦେଖାଇ ଧର୍ଷଣ କରାଯାଉଛି। ଭାରତ ବର୍ଷରେ ଏମାନଙ୍କ ସଂଖ୍ୟା ହେଉଛି ଶତକଡା ୩୨ ଭାଗ।

କର୍ମ କ୍ଷେତ୍ରରେ ଯଦି ଜଣେ ମହିଳା ସୁରକ୍ଷିତ ନୁହେଁ, ତେବେ ଆଉ ଅନ୍ୟ ଜାଗାରେ କିପରି ସୁରକ୍ଷିତ ରହିପାରିବ? ଆଜିକାଲି



ବହୁ ଝିଅ ବିଭିନ୍ନ ଚାକିରିରେ ନିୟୋଜିତ ଅଛନ୍ତି। ଏମିତି ସେମାନଙ୍କୁ ରାତିରେ କାମ କରିବାକୁ ହୋଇଥାଏ। ହସପିଟାଏରେ ନର୍ସ, ଆଇଟି କମ୍ପାନୀରେ ମହିଳାଙ୍କ ରାତି ଡ୍ୟୁଟି ଏକ ସାଧାରଣ କଥା। କିନ୍ତୁ ଆମେ ଅର୍ଥାତ ପୋଲିସ ସେମାନଙ୍କୁ ସୁରକ୍ଷା ଦେବାକୁ ଅସମର୍ଥ।

ସମାଜରେ ଏପରି ଘଟଣା କଣ ପାଇଁ ଅଧିକ ହେଉଛି? ମନସ୍ତତ୍ୱବିଦମାନଙ୍କ କହିବା କଥା ହେଉଛି, ଯୁବକମାନେ କ୍ରମଶ ସବୁ ପ୍ରକାରର ଲାଇନ ଟପିଯାଉଛନ୍ତି। ସେମାନଙ୍କୁ ଶାସନ କରିବାକୁ କେହି ନାହାନ୍ତି। ସେମାନେ ଏଥିପାଇଁ ଶିକ୍ଷାକୁ ଦାୟି କରନ୍ତି। କାରଣ ମଣିଷକୁ ଗଢ଼ିଲା ଭଳି ଆଜିକାଲି ଆଉ ଦିଆଯାଉ ନାହିଁ। କେବଳ ବୃତିଭିତିକ ଶିକ୍ଷା ଦିଆଯାଉଛି। ଏଣୁ ଶାଳୀନତା ବିହୀନ ଜୀବନଶୈଳୀ ସେମାନଙ୍କୁ କୁପଥକୁ ନେଇ ଯାଉଛି।

ଆଗରୁ କୁହାଯାଉଥିଲା ଝିଅମାନେ ପ୍ରଥମେ ନିଜ ପରିବାର ବା ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଯୌନଶୋଷଣା ଶିକାର ହୋଇଥାନ୍ତି। ଲୋକ ଲଜ୍ଜା ଭୟରେ ଏହି ଘଟଣାକୁ ଚାପି ଦିଆଯାଏ। ତାପରେ ଆସେ ସ୍କୁଲ ଜୀବନ। ଆଜିକାଲି ଝିଅମାନେ ସ୍କୁଲରେ ପାଠ ପଢ଼ିବା ସମୟରୁ ବଡପିଲା ହୋଇଯାଉଛନ୍ତି। କୌତୁହଳବଶତଃ ହେଉ ବା କୁସଙ୍ଗରେ ପଡ଼ି ହେଉ, ସେମାନେ ଯୌନମିଳନରେ ଲିପ୍ତ ହୁଅନ୍ତି। ତାପରେ ଆସେ କଲେଜ ଜୀବନ। ଯେହେତୁ ସେମାନେ ସ୍କୁଲ ଜୀବନରୁ ଯୌନଜୀବନ ବିଷୟରେ ଜାଣିଥାନ୍ତି, ତେଣୁ ଏଥିରେ ଲିପ୍ତ ହୁଅନ୍ତି। ଆଜିକାଲି, ବୃତିଗତ କଲେଜଗୁଡାକ ଯୁବକଯୁବତୀମାନଙ୍କ ମିଳନର ପୀଠସ୍ଥଳୀ।

ପରିବର୍ତନ ସହିତ ତାଳ ଦେ ପରିବାର ଲୋକ ଝିଅମାନଙ୍କୁ କିଛିଟା ସୁଯୋଗ ଦେଇଥାନ୍ତି। କଲେଜରୁ ହେଣିରେ ଫେରିବା, ସାଙ୍ଗ ମାନଙ୍କ ସହିତ ମିଶିବା ଆଜିକାଲି ପାଠପଢ଼ାର ଏକ ଅଙ୍ଗ ବୋଲି ଧରିନିଆଯାଉଛି। କିନ୍ତୁ ଉଭୟ ପୁଅ ବା ଝିଅ ଏଥିରୁ ଫାଇଦା ଉଠାଇଥାଆନ୍ତି। ଏହାକୁ ସହଜରେ ବନ୍ଦ କରିହେବ ନାହିଁ।

ପରିବାରରୁ ଶଣ୍ଣା ଶିଖିବା ଦରକାର ବୋଲି ଅନେକ ଯୁକ୍ତି ବାଢନ୍ତି। କେବଳ ଝିଅମାନେ କାହିଁକି ସବୁକିଛି ନିୟମକାନୁନ ମାନି ଚଳିବେ ଆଉ ଯୁବକମାନେ ସେମାନଙ୍କ ଉପରେ ମନମାନି କରିବେ? ସମାଜ ତ ସମସ୍ତଙ୍କୁ ସମାନ ଅଧିକାର ଦେଇଛି।

ପରିସ୍ଥିତି ଅଧିକ ଜଟିଳ ହେବା ଆଗରୁ ପରିବାରରୁ ପ୍ରଥମେ ଯୁବକଯୁବତୀଙ୍କ ଉପରେ ଅଙ୍କୁଶ ଲାଗିବା ଦରକାର। ଶିକ୍ଷା କେବଳ ବୃତିଗତ ନ ହୋଇ ସାମାଜିକ ରୀତିନୀତି ଓ ଚାଲିଚଳଣି ନେଇ ଶିକ୍ଷା ଦିଆଯିବା ଦରକାର। ତାହେଲେ ଯାଇ କିଛିଟା ପରିବର୍ତନ ହେବ। ନହେଲେ ଆମେ ସମସ୍ତେ କାନ୍ଦୁଥିବା ମାତ୍ର କାହା ଆଖିରୁ ଲୁହ ଝରୁ ନଥିବ।

**ମୋବାଇଲ୍: ୯୪୩୯୬୫୨୩୨୨**

# ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଫଲୋଅନ

## ପ୍ରଥମ ଇନିଂସରେ ମାତ୍ର ୮୮ ରନରେ ଅଲଆଉଟ




**ଗାଲେ, ୨୮।୯:** ଏଠାରେ ଚାଲିଥିବା ଶ୍ରୀଲଙ୍କା ବନାମ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ମାତ୍ର ୮୮ ରନରେ ଅଲ ଆଉଟ ହୋଇ ଫଲୋଅନର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ନ୍ୟୁଜିଲାଣ୍ଡ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୧୯୯ ରନ ସଂଗ୍ରହ କରିଛି ଏବଂ ଇନିଂସ ପରାଜୟର ସମ୍ମୁଖୀନ ହୋଇଛି। ଏବେ ବି ନ୍ୟୁଜିଲାଣ୍ଡ ଘରୋଇ ଦଳଠାରୁ ୩୧୫ ରନ ପଛରେ ରହିଛି। ଖରାପ ପାଗ ଯୋଗୁ ତୃତୀୟଦିନ ଖେଳ ଆଗୁଆ ଶେଷ ହୋଇଛି। ଗତକାଲି ଶ୍ରୀଲଙ୍କା ଏହାର ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୬୦୨ ରନ ସଂଗ୍ରହ କରିବା ପରେ ପାଳି ସମାପ୍ତି ଘୋଷଣା କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଦିନେଶ ଚାନ୍ଦିମାଲ, କାମିନ୍ଦୁ ମେଣ୍ଡିସ ଏବଂ କୁଶଲ ମେଣ୍ଡିସ ଶତକ ହାସଲ କରିଥିଲେ। ଏହାର ଜବାବରେ ନ୍ୟୁଜିଲାଣ୍ଡ ଏହାର ପ୍ରଥମ ଇନିଂସରେ ମାତ୍ର ୮୮ ରନ କରି ଅଲ ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମିଚେଲ ସାଣ୍ଟନରର ସର୍ବାଧିକ ୨୯ ରନ ସଂଗ୍ରହ କରିଥିଲେ। ଦଳର ୮ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରିନଥିଲେ। ଶ୍ରୀଲଙ୍କା ପକ୍ଷରୁ ଜୟସୁରିୟା ସର୍ବାଧିକ ୬ଟି ଏବଂ ପେରିସ ୩ଟି ୱିକେଟ ଦଖଲ କରିଥିଲେ।

ପ୍ରଥମ ଇନିଂସରେ ଶ୍ରୀଲଙ୍କାଠାରୁ ୫୧୪ ରନ ପଛରେ ଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ଅପେକ୍ଷାକୃତ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ଏହା ଇନିଂସ ପରାଜୟ ଏଡ଼ାଇବାକୁ ଯଥେଷ୍ଟ ନୁହେଁ। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡ ପକ୍ଷରୁ ଲାଥାମ ଶୂନରେ ଆଉଟ ହୋଇଥିବା ବେଳେ କନୱେ ୬୧, ୱିଲିୟମସନ ୪୬, ରଚିନ ରବିନ୍ଦ୍ର ୧୨ ଏବଂ ଡାରିଲ ମିଚେଲ ୧ ରନ କରି ଆଉଟ ହୋଇଥିବା ବେଳେ ବ୍ଲଣ୍ଡେଲ ୪୭ ଓ ଫିଲିପ୍ସ ୩୨ ରନ କରି ବ୍ୟାଟିଂ କରୁଛନ୍ତି। କନୱେ ଓ ୱିଲିୟମସନଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ ଯୋଡ଼ିରେ ୯୭ ରନ ସଂଗୃହୀତ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ପେରିସ ୩ଟି ୱିକେଟ ଦଖଲ କରିଛନ୍ତି।



## ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ

# ବର୍ଷା ଯୋଗୁ ଦ୍ୱିତୀୟ ଦିନ ଖେଳ ଧୋଇଗଲା

**କାନପୁର, ୨୮।୯:** ବର୍ଷା ଯୋଗୁ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନ ସମ୍ପୂର୍ଣ୍ଣ ଧୋଇଯାଇଛି। ପ୍ରଥମ ଦିନ ମାତ୍ର ୩୫ ଓଭର ଖେଳ ସମ୍ଭବ ହୋଇଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଦିନ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ପୂର୍ବ ଦିନ ରାତି ତମାମ ବର୍ଷା ଯୋଗୁ ପଡ଼ିଆ ଖେଳ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଥିଲା। ଏହା ଛଡ଼ା ମେଘୁଆ ପାଗ ଯୋଗୁ ଆଲୋକ ଅଭାବ ଧ୍ୟ ଦେଖିବାକୁ ମିଳିଥିଲା। ତେଣୁ ଅପରାହ୍ନ ୨ଟା ବେଳେ ଅମ୍ପାୟାର ଦିନକୁ ପାଇଁ ଖେଳକୁ ବାତିଲ ଘୋଷଣା କରିଥିଲେ।

# କ୍ରିକେଟର ମୁଶୀର ଖାନ ଦୁର୍ଘଟଣାର ସମ୍ମୁଖୀନ

## ଇରାନୀ କପରୁ ବାଦ୍ ପଡ଼ିପାରନ୍ତି



**ନୂଆଦିଲ୍ଲୀ, ୨୮।୯:** ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି କ୍ରିକେଟର ମୁଶୀର ଖାନ। ତାଙ୍କ ବେକରେ ଆଘାତ ଲାଗିଥିବା ସୂଚନା ମିଳିଛି। ଫଳରେ ସେ ଆଗକୁ ହେବାକୁ ଥିବା ଇରାନୀ କପ୍ ଖେଳି ନ ପାରନ୍ତି। ଟିମ୍ ଇଣ୍ଡିଆର ବ୍ୟାଟ୍ସମ୍ୟାନ ସରଫରାଜ ଖାନଙ୍କ ସାନଭାଇ ହେଉଛନ୍ତି ମୁଶୀର ଖାନ। ମୁଶୀର ଖାନ ମଧ୍ୟ ଅଣ୍ଡର-୧୯ ଖେଳିବା ସହ ରଣଜୀ ଟ୍ରଫି ଖେଳିଛନ୍ତି। ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ମୁଶୀର ତାଙ୍କ ବାପା ନୌଶଦ ଖାନଙ୍କ ସହ ଆଜମଗଡ଼ରୁ ଲକ୍ଷ୍ନୌ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମାତ୍ର ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡି ନାହିଁ। ତେବେ ଦୁର୍ଘଟଣାର ଗମ୍ଭୀରତରୁ ଯାହା ଜଣାପଡୁଛି ସେ ଦେଢ଼ରୁ ତିନି ମାସ ପର୍ଯ୍ୟନ୍ତ ବେଡ୍ ରେଷ୍ଟରେ ରହିବେ। ଏହି ସମୟରେ ସେ କୌଣସି ପ୍ରକାର ଟୁର୍ଣ୍ଣାମେଣ୍ଟରେ ସାମିଲ୍ ହୋଇପାରିବେ ନାହିଁ। ତେଣୁ ଏହି ଦିନ ମଧ୍ୟରେ ଇରାନୀ କପ୍ ଅନୁଷ୍ଠିତ ହେବାକୁ ଥିବାରୁ ସେ ଏଥିରୁ ବାଦ୍ ପଡ଼ିପାରନ୍ତି। ଘରୋଇ କ୍ରିକେଟରେ ମୁଶୀରଙ୍କ ଦବଦବା ରହିଛି। ରେଡ୍-ବଲ୍ କ୍ରିକେଟରେ ମୁଶୀର ଫର୍ମରେ ଥିଲେ। ସେ ଦୁଲିପ ଟ୍ରଫିରେ 'ଇଣ୍ଡିଆ ବି' ପକ୍ଷରୁ ୧୮୧ ରନ୍ ସଂଗ୍ରହ କରିଥିଲେ।

# ବିଶ୍ୱ ଯୁବ ଟେବୁଲ୍ ଟେନିସ୍‌ରେ ଚମକିଲେ ଓଡ଼ିଆ ପୁଅ ସାର୍ଥକ

**ନୂଆଦିଲ୍ଲୀ, ୨୮।୯:** ସାଉଦି ଆରବରେ ଶୁକ୍ରବାର ଶେଷ ହୋଇଥିବା ବିଶ୍ୱ ଟେବୁଲ ଟେନିସ ଯୁଥ କଣ୍ଟେଣ୍ଡର ଦମମ୍-୨୦୨୪ରେ ଚମକିଛନ୍ତି ଓଡିଆ ପୁଅ ସାର୍ଥକ ଆର୍ଯ୍ୟା। ୧୫ ବର୍ଷରୁ କମ୍ ବାଳକ ଏକକ ଓ ମିଶ୍ରିତ ବର୍ଗରେ ସାର୍ଥକ ବିଜେତା ହୋଇ ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ବାଳକ ଏକକରେ କତର, ଇଜିପ୍ଟ ଓ ତାଇୱାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସାର୍ଥକ ଫାଇନାଲରେ ଚାଇନିଜ୍ ତାଇପେର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୧ ବ୍ୟବଧାନରେ ପରାସ୍ତ କରି ବିଜେତା ହୋଇଥିଲେ। ସେହିଭଳି ୧୫ ବର୍ଷରୁ କମ୍ ମିଶ୍ରିତ ଯୁଗଳରେ ମହାରାଷ୍ଟ୍ରର କାବ୍ୟାଙ୍କୁ ସାଥୀ କରି ସାର୍ଥକ ଉଜବେକିସ୍ଥାନ, ସାଉଦି ଆରବ, ୟୁଏଇ ଓ ଚାଇନିଜ୍ ତାଇପେର ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ମୁକାବିଲା ପରେ ଫାଇନାଲ୍‌ରେ ପହଞ୍ଚିଥିଲେ। ଫାଇନାଲରେ ସାର୍ଥକ ଓ କାବ୍ୟା ଅନ୍ୟତମ ଭାରତୀୟ ଯୋଡ଼ିଙ୍କୁ ହରାଇ ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୧୫ ବର୍ଷରୁ କମ୍ ବାଳକ ଏକକରେ ଏକମାତ୍ର ଭାରତୀୟ ଖେଳାଳି ଭାବେ ସାର୍ଥକ ବିଶ୍ୱ ଯୁବ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ବର୍ଷ ନଭେମ୍ବରରେ ସ୍ୱିଡେନ୍‌ରେ ବିଶ୍ୱ ଯୁବ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସାର୍ଥକଙ୍କ ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ୍ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୁଚନାଯୋଗ୍ୟ, ବିଭିନ୍ନ ବିଶ୍ୱସ୍ତରୀୟ ଓ ଜାତୀୟସ୍ତରୀୟ ଟିଟି ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଥିବା ସାର୍ଥକ ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଅର୍ନ୍ତଗତ ଗୁଣ୍ଡିଲୋ ଗରମା ଗ୍ରାମର ମୂଳ ବାସିନ୍ଦା। ବର୍ତ୍ତମାନ ହରିୟାଣାର ସୋନିପତସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ନଭେମ୍ବରରେ ସ୍ୱିଡେନ୍‌ରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଯୁବ ପ୍ରତିଯୋଗିତାରେ ସାର୍ଥକ ନିଜ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ଆଶାବାଦୀ ବୋଲି କହିଛନ୍ତି। ସେହିଭଳି ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିଣିବାକୁ ମଧ୍ୟ ସେ ଏବେଠାରୁ ଲକ୍ଷ୍ୟ ରଖିଛନ୍ତି। ଲକ୍ଷ୍ୟ ହାସଲ କରିବା ପାଇଁ ସାର୍ଥକ ହରିୟାଣାର ସୋନିପତସ୍ଥିତ ପିଏସ୍‌ପିବିରେ ପ୍ରଶିକ୍ଷଣ ନେବା ସହିତ ଦୈନିକ ୮ ଘଣ୍ଟାର ପରିଶ୍ରମ କରୁଛନ୍ତି।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଜିଙ୍କ ...

୨୦୨୬ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ୨୦୧୫ ନଭେମ୍ବର ମାସରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ କାର୍ଯ୍ୟକାରୀ ହେଉଛି ଓ ଏହି ଆଇନରେ ୬ମାସ ମଧ୍ୟରେ ଘରୋଇ ଡିଲର ବ୍ୟବସ୍ଥା ଉଚ୍ଛେଦ ପାଇଁ ପ୍ରାବଧାନ ଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ାଇ ଚାଲିଛନ୍ତି। ବିଜେଡି ସରକାର ଏହି ଘରୋଇ ଡିଲରଙ୍କ କାର୍ଯ୍ୟକାଳକୁ ଥରକରେ ୬ମାସରୁ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରୁଥିବାବେଳେ ବିଜେପି ସରକାର ଆଜି ଦେଢ଼ବର୍ଷ ପାଇଁ ବଢ଼ାଇ ଦେଇଛନ୍ତି। ରାଜ୍ୟରେ ସାଧାରଣ ବଂଟନ ବ୍ୟବସ୍ଥାରେ ମୋଟ ୧୧୯୩୧ଟି ସୁଲଭ ମୂଲ୍ୟ ଦୋକାନ ରହିଛି । ସେଥିରୁ ୫୨୯୧ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି। ଆନୁଷ୍ଠାନିକ ଖାଉଟି ଡିଲର କେନ୍ଦ୍ର ଯଥା-ପଂଚାୟତ ଦ୍ୱାରା ପରିଚାଳିତ ୪୦୨୮ଟି , ମହିଳା ଏସଏଚଜିଙ୍କ ଦ୍ୱାରା ୨୧୬୧ଟି, ଏସଏଚଜିଙ୍କ ଦବାରା ୧୬୧ଟି , ସେବା ସମବାୟ ସମିତି ଦ୍ୱାରା ୨୪୬ଟି ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ୪୨ଟି ସୁଲଭ ମୂଲ୍ୟ ଦୋକାନ ପରିଚାଳିତ ହେଉଛି। ସେହିପରି ଆଡଭୋକେଟ୍ ଜେନେରାଲ(ଏଜି)ଙ୍କ ଫି' ସଂଶୋଧନ ପ୍ରସ୍ତାବକୁ ପିଛିଲା ଭାବେ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଶେଷଥର ପାଇଁ ୨୦୧୬ ଏପ୍ରିଲ ୨୧ତାରିଖରେ ଏଜିଙ୍କ ଫି' ସଂଶୋଧିତ ହୋଇଥିଲା । ସୁପ୍ରିମକୋର୍ଟ, ହାଇକୋର୍ଟ, ବିଭିନ୍ନ ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବା ପାଇଁ ଏଜିଙ୍କ ଫି'କୁ ରାଜ୍ୟ ସରକାର ପ୍ରାୟ ୬ଗୁଣ ବୃଦ୍ଧି କରିଛନ୍ତି । ସରକାର ଆଇନ ପରାମର୍ଶଦାତା ଭାବେ ମାସିକ ରିଟେନର ଫି' ବାବଦରେ ୫୦ହଜାର ଟଙ୍କା ପରିବର୍ତ୍ତେ ୩ଲକ୍ଷ ଟଙ୍କା ପାଇବେ । ସେହିପରି ସୁପ୍ରିମକୋର୍ଟରେ କୌଣସି ମାମଲାରେ ହାଜର ହେବା ପାଇଁ ଥରକୁ ୫୫୦୦୦ ଟଙ୍କା, ଆଟର୍ଣ୍ଣି ଜେନେରାଲଙ୍କୁ ସହାୟତା ପାଇଁ ସୁପ୍ରିମକୋର୍ଟରେ ଉପସ୍ଥିତ ହେଲେ ଦୈନିକ ୩୫ହଜାର ଟଙ୍କା, କୌଣସି କାର୍ଯ୍ୟ ସମ୍ପାଦନ ପାଇଁ ସଦରମହକୁମା ବାହାରକୁ ଗଲେ ଦୈନିକ ୩୫ହଜାର ଟଙ୍କା, କଟକରେ କୌଣସି କୋର୍ଟ, ଟ୍ରିବ୍ୟୁନାଲ ଓ ଆୟୋଗରେ ହାଜର ହେଲେ ଦୈନିକ ୩୦ହଜାର ଟଙ୍କାର ଫି' ସରକାର ଦେବେ । ସେହିପରି ଭାରତର ସମ୍ବିଧାନର ଅନୁଚ୍ଛେଦ ୨୨୬ ଓ ୨୨୭ ଅନୁସାରେ କାର୍ଯ୍ୟବିଧିରେ ହାଇକୋର୍ଟରେ ଉପସ୍ଥିତ ପାଇଁ ଦୈନିକ ୩୦ହଜାର ଟଙ୍କା ଫି' ମିଳିବ ବୋଲି ଜଣାପଡ଼ିଛି। ଶ୍ରୀ ହରିଚନ୍ଦନ କହିଛନ୍ତି, ଦୁଗ୍ଧ ଉତ୍ପାଦନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୮ ଟି ବିଭିନ୍ନ ଦିଗ, ଗୋପାଳନ, ସୁରକ୍ଷା, ଦୁଗ୍ଧ ଉପାଦାନକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ମଇଁଷି ପାଳନ, ଗୋ ସମ୍ପଦ ବୀମା (୮୫% ସରକାର ଦେବେ ୧୫%ଚାଷୀ ), ବାଛୁରୀମାନଙ୍କୁ ଖାଦ୍ୟ ଯୋଗାଣ, ସମବାୟ ଚାଷୀଙ୍କୁ ଋଣ ସମୟରେ ସହାୟତା, ଦୁଗ୍ଧ ଉତ୍ପାଦନକୁ ସହାୟତା, ଓମଫେଡକୁ ସଶକ୍ତ ପାଇଁ ସହାୟତା, ଫଡର ଚାଷ ପାଇଁ ପ୍ରୋତ୍ସାହନ ପାଇଁ ପ୍ରସ୍ତାବ ପାରିତ ହୋଇଛି। ଆଗାମୀ ୫ ବର୍ଷ ରେ ୧୪୨୩ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଅନୁମୋଦନ ମିଳିଛି।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ପାଇଁ ୫୫୦ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ହେବ ଏବଂ ଏହା ୩୦ ମାସରେ ସରିବ। ସିନିୟର ଜଜ୍ ନିଯୁକ୍ତି ନିୟମ ସଂଶୋଧନ, ଉତ୍ତୀର୍ଣ୍ଣ ପାଇଁ ପରୀକ୍ଷା, ବିଧାନସଭା ପରିସଂଖ୍ୟାନର ତଥ୍ୟ ବିତରଣ ଆଦି ଉପରେ ସଂଶୋଧନ କରାଯାଇଛି।

### ସ୍ୱଚ୍ଛ ଶାସନ...

ପ୍ରଶାସନର ଆଭିମୁଖ୍ୟକୁ ସ୍ପଷ୍ଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛ ଶାସନ, ତୁରନ୍ତ ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ, ଉତ୍ତରଦାୟିତ୍ୱ ଏବଂ ସାମାଜିକ ନ୍ୟାୟ ଓ ସମାବେଶୀ ଶାସନ ହେଉଛି ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ତେଣୁ, ଅଧିକାରୀମାନେ ପ୍ରଶାସନରେ ଏହି ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ଅଧିକରୁ ଅଧିକ ଟେକ୍‌ନୋଲୋଜିର ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅଧିକାରୀଙ୍କ ଇଚ୍ଛାଧୀନ କ୍ଷମତାକୁ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରିବାକୁ ସେ କହିଥିଲେ। ଏହା ସହିତ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଯେତେ ଦୂର ସମ୍ଭବ ମାନବ ସମ୍ବଳ ବିନିଯୋଗକୁ କମ କରି ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିପାରିଲେ ବ୍ୟବସ୍ଥା ସ୍ୱଚ୍ଛ ଓ ସରଳ ହୋଇପାରିବ। ଉଦାହରଣ ଦେଇ ସେ କହିଲେ ଯେ ଗୋ-ସୁଗମ ଓ ସଫଳ ପରି ପୋର୍ଟାଲର ବ୍ୟବହାର ଦ୍ୱାରା ବିଭିନ୍ନ ପ୍ରକଳ୍ପକୁ ମାନବ ସମ୍ବଳ ବିନା ଅନୁମୋଦନ କରାଯାଇପାରୁଛି। ସେହିପରି ପ୍ରଶାସନକୁ କ୍ରିୟାଶୀଳ କରିବା ପାଇଁ ସେ କହିଥିଲେ ଯେ ଜିଲ୍ଲା ଏବଂ ବ୍ଲକ ସ୍ତରରେ ମଧ୍ୟ ସରକାରୀ ନିଷ୍ପତ୍ତି ଯେତେଦୂର ସମ୍ଭବ ଶୀଘ୍ର ନିଆଯିବା ଆବଶ୍ୟକ । ଏହାଦ୍ୱାରା ପ୍ରଭାବିତ ବ୍ୟକ୍ତି ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ନିର୍ଣ୍ଣୟ ନେଇପାରିବେ। ଅଯଥା ନିଷ୍ପତ୍ତିକୁ ତ୍ରିଶଙ୍କୁ ଅବସ୍ଥାରେ ରଖନ୍ତୁ ନାହିଁ। ନାଗରିକ ଇଣ୍ଟରଫେସ୍ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ନାଗରିକ ଓ ପ୍ରଶାସନ ମଧ୍ୟରେ ଦୂରତ୍ୱ ରହିଯାଇଛି। ଏହାର ମୁଖ୍ୟ କାରଣ ହେଉଛି, ନାଗରିକ ଓ ସିଭିଲ ସୋସାଇଟି ସହିତ ଆମେ ଯଥେଷ୍ଟ ବାର୍ତ୍ତାଳାପ କରୁନାହୁଁ, ମୁଖ୍ୟମନ୍ତ୍ରୀ କହିଲେ ଯେ ଆମେ ଯେତେ ଅଧିକ ନାଗରିକ ଏବଂ ସିଭିଲ ସୋସାଇଟିଙ୍କୁ ସ୍ଥାନୀୟ ପ୍ରଶାସନରେ ସଂପୃକ୍ତ କରାଇବା, ଆମେ ଏହି ଦୂରତ୍ୱକୁ ସେତେ ଅଧିକ କମ କରିପାରିବା।

ଉତ୍ତରଦାୟୀତ୍ୱବୋଧତା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିକାଲି କେହି ବି ନିଜ କାମ ପାଇଁ ଉତ୍ତରଦାୟୀ ହେବାକୁ ଚାହୁଁନାହାନ୍ତି। ଯଦି କିଛି ଅସୁବିଧା ହୁଏ, ସମସ୍ତେ 'ପାସ ଦ ପାର୍ସେଲ' ବା ଅନ୍ୟ ମୁଣ୍ଡରେ ଦୋଷ ଲଦା ଖେଳିବାରେ ବ୍ୟସ୍ତ ହୋଇଯାଆନ୍ତି। କିନ୍ତୁ ଏବେ ଏହା ଆଉ ଚାଲିବ ନାହିଁ। ଆପଣମାନଙ୍କର ଯାହା ସବୁ ସମ୍ବଳ ଓ ଭିତ୍ତିଭୂମି ଆବଶ୍ୟକ ସରକାରଙ୍କୁ ଜଣାନ୍ତୁ। ସରକାର ଯଥା ସମ୍ଭବ ପୂରଣ କରିବାକୁ ଚେଷ୍ଟା କରିବେ। କିନ୍ତୁ, ପ୍ରଶାସନକୁ ଉତ୍ତରଦାୟୀ ହେବାକୁ ପଡିବ ଏବଂ ଆପଣ ନିଜ ନିଜ କାମ ପାଇଁ ଉତ୍ତରଦାୟୀ ହେବାକୁ ପଡିବ। ଶେଷରେ ସାମାଜିକ ନ୍ୟାୟ ଓ ସମବେଶୀ ଶାସନ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାରଙ୍କ ଲକ୍ଷ୍ୟ ହେଉଛି ସାମାଜିକ ନ୍ୟାୟ ଓ ସମାବେଶୀ ଶାସନ ବ୍ୟବସ୍ଥା। ସମାଜର ଶେଷ ସୋପାନରେ ଛିଡାହୋଇଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ଓ ସରକାରୀ ବ୍ୟବସ୍ଥା ପହଞ୍ଚିବା ଆବଶ୍ୟକ। ଜାତି, ଧର୍ମ, ବର୍ଣ୍ଣ, ଭାଷା ତଥା ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଲୋକଙ୍କ ପାଇଁ ଆମ ସରକାର କାର୍ଯ୍ୟ କରିବେ ଏବଂ ଏହାର ପ୍ରେରଣା ହେଉଛି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ର, 'ସବକା ସାଥ୍, ସବକା ବିଶ୍ୱାସ ଓ ସବକା ପ୍ରୟାସ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିକଶିତ ଓଡିଶାର ଲକ୍ଷ୍ୟ ସମ୍ପର୍କରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସରକାର ୨୦୩୬ ସୁଦ୍ଧା ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ସୁସ୍ଥ, ସମୃଦ୍ଧ ଓ ଶକ୍ତିଶାଳୀ ଓଡିଶା ଗଠନରେ ବ୍ରତୀ। ଏହାକୁ ସାକାର କରିବ 'ଡବଲ ଇଞ୍ଜିନ' ସରକାର। ବର୍ତ୍ତମାନ ପରିସ୍ଥିତିରେ ପାଣ୍ଠିର ଅଭାବ ନାହିଁ ବୋଲି ପ୍ରକାଶ କରି ସେ କହିଲେ ଯେ ଏବେ କେନ୍ଦ୍ରରେ ଏକ ସଂବେଦନଶୀଳ ସରକାର ଅଛନ୍ତି । ତେଣୁ, ଆମେ ଆବଶ୍ୟକ ସହାୟତା ପାଇପାରିବା। ଏହାକୁ, ଏହି ୧୦୦ ଦିନ ଭିତରେ ଆପଣମାନେ ହୃଦୟଙ୍ଗମ କରିପାରୁଥିବେ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆପଣମାନେ ହେଉଛନ୍ତି ସବୁଠାରୁ ମହତ୍ୱପୂର୍ଣ୍ଣ କଡି ବା ସେତୁ। ତେଣୁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି ଯେ ଯିଏ ଯେଉଁ ଦାୟିତ୍ୱରେ ଅଛନ୍ତି, ସୂଚାରୁ ରୂପେ ଉପରୋକ୍ତ ପାଞ୍ଚଟି ମନ୍ତ୍ର ଆଧାରରେ ଲୋକଙ୍କୁ ସୁଶାସନ ଏବଂ ନ୍ୟାୟ ପ୍ରଦାନ କରିବେ। ଶେଷରେ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ଆମର ଏକ ମୁଖ୍ୟ ସଂକଳ୍ପ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ଅତି ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିଗତ ହେଉ ବା ସାମୁହିକ, ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଯାଉଥିବା ସବୁ ସୂଚନା, ଓଡ଼ିଆ ଭାଷାରେ ହେବା ଅତ୍ୟନ୍ତ ଜରୁରୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଜିଲ୍ଲା ସ୍ତରରେ ଅଧିକ ଉଦ୍ୟମ ହେବା ଆବଶ୍ୟକ। ସବୁ ଜିଲ୍ଲାର ୱେବସାଇଟ ସଂପୂର୍ଣ୍ଣ ରୂପେ ଓଡିଆରେ ହେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ସରକାରୀ ନଥିପତ୍ର, ନୋଟିସ, ବିବରଣୀ, ବିଜ୍ଞାପନ ଓଡିଆ ଭାଷାରେ ହେବା ଜରୁରୀ । ପରିଶେଷରେ ଆଇନ ଶୃଙ୍ଖଳା ଉପରେ ଆଲୋକପାତ କରି ସେ କହିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ପୋଲିସ ବିଭାଗକୁ ସଂପୂର୍ଣ୍ଣ କ୍ଷମତା ଦିଆଯାଇଛି। ଆଇନର ଚାରିକାନ୍ଥ ଓ ମର୍ଯ୍ୟାଦା ମଧ୍ୟରେ ରହି ସ୍ୱାଧୀନ ଭାବେ କାର୍ଯ୍ୟ କରନ୍ତୁ ଏବଂ ଲୋକଙ୍କୁ ନ୍ୟାୟ ଦେବାକୁ ସେ ପରାମର୍ଶ ଦେଇଥିଲେ।

ଆସନ୍ତା ପାର୍ବଣ ଋତୁରେ ରାଜ୍ୟରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇ ସେ କହିଥିଲେ ଯେ ଆପଣମାନଙ୍କ ପରି ଦକ୍ଷ ଅଧିକାରୀଙ୍କ ହାତରେ ଓଡିଶାର ଶାସନ ବ୍ୟବସ୍ଥା ଓ ସାଧାରଣ ଜନତାଙ୍କ ସୁରକ୍ଷା ସୁରକ୍ଷିତ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋଜନା ଯେତେ ଅଭିନବ ହେଲେବି ଏହାର ପ୍ରକୃତ ସଫଳତା ଏହାର ସଫଳ ରୂପାୟନ ଉପରେ ନିର୍ଭର କରେ । ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହେବା ସହିତ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ଯୋଜନାର ରୂପାୟନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକ ପରେ ସବୁ ଅଧିକାରୀ ନୂତନ ଉତ୍ସାହ ଓ ଆଗ୍ରହର ସହିତ କାମ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଯେ, "ଲୋକଙ୍କୁ ସାଙ୍ଗରେ ନେଇ ଚାଲନ୍ତୁ, ଦେଖିବେ ସବୁ ସହଜ ଓ ସରଳ ହୋଇଯିବ।" କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖୋଲିଲା କମିଶନର ...

କଲେ ଓ ଅନ୍ୟ ପଟେ ଯେ କୌଣସି ଖର୍ଚ୍ଚ ପାଇଁ କର୍ପୋରେସନର ସ୍ୱୀକୃତି ଆବଶ୍ୟକ ଥିବା ବେଳେ ବିନା ସ୍ୱୀକୃତିରେ ଜେସିବି(ଏକ୍ସାଭେଟର) କିଣା ଗଲା କେମିତି ? ଏହା ପୂର୍ବରୁ ମଧ୍ୟ ଅନେକ ସମୟରେ କର୍ପୋରେସନର ନିଷ୍ପତ୍ତିକୁ ଏକପାଖିଆ ଭାବେ ଖାରଜ କରାଯାଇଥିବା ପ୍ରମାଣ ରହିଛି। ଏଭଳି କରିବା ପାଇଁ ସରକାରୀ ଅଧିକାରୀଙ୍କର କୌଣସି ଆଇନ୍‌ଗତ ଅଧିକାର ନାହିଁ। କିନ୍ତୁ ସରକାରୀ ବିଧି ବ୍ୟବସ୍ଥା ବାରମ୍ବାର ଅଧିକାରୀ ଉଲ୍ଲଙ୍ଘନ କରୁଛନ୍ତି। ଏଠାରେ କର୍ପୋରେସନ ମାନୁଆଲ୍ ହିସାବରେ ବିଏମ୍‌ସି ଚାଲୁନାହିଁ ବରଂ ଅଫିସର ତାଙ୍କ ସୁବିଧା ଅନୁସାରେ ଆଇନ୍‌କାନୁନ୍ ପ୍ରସ୍ତୁତ କରୁଛନ୍ତି। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି କି, ଅନେକ ସମୟରେ କର୍ପୋରେସନ ନିଷ୍ପତ୍ତିକୁ ଅମାନ୍ୟ କରାଯାଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି କର୍ପୋରେସନ ଅଜାଣତରେ ନିଆଯାଉଛି। ହଟ୍ଟଗୋଳ ହେଲେ କାର୍ଯ୍ୟ ସରିଲା ପରେ ପଛ ଦ୍ୱାର ଦେଇ ଆପ୍ରୁଭାଲ୍ ପାଇଁ ଉପସ୍ଥାପନ କରାଯାଉଛି। କଂଟ୍ରାକ୍ଟସ କମିଟି କର୍ପୋରେସନର ଏକ ଗୁରୁତ୍ୱପୂର୍ଣ୍ଣ କମିଟି। ଏଥିରେ ଖୋଦ୍ ମେୟର ଅଧ୍ୟକ୍ଷା ଓ କମିସନର ମେମ୍ବର ଅଛନ୍ତି। ନିୟମ ଅନୁଯାୟୀ ସମସ୍ତ କିଣା-ବିକା ଓ ଛୋଟ-ବଡ଼ ନିର୍ମାଣ ଟେଣ୍ଡର ଏହି କମିଟି ଦ୍ୱାରା ବାତିଲ ବା ସ୍ୱୀକୃତି ମିଳିଥାଏ। କିନ୍ତୁ ଅନେକଗୁଡ଼ିଏ ଜରୁରୀ ଟେଣ୍ଡର କଂଟ୍ରାକ୍ସ କମିଟିକୁ ବାଇପାସ୍ କରି କରାଯାଉଛି। କର୍ପୋରେସନର ବିଧି ବ୍ୟବସ୍ଥାକୁ ସରକାରୀ ଅଧିକାରୀଙ୍କ ଦ୍ୱାରା ବାରମ୍ବାର ପଦାଘାତ କରାଯାଉଛି। ଏହା ଉପରେ ଦୃଢ଼ ନିଷ୍ପତି ନେବା ପାଇଁ ସେ କର୍ପୋରେସନକୁ ଅନୁରୋଧ କରିଥିଲେ। ଏଭଳି ଖୋଲା ଖୋଲି ଅଭିଯୋଗ ହେବା ପରେ ମଧ୍ୟ ମେୟର ଏ ବାବଦରେ କୌଣସି ଆଲୋଚନା କରିପାରୁ ନାହାନ୍ତି। ବରଂ ରାଜେଶ ପାଟିଲଙ୍କୁ ଏ କଥା କହିବା ପାଇଁ ସାହସ ଜୁଟାଇ ପାରୁ ନଥିବା କୁହାଯାଉଛି। ଏଭଳି ଅଭିଯୋଗ ହେବା ପରେ ବିଏମ୍‌ସି କିଣି ସାରିବା ପରେ କର୍ପୋରେସନର ଆପ୍ରୁଭାଲ୍ ପାଇଁ ଉପସ୍ଥାପନ କରିଥିଲା। ତଥ୍ୟ ମୁତାବକ, ରାଜ୍ୟ ସରକାରଙ୍କର ସ୍ୱତନ୍ତ୍ର ରିଲିଫ କମିସନରଙ୍କ ପାଣ୍ଠିରୁ ବିଏମ୍‌ସିକୁ ୧ କୋଟି ଟଙ୍କା ଅନୁଦାନ ଆସିଥିଲା। ଏଥିରେ ୪ ଏକ୍ସାଭେଟର କିଣିବା ପାଇଁ ଆଦେଶ ଥିଲା। ପରେ ଆଉ ୧ କୋଟି ଟଙ୍କା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରୁ ଆସିଥିଲା। ଏଥିରେ ଆଉ ୪ଟି କିଣିବା ପାଇଁ ଯୋଜନା ହୋଇଥିଲା। ବିଏମ୍‌ସି ଟେଣ୍ଡର ଡାକି ଇକ୍ୟୁପେଜ୍ ଇନ୍‌ଫ୍ରାକୋର୍ ପ୍ରାଃ.ଲିଃ ଜରିଆରେ କିଣିଥିଲା। ସରକାରଙ୍କ ଅନୁଦାନ ସହ ଜେସିବି ପାଇଁ ବିଏମ୍‌ସି ପାଣ୍ଠିରୁ ୨ଲକ୍ଷ ୭୭ହଜାର ୧୨୦ଟଙ୍କା ଦେବାକୁ ପଡ଼ିଥିଲା।

### ମୋହନ ମନ୍ତ୍ର...

ମଧ୍ୟରେ ଦଳର ଦୁଇ ଦୁଇ ଜଣ ସାଂସଦ ବିଜେପିକୁ ପଳାଇଥିବାବେଳେ ରାଜ୍ୟସଭାରେ ବିଜେଡିର ସଦସ୍ୟସଂଖ୍ୟା ୯ ରୁ ୭କୁ ହ୍ରାସ ପାଇଛି । ଆଗାମୀ ଦିନରେ ଆହୁରି ଅଧିକ ନେତାଙ୍କ ଦଳ ବଦଳକୁ ନେଇ ବିଜେପି-ବିଜେପି ନେତା ତୁ ତୁ ମେଁ ମେଁ ହେଉଛନ୍ତି । ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ଓ ବିଜେପି ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ନିଜ ପଟକୁ ଆଣିବାକୁ ଉଦ୍ୟମ ଚଳାଇଥିବାବେଳେ କଂଗ୍ରେସ ଏ କ୍ଷେତ୍ରରେ ଢେର ପଛରେ ପଡିଛି । ଦଳ ଏବେ ନିଜର ମୁଖିଆ ଖୋଜୁଥିବାବେଳେ ଆଗାମୀ ଦିନରେ ଏହା ଉଭୟ ବିଜେପି ଓ ବିଜେଡି ସଦସ୍ୟତାରେ ଭାଗ ବସିବାର ସମ୍ଭାବନା ରହିଛି । ତେଣୁ ଜାତୀୟ ସ୍ତରରେ କଂଗ୍ରେସ ଯେଭଳି ଭାବେ ବିଜେପିକୁ ଘନ ଘନ ଆକ୍ରମଣ କରୁଛି ସେହି ଦୃଷ୍ଟିରୁ ରାଜ୍ୟରେ କଂଗ୍ରେସକୁ ଏତେଟା ଦୁର୍ବଳ ଭାବିବା ଉଚିତ୍ ନୁହେଁ । କାରଣ ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ୱେ ବିଧାନସଭା ନିର୍ବାଚନରେ କଂଗ୍ରେସ ତାହାର ସଦସ୍ୟ ସଂକ୍ୟା ୯ ରୁ ୧୪କୁ ବଢାଇବାରେ ସକ୍ଷମ ହୋଇଛି । ଉଭୟ ବିଜେପି ଓ ବିଜେଡି ଶିବିରରୁ ମିଳିଥିବା ସୂଚନା ଅନୁଯାୟୀ ଦଶହରା ପୂର୍ବରୁ ଦୁଇ ଦଳ ପୂର୍ଣ୍ଣ ପ୍ରସ୍ତୁତି ସହ କର୍ମୀ ସଂଗ୍ରହ ପାଇଁ ମଇଦାନକୁ ଓହ୍ଲାଉଥିବାବେଳେ ପୂଜା ପରେ ଏହା ଅସଲ ରୂପ ନେବ । ସେତେବେଳେ ମୋହନ ମନ୍ତ୍ର ସହିତ ନବୀନଜିମ୍‌ର ଯେଉଁ ମୁକାବିଲା ହେବ ତାହା ଅତ୍ୟନ୍ତ ରୋଚକ ହେବ ଏବଂ କଂଗ୍ରେସ ଏଥିରୁ କିଭଳି ଫାଇଦା ଦେବା ତାହା ଉପରେ ସମସ୍ତଙ୍କ ନଜର ।

### ନର୍ସିଂ ଅଫିସରଙ୍କ ..

ଉଭୟ ପକ୍ଷ ପ୍ରକାଶ କରିଛନ୍ତି। ବୁଧବାରଠାରୁ ନର୍ସମାନେ ଆନ୍ଦୋଳନ କରିଥିଲେ। ହେଲେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଜାରି ରଖିଥିଲେ। କିନ୍ତୁ ଦାବି ପୂରଣ ଦିଗରେ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନ ପାଇବାରୁ ଶୁକ୍ରବାର ଠାରୁ ସଂପୂର୍ଣ୍ଣ କାର୍ଯ୍ୟବନ୍ଦ କରିଥିଲେ। ଫଳରେ ରୋଗୀସେବା ପ୍ରଭାବିତ ହୋଇଥିଲା। ଶନିବାର ସ୍ୱାସ୍ଥ୍ୟସେବାରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ରାଜ୍ୟ ଅତିଥି ଭବନରେ ନର୍ସିଂ ସଂଘ କର୍ମକର୍ତ୍ତା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ହୋଇଥିଲା। ଆଲୋଚନା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ନର୍ସିଂ ସଂଘ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ରାଜି ହୋଇଛନ୍ତି। ଆମେ ଏକ କମିଟି ଗଠନ କରିବୁ। ଏହି କମିଟିରେ ନର୍ସିଂ ସଂଘର ଦାବି ସଂପର୍କରେ ଆଲୋଚନା କରିବୁ। ସଂଘର ସାଧାରଣ ସଂପାଦକ ଅଶ୍ୱିନୀ ଦାସ କହିଛନ୍ତି, ରାଜ୍ୟ ସରକାର ଆମର ୧୦ ସୂତ୍ରୀ ଦାବି ତର୍ଜମା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାତି ୧୧ଟାରୁ ନର୍ସମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ସନ୍ଦେହରେ ...

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ମଧ୍ୟ ବନ୍ଦ କରିଦିଆଯାଇଥିଲା। ତେବେ ବଡ଼ କଥା ହେଉଛି ଏ ସମସ୍ତ କାଣ୍ଡ ଭିଆଇଥିବା ସୂତ୍ରଧର ଫିର୍ଦ୍ଦୋଷ ଖାଁ ହେଉଛି ପୂର୍ବତନ ଭଦ୍ରକ ବିଧାୟକ ତଥା ବର୍ତ୍ତମାନ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଏକାନ୍ତ ସହଯୋଗୀ। ନିର୍ବାଚନବେଳେ ଗାଡି ପୋଡିବା, ପୁରୁଣା ବଜାରରେ ଗଣ୍ଡଗୋଳ, ଭଙ୍ଗାରୁଜା, ଜୀବନରୁ ମାରିବାକୁ ଉଦ୍ୟମ କରିବା ଭଳି ସଙ୍ଗୀନ ଅଭିଯୋଗ ଫିର୍ଦ୍ଦୋଷ ବିରୋଧରେ ରହିଛି। ଏପରିକି ଭଦ୍ରକ ପୋଲିସର ପେଶାଦାର ଅପରାଧୀ ତାଲିକାରେ ମଧ୍ୟ ସେ ରହିଛି। କିନ୍ତୁ ଏଭଳି ଜଣେ ଅଭିଯୁକ୍ତକୁ ସାଙ୍ଗରେ ଧରି ରାଜନୀତିର ରୁଟି ସେକୁଥିଲେ ସଞ୍ଜୀବ। ଯେକୌଣସି କାର୍ଯ୍ୟକ୍ରମ ରେ ସଞ୍ଜୀବଙ୍କ ସହ ଫିର୍ଦ୍ଦୋଷ କୁ ଦେଖିବାକୁ ମିଳୁଥିଲା। ନୀତିଦିନ ସଞ୍ଜୀବଙ୍କ ସପକ୍ଷରେ ପୋଷ୍ଟ ମଧ୍ୟ କରୁଥିଲା ଫିର୍ଦ୍ଦୋଷ। ଭାଇରାଲ ଭିଡିଓ ପୋଷ୍ଟ କରିବାର ଦୁଇଘଣ୍ଟା ପୂର୍ବରୁ ମଧ୍ୟ ସଞ୍ଜୀବଙ୍କ ସପକ୍ଷରେ ଏକ ପୋଷ୍ଟ କରିଥିଲା ଫିର୍ଦ୍ଦୋଷ। ବଡ଼କଥା ହେଉଛି ଭଦ୍ରକରେ ଟିକେଟ ଆଶାୟୀ ଥିବା ସଞ୍ଜୀବ, ଭଣ୍ଡାରିପୋଖରୀରୁ ଜିତିଲେ ସିନା ହେଲେ ହେଡକ୍ୱାର୍ଟରରେ ରାଜନୀତି କରିବାରେ ସେ ବେଶ ରୁଚି ରଖନ୍ତି। କିନ୍ତୁ ଏଥର ବିଜେପି ସରକାର ସାଙ୍ଗକୁ ଭଦ୍ରକ ବିଧାନସଭା ଆସନରେ ମଧ୍ୟ ବିଜେପିର ବିଜୟ ହୋଇଛି। ଏଣୁ କିଛି ଅସାମାଜିକଙ୍କ ଜରିଆରେ ସଞ୍ଜୀବ ହିନ୍ଦୁ ମୁସଲିମଙ୍କ ଭିତରେ ଏକ ଘୃଣା ବାତାବରଣ ତିଆରି କରୁଥିବା ଏବେ ସାରା ଭଦ୍ରକରେ ଚର୍ଚ୍ଚା। କେବଳ ସେତିକି ନୁହେଁ, ସରକାରକୁ ବଦନାମ କରିବା ସହ ନିଜେ ବିଧାୟକ ଥିବା ବେଳେ ଏଭଳି ଘଟଣା ଥରେ ଘଟୁନଥିଲା ବୋଲି କହିବା ସହ ଫିର୍ଦ୍ଦୋଷ ଉପରେ କାର୍ଯ୍ୟାନୁଷ୍ଠାନ ନନେବାକୁ ଓଲଟା ପୋଲିସକୁ ସଞ୍ଜୀବ କହୁଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳିଛି। କାରଣ ଏଯାବତ ୯ ଜଣ ଏହି କେସରେ ଗିରଫ ହୋଇଥିବା ବେଳେ ବିଧାୟକଙ୍କ ଚାପରେ ଫେରାର ହୋଇଯାଇଛି ଫିର୍ଦ୍ଦୋଷ। ଏଭଳି ହୀନ ଉଦ୍ଦେଶ୍ୟ ରଖି ଲୋକଙ୍କ ଜୀବନ ସହ ଖେଳୁଥିବା ରାଜନେତାଙ୍କୁ ଲୋକେ ଉଚିତ ଜବାବ ଦେବେ ବୋଲି ଭଦ୍ରକ ରେ ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ କିଛି ବିଜେପି ନେତା ଦାବି କରିଛନ୍ତି।

### ପ୍ରତୀକଙ୍କ ...

ହେଡକ୍ୱାର୍ଟରରେ ଆଇଆଇସି ଭାବେ କାମ କରୁଥିବାରୁ ସାରା କମିଶନରେଟ ରେ କେହି ପଦେ କଥା ବାବୁଙ୍କୁ କହିବାର ସାହସ ନାହିଁ । ନେଇ ଆଣି ଥୋଇପାରିବା ଭଲ କଥା । କିନ୍ତୁ ଏଭଳି ଲାଞ୍ଚଖୋର ଅଫିସରଙ୍କ ପାଇଁ ଏବେ କମିଶନର ନିଜେ ବଦନାମ ହେଉଛନ୍ତି । ଏଣୁ ନେଡି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ତୁରନ୍ତ ଏହି ଗାତୁଆ ମୂଷା କୁ କମିଶନରେଟରୁ ବାହାର କରିବାର ଆବଶ୍ୟକତା ଥିବା ଅଫିସର ମହଲରେ ଚର୍ଚ୍ଚା ଜୋର ଧରିଛି ।



# କୂଳ ଖାଉଛି ବ୍ରାହ୍ମଣୀ, ଭୟରେ ଅଞ୍ଚଳବାସୀ

**କେନ୍ଦ୍ରାପଡ଼ା, ୨୮।୯ (ସଂଚାର ବ୍ୟୁରୋ):** ଦିନକୁ ଦିନ କୂଳ ଲଂଘୁଚି ବ୍ରାହ୍ମଣୀ ନଦୀ। ପାଳନ୍ଦା କ୍ରମଶଃ ନଦୀ ମଧ୍ୟକୁ ଧସିବା ସହିତ ବର୍ତ୍ତମାନ ତାହା ବନ୍ଧକୁ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ବସିଲାଣି। ନଦୀବନ୍ଧ କୂଳ ଖାଉଥିବା ହେତୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁ ପାଖରେ ୬୦ ଫୁଟର ଅତଡ଼ା ଖସିବା ସହିତ ପାଖାପାଖି ୮୦ଫୁଟ ଭିତରକୁ ମାଡି ଆସିଛି ବ୍ରାହ୍ମଣୀ ନଦୀ। ଅନ୍ୟପଟରେ ପଟ୍ଟାମୁଣ୍ଡାଇ - ରାଜନଗର ମୁଖ୍ୟ ରାସ୍ତା କଡରେ ବ୍ରାହ୍ମଣୀ ନଦୀ ଥିବାରୁ ଓ ପ୍ରତିଦିନ ଏହି ରାସ୍ତା ଦେଇ ଭାରୀଯାନ ସମେତ ଅନ୍ୟାନ୍ୟ ଗାଡ଼ି ଚଳାଚଳ କରୁଥିବାରୁ ନଦୀବନ୍ଧ ପ୍ରତି ଉପୁଜିଥିବା ବିପଦକୁ ଆହୁରି ଦୁଇଗୁଣା କରିଛି।

ଗତ ଲଘୁଚାପ ଫଳରେ ଦୁଇଦିନ ଧରି ଲଗାଣ ବର୍ଷା ଏହି ସମସ୍ୟାକୁ ଅଧିକ ଜଟିଳ କରିବା ଯୋଗୁ ଅତଡ଼ା ଖସୁଥିବା ଅନୁମାନ ମଧ୍ୟ କରାଯାଉଛି । ନିୟମିତ ଅତଡ଼ା ଖସିବାରୁ ବ୍ରାହ୍ମଣୀ ନଦୀ କୂଳ ଲଂଘୁଚି ଏହା ଫଳରେ ନଦୀ କୁଳିଆ ଅଞ୍ଚଳ ବାସୀଙ୍କ ଧନ ଜୀବନ ନଷ୍ଟ ଆଶଙ୍କାରେ ଭୟଭୀତ ଅବସ୍ଥାରେ ଅଛନ୍ତି। ଘଟଣା ସ୍ଥଳରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ପହଂଚି ସ୍ଥିତି ଅନୁଧ୍ୟାନ କରିବା ପରେ ସେହି ସ୍ଥାନରେ ବାଲି ବସ୍ତା ପ୍ୟାକିଂ କରି କୂଳ ଲଙ୍ଘୁଥିବା ନଦୀକୁ ଅଟକାଇବାକୁ ଚେଷ୍ଟା କରିଛନ୍ତି।

ଅନ୍ୟପଟେ ତୁରନ୍ତ ଏହି ସମସ୍ୟା ଓପରେ ଗୁରୁତ୍ୱର ସହ ଧ୍ୟାନ ନଦିଆଯାଏ ତାହେଲେ କୌଣସି ମୁହୂର୍ତ୍ତରେ ନଦୀ ଗର୍ଭରେ ଲୀନ ହୋଇପାରେ ଗାଁ । ସେଥିପାଇଁ ତୁରନ୍ତ ନଦୀବନ୍ଧ ମରାମତି ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକଙ୍କ ସମେତ ସ୍ଥାନୀୟ ସରପଞ୍ଚ ମଧ୍ୟ ଦାବିକରିଛନ୍ତି ।

### ବଜ୍ରାଘାତରେ ଦାଦନ ଶ୍ରମିକ ମୃତ

# ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ପରିବାର

**ନୂଆପଡ଼ା, ୨୮।୯ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରୁ ପ୍ରତି ବର୍ଷ ଶହ ଶହ ଦାଦନ ଶ୍ରମିକ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି । ହେଲେ ସେଠାରେ କାମ କରି ଦୁଇ ପଇସା ରୋଜଗାର କରିବା ସହ ପରିବାର ପ୍ରତିପୋଷଣ ବଦଳରେ ଅନେକ ଶବ ହୋଇ ଘରକୁ ଫେରୁଛନ୍ତି । ତଥାପି ବାହାର ରାଜ୍ୟ କୁ ଦାଦନ ଚାଲାଣ ହେବା ଥମୁନି । ଏହି ଅଞ୍ଚଳରେ ବାରମ୍ବାର ଏହିଭଳି ଘଟଣା ସାମ୍ନାକୁ ଆସୁଛି। ହେଲେ ସ୍ଥାନୀୟ ପ୍ରଶାସନର ଅଙ୍କୁଶ ନ ଥିବାରୁ ଅବାଧରେ ଦାଦନ ଚାଲାଣ ହେଉଛି ଏବଂ ଅନେକ ଶ୍ରମିକଙ୍କ ଜୀବନହାନି ଘଟୁଛି। ଏଭଳି ଏକ ଘଟଣା ଘଟିଛି ନୂଆପଡା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଗୋଡାଲ ଗ୍ରାମରେ । ଗ୍ରାମର ଜଣେ ଦାଦନ ଶ୍ରମିକ ତେଲେଙ୍ଗାନରେ ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ମୃତ ଶ୍ରମିକ ଜଣକ ଗୋଡାଲ ଗ୍ରାମର ଯତି ପଟେଲ (୩୬) ବୋଲି ଜଣାପଡ଼ିଛି।



ପ୍ରାପ୍ତ ଖବର ଅନୁସାରେ ଗତ ବର୍ଷ ନଭେମ୍ବର ମାସ ରେ ଯତି ପଟେଲ, ସ୍ତ୍ରୀ ସଂଯୁକ୍ତା(୩୪) ଓ ଝିଅ ପୁଷ୍ପିତା (୧୧) ଏବଂ ପୁଅ କପିଳ(୭) ସପରିବାର ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟକୁ ଯାଇଥିଲେ। ସେଠାରେ ଅନାରାମ ସହରରେ ଏକ ଇଟା ଭାଟିରେ ସମସ୍ତେ କାମ କରିଥିଲେ। ଇଟାଭାଟିରେ କାମ ସରିବା ପରେ ଅଶୋକ କୁମାରୀ ନାମକ ଜଣେ ମାଲିକଙ୍କ ଏକ ଗୋଫାର୍ମରେ ପରିବାର ରହି ମାସିକ ପନ୍ଦର ହଜାର ପାରିଶ୍ରମିକରେ କାମ କରୁଥିଲେ। ସ୍ୱାମୀ ଯତି ପଟେଲ ଗାଈ ମଇଁଷିକୁ ବାହାରକୁ ଚରାଇବାକୁ ନେଉଥିବା ବେଳେ ସ୍ତ୍ରୀ ଗୋଫାର୍ମରେ ରହି ଗାଈ ମଇଁଷିଙ୍କୁ ଖାଦ୍ୟପେୟ ଯୋଗାଉଥିଲେ। ଯତି ପଟେଲ ଗାଈ ମଇଁଷି କୁ ବିଲ କୁ ଚରାଇ ନେଇଥିବା ବେଳେ ହଠାତ ଘଡଘଡି ସହ ବର୍ଷା ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ସେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ଠିକ ସେତିକି ବେଳେ ବଜ୍ରାଘାତ ଘଟି ତାଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଜଣାପଡିଛି। ଏନେଇ ସଙ୍ଗାରେଡି ଜିଲା ଗୁମାରାଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି। ପରିବାର ଲୋକେ ପହଞ୍ଚିବା ପରେ ସେଠାରେ ଶବ ବ୍ୟବଚ୍ଛେଦ କରି ଶବ ସତ୍କାର କରାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଦୁଇ ନାବାଳକ ପୁଅଝିଅ ଅସହାୟ ହୋଇ ଗାଁକୁ ଫେରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଜତି ପଟେଲର ପରିବାର ଏକ ଗରୀବ ଶ୍ରେଣୀର ହୋଇଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବିକା ନିର୍ବାହ କରୁଥିଲେ। ଜମିବାଡ଼ି କିଛି ନାହିଁ। ସମ୍ପତ୍ତି କହିଲେ କେବଳ ଘର ଡିହ ଦୁଇ ଡ଼ିସିମିଲ ମାତ୍ର। କୁଲି ମଜୁରୀ କରି ଦୁଇ ପଇସା ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରି ଦୁଃଖ କଷ୍ଟରେ ଚଳୁଥିଲେ। ହେଲେ ବର୍ତ୍ତମାନ ସ୍ୱାମୀଙ୍କ ମୃତ୍ୟୁ ଚିନ୍ତାରେ ଘାରି ହେଉଛନ୍ତି ପରିବାର । ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ସଂଚାର ଶିଳ୍ପୀ ଅଲେଖ ସାହୁ ସମ୍ବର୍ଦ୍ଧିତ

**ଭେଡେନ,୨୮।୯(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ସ୍ଥିତ ପଲ୍ଲୀଶ୍ରୀ ମହାବିଦ୍ୟାଳୟ ସଭାଗୃହ ରେ ଓଡ଼ିଆଭାଷା ସାହିତ୍ୟ ବିଭାଗ ତରଫରୁ ଅଂଚଳର ପ୍ରସିଦ୍ଧ ସଂଚାର ଶିଳ୍ପୀ ଅଲେଖ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଲେଜ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ 'ଆମ ଅଂଚଳର ପ୍ରାଚୀନ ସଂଚାର୍ କଳା' ଉପରେ ସନ୍ଦର୍ଭ ରଖିଥିଲେ ଗବେଷକ ଉତ୍ପନ୍ନ କୁମାର ଭୋଇ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟାପକ ବୃନ୍ଦାବନ ବିହାରୀ ମିଶ୍ର ଯୋଗ ଦେଇଥିଲେ । ଅଧ୍ୟାପିକା ବର୍ଷା ପଟେଲ ସ୍ୱାଗତ ଭାଷଣ, ଅଧ୍ୟାପକ ସନ୍ତୋଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ, ମନ୍ମୟୀ ବାବୁ ମାନପତ୍ର ପାଠ ଏବଂ ସମ୍ମାନ ସମ୍ପାଦିକା କୌଶଲ୍ୟା ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପୀ ଅଲେଖ ସାହୁ ଏବଂ ସାଥି ଦେବରାଜ ସେଟ ସଂଚାର କାଳା ପ୍ରଦର୍ଶନ କରିଥିଲେ।

## ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

**ସୁବର୍ଣ୍ଣପୁର, ୨୮।୯ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ମହିଳା ମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଶ୍ରୀ ସତ୍ୟସାଇ ସେବା ସଂଗଠନ, ସୁବର୍ଣ୍ଣପୁର ଜିଲ୍ଲା ଦ୍ୱାରା ଆଜି ଢେରାପଡା ସ୍ଥିତ ବୁଢ଼ିମା କଲ୍ୟାଣ ମଣ୍ଡପରେ ଓଡିଶାର ୧୦ଗୋଟି ଜିଲ୍ଲାର ମହିଳା ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପୂର୍ବକ ଶୁଭାରମ୍ଭ କରାଯିବା ପରେ ଶିବିରରେ ମହିଳା ପ୍ରତିନିଧିଙ୍କ ରେଜିଷ୍ଟ୍ରେସନ ଆରମ୍ଭ ହୋଇଥିଲା ପରେ ଭଗବାନଙ୍କ ଜ୍ୟୋତି ଆବାହନ କରାଯାଇ ନିରବ ପ୍ରାର୍ଥନା, ବେଦମନ୍ତ୍ର ଉଚ୍ଚାରଣ ଓ ଭଗବାନ ସତ୍ୟସାଇଙ୍କ ଭଜନ ଅନୁଷ୍ଠିତ ହୋଇଥିଲା।

ଶ୍ରୀ ସତ୍ୟସାଇ ସେବା ସଂଗଠନ ସୁବର୍ଣ୍ଣପୁର ଜିଲ୍ଲା ର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଗୁଣନିଧି ପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ପୌର ପରିଷଦର ଅଧ୍ୟକ୍ଷା ତାମସି ତମସ୍ୱୀତା ନାଏକ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରି ପ୍ରତ୍ୟେକ କ୍ଷେତ୍ରରେ ମହିଳା ଆଜି ନିଜର ପରାକାଷ୍ଠା ପ୍ରଦର୍ଶନ କରିବାସହ ଏକ ସୁସ୍ଥ ନିରାମୟ ଓ ଆଧ୍ୟାତ୍ମିକ ସମାଜ ଗଠନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସିଛନ୍ତି। ଏହିପରି ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ କରାଇ ମହିଳା ମାନଙ୍କୁ ଶିକ୍ଷାଦାନ ଦେବା ଦ୍ୱାରା ଆଗକୁ ମହିଳାଙ୍କ ଭିତରେ ସେବା ଭାବନା ଜାଗ୍ରତ ହେବାସହ ଯେକୌଣସି ସମୟରେ ବିପର୍ଯ୍ୟୟର ପ୍ରଶମନ ପାଇଁ ସେମାନେ ସକ୍ଷମ ହୋଇପାରିବେ। ସେହିପରି ଅନ୍ୟତମ ଅତିଥି ଭାବରେ ରାଜ୍ୟ ସେବା ସଂଯୋଜକ ଶ୍ରୀଯୁକ୍ତ ରମାକାନ୍ତ ଦାଶ ଓ ମହିଳା ରାଜ୍ୟ ସେବା ସଂଯୋଜିକା ଶୁଶ୍ରୀ ଦାସ ସେମାନଙ୍କର



ଆଶିର୍ବଚନ ପ୍ରଦାନ କରିଥିବାବେଳେ ବିବେକାନନ୍ଦ କାନୁନଗୋ ଓ ଅବକାଶ ଭାଇ ବିପର୍ଯ୍ୟୟ ପରିଚାଳନା ର ନୀତି ନିୟମ ଓ ଶୃଙ୍ଖଳା ଭିତରେ ନିଜର ବହୁମୂଲ୍ୟ ମତାମତ ରଖିଥିଲେ। ସେହିଭଳି ଅପରାହ୍ନ ଅଧିବେଶନରେ ଉଦ୍ଧାର ପ୍ରକ୍ରୀୟା,ଷ୍ଟ୍ରେଚର୍ ର ଉପଯୋଗ ଓ ବିପର୍ଯ୍ୟୟର ମୁକାବିଲା ସମୟରେ ସିଡିର ବ୍ୟବହାର ସଂପର୍କରେ ମଧ୍ୟ ଆଲୋଚନା କରିଥିଲେ। ସାଂଧ୍ୟ ଅଧିବେଶନ ସମୟରେ ବିପର୍ଯ୍ୟୟ ବେଳେ ଫାଷ୍ଟ୍ଏଡ୍ର ବ୍ୟବହାର ଓ ପରିଚାଳନା ସଂପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ପରଦିନ ପ୍ରାତଃ ସମୟରେ ଓଁ କାରମ୍, ସୁପ୍ରଭାତମ୍, ଜ୍ୟୋତି ଧ୍ୟାନ, ଶାରୀରିକ ଶିକ୍ଷା, ପରେ ଅଗ୍ନି ନିର୍ବାପକ ଶିକ୍ଷା, ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଟିମ୍ ଗଠନ,ଓ ପରବର୍ତ୍ତୀ ବର୍ଷ ପାଇଁ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିର ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ଶତାଧିକ ମହିଳା ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଭୁବନେଶ୍ୱର ଉତ୍ତର ଭସାଣି ସମିତିର ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ଭସାଣି ପାଇଁ ପ୍ରସ୍ତୁତି ବୈଠକ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ସ୍ଥିତ ଏକ ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୁର୍ଗାପୂଜା ଭସାଣିକୁ ସରସ ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ।

ଭସାଣି ସମିତିର ସଭାପତି ରଶ୍ମିରେଖା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର କହିଥିଲେ ମୁଁ ବିଧାୟକ ଥିବା ସମୟରେ ଉତ୍ତରରେ ମା ଦୁର୍ଗାଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ଉତ୍ତରର ଅନେକ ପୂଜା କମିଟି ଏଥିରେ ସାମିଲ ହୋଇଥିଲେ। ଚଳିତବର୍ଷ ଭସାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯାହା ସାହାର୍ଯ୍ୟ ସହଯୋଗ ଆବଶ୍ୟକ ତାହା ପୂରଣ କରିବା ପାଇଁ



ମୁଁ ନିଶ୍ଚିତ ଭାବରେ ସହଯୋଗ କରିବି। ବିଶିଷ୍ଟ ଅତିଥି ଭାବେ ଜୋନ ୬ ଏସିପି ରମେଶ ବିଶୋଇ ଯୋଗଦେଇ ପ୍ରଶାସନ ପକ୍ଷରୁ ସାହାର୍ଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଡ. ମଧୁମାଧବ ଜେନା, ନିଶାକର ସାହୁ, ନନ୍ଦନକାନନ ଆଇଆଇସି ସମିତା ମିଶ୍ର, ଇନ୍ଫୋସିଟି ଆଇଆଇସି ମହେନ୍ଦ୍ର କୁମାର ସାହୁ, ଚନ୍ଦ୍ରଶେଖରପୁର ଆଇଆଇସିଙ୍କ ପ୍ରତିନିଧି ଭାବେ ଏସ ଆଇ ଦେବ ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ। ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏସନର ସମ୍ପାଦକ ସରୋଜକାନ୍ତ ମଲ୍ଲିକ ସଂଯୋଜନା କରିଥିଲେ।

## ପୁଣି ମାତିଲେଣି ଚୋରା ମଦ ବେପାରୀ

**ବ୍ରହ୍ମପୁର, ୨୮।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଏଇ କେଇଟା ଦିନ ପୂର୍ବରୁ ମଦ ମୃତ୍ୟୁ ଚିନ୍ତା ଦେଖାଯାଇଥିଲା । ପୁଣି ଚୋରା ମଦ ବିକ୍ରି ନେଇ ଚିନ୍ତା ବଢ଼ାଇଛି । ସାମୁଦ୍ରିକ ଥାନା ଅନ୍ତର୍ଗତ ସୁନୁପୁରୁ ଅଞ୍ଚଳରେ ଏଭଳି ଘଟଣାକୁ ନେଇ ଉତ୍ତେଜନା ଦେଖାଯାଇଛି । ଅବକାରୀ ବିଭାଗ ଗାଡ଼ି ଏବଂ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକାଇ ରଖିଛନ୍ତି । ଏଠାରେ ଚୋରା ମଦ ବିକ୍ରି ହେଉଥିବା ନେଇ ଅବକାରୀ ବିଭାଗ ସୂଚନା ପାଇଥିଲା । ସେଠାରେ ବିଭାଗୀୟ କର୍ମଚାରୀ ପହଞ୍ଚି ଜଣେ ଦୁଇଜଣଙ୍କୁ କାବୁ କରିଥଲେ । ପରେ ଗ୍ରାମରେ ଉତ୍ତେଜନା ପରିସ୍ଥିତି ଆରମ୍ଭ ହୋଇଥିଲା । ପୁରୁଷ ଏବଂ ମହିଳା ସେମାନଙ୍କୁ ଛାଡ଼ି ଦେବା ପାଇଁ ଅଡି ବସିଥିଲେ । ଅବକାରୀ ଗାଡ଼ି ଆଗକୁ ଗଡିବାକୁ ଦେଲେନାହିଁ । ଦୀର୍ଘ ସମୟ ପରେ ମଧ୍ୟ ସମାଧାନ ରାସ୍ତା ଦେଖା ଦେଇନାହିଁ । ପୋଲିସ୍ ସନ୍ଧ୍ୟା ସୁଦ୍ଧା ପହଞ୍ଚିନାହିଁ। ଗ୍ରାମରେ ଦୁଇ ଗୋଷ୍ଠୀ ଅଛନ୍ତି। ଗୋଟିଏ ଗୋଷ୍ଠୀ ମଦ ବିକ୍ରି କଲେ ଅନ୍ୟ ଗୋଷ୍ଠୀ ଅବକାରୀ ବିଭାଗକୁ ସୂଚନା ଦେଉଛି । ଆଜି ଏଭଳି ଘଟଣା ଏଠାରେ ଦେଖାଯାଇଛି । ଅବକାରୀ ବିଭାଗ ସବୁ ଜାଣି କାହିଁକି ଚୁପ୍ ରହୁଛି । ସେଠାରେ ମଦ ବିକ୍ରି ହେଉଥିବା ଏହି ବିଭାଗ ଜାଣିଛି । କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଜିଲ୍ଲାରେ ଏଭଳି ଘଟଣା ଘଟି ଚାଲୁଥିଲେ ମଧ୍ୟ ଅବକାରୀ ବିଭାଗର କୁମ୍ଭ କର୍ଣ୍ଣ ନିଦ୍ରା ଶୋଇ ରହୁଛି । ସେଠାରେ ପୋଲିସର କାର୍ଯ୍ୟ ନେଇ ମଧ୍ୟ ଚିନ୍ତାଜନକ ।

## ପାଲାଗାୟକଙ୍କ ଆରୋଗ୍ୟ ପାଇଁ ପୂଜାର୍ଚ୍ଚନା

**ଟାଙ୍ଗୀ-ଚୌଦ୍ୱାର, ୨୮।୯ (ସଂଚାର ବ୍ୟୁରୋ):** ବଡ଼ମ୍ବା ମାନପୁର ଅଞ୍ଚଳର ସୁପ୍ରତିଷ୍ଠିତ ପାଲା ଗାୟକ ନୃସିଂହ ଚରଣ ହୋତା ରୋଗଗ୍ରସ୍ତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଆଶୁ ଆରୋଗ୍ୟ କାମନା କରି ଟାଙ୍ଗୀ-ଚୌଦ୍ୱାର ବିଶ୍ୱେଶ୍ୱର ପାଲା ମଣ୍ଡଳ ତରଫରୁ କୁର୍ମେଶ୍ୱର ମନ୍ଦିରରେ ଦୀପ ପ୍ରଜ୍ୱଳନ ଓ ରୁଦ୍ରାଭିଷେକ କରାଯାଇଛି। ଗାୟକ ବିଚିତ୍ରାନନ୍ଦ ପଣ୍ଡା, ଅନାଦି ଚରଣ ଦାଶ, ସିଦ୍ଧେଶ୍ୱର ନାୟକ, ନିରଞ୍ଜନ ପଣ୍ଡା, ସୌଭାଗିନୀ ଓଝା, ସ୍ନେହଲତା ବାରିକ, ବିଶ୍ୱନାଥ ଶତପଥୀ, ଶିବ ଚରଣ ବାରିକ ପ୍ରମୁଖ ଗାୟକ ଗାୟିକା ଏଥିରେ ଅଂଶ ଗ୍ରହଣ କରିଥିଲେ।

## ପାଟଣାଗଡ଼ ସିଟିଜେନ ଫୋରମ୍‌ର ରେଳ ରୋକ ଆନ୍ଦୋଳନ

**ପାଟଣାଗଡ, ୨୮।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ହରିଶଙ୍କର ରୋଡ ରେଳ ଷ୍ଟେସନ ଠାରେ ୨୮ ତାରିଖ ଶନିବାର ଦିନ ପାଟଣାଗଡ ସିଟିଜେନ ଫୋରମ ଆହ୍ୱାନ କ୍ରମେ ବଲାଙ୍ଗିର ରୁ ନୂଆପଡା ରେଳ ଲାଇନ ପାଇଁ ରେଳ ଷ୍ଟେସନ ଠାରେ ରେଳ ରୋକ ଆନ୍ଦୋଳନ କରାଯାଇଥିଲା । ଏହି ଆନ୍ଦୋଳନ ରେ ପାଟଣାଗଡ ର ବିଭିନ୍ନ ସଂଘ ସମର୍ଥନ ଜଣାଇ ସାମିଲ ହୋଇଥିଲେ । ଲାଠୋର ଏଲ.ଡି.ଏ ର ପ୍ରତିଷ୍ଠାତା ଲବ ସୁନା ଓ ତାଙ୍କର ସଦସ୍ୟ ମାନେ ସମର୍ଥନ ଜଣାଇ ଆନ୍ଦୋଳନ ରେ ସାମିଲ ହୋଇଥିଲେ । ବଲାଙ୍ଗିର ନୂଆପଡା ରେଳ ଲାଇନ ହେଲେ ପାଟଣାଗଡ ଉପଖଣ୍ଡ ର ବିଭିନ୍ନ ଗ୍ରାମର ଲୋକେ ଗମନା ଗମନ ର ସୁବିଧା ପାଇ ପାରିବା ସହିତ ବ୍ୟବସାୟ କ୍ଷେତ୍ରରେ ଉନ୍ନତି ଓ ଅଞ୍ଚଳ ର ବିକାଶ ହୋଇ ପାରିବ ସେହି ସବୁ ଦୃଷ୍ଟି କୋଣରୁ ଯେତେ ଦିନ ପର୍ଯ୍ୟନ୍ତ ବଲାଙ୍ଗିର ନୂଆପଡା ରେଳ ଲାଇନ ମଂଜୁର ନହୋଇଛି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ମାନେ ଦୃଢୋକ୍ତି ପ୍ରକାଶ କରିଥିଲେ



। କଣ୍ଟାବାଞ୍ଜି ରେଳବିଭାଗ ର ଏ.ଡି.ଇ.ଏନ ପ୍ରଶାନ୍ତ କୁମାର ଆନ୍ଦୋଳନକାରୀ ମାନଙ୍କ ନିକଟକୁ ଆସି ଏକ ଦାବିପତ୍ର ଗ୍ରହଣ କରିଥିଲେ । ଶାନ୍ତି ଶୃଙ୍ଖଳା ଦୃଷ୍ଟି କୋଣରୁ ରେଳ ବିଭାଗ ର ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ । ଏହା ସହିତ ସିଟିଜେନ ଫୋରମ ତରଫରୁ ପାଟଣାଗଡ ବାଇ ପାସ ରାସ୍ତା ପାଇଁ ମଧ୍ୟ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇ ଥିଲା ।

## ବାଲକାଟିରେ ସ୍ୱାସ୍ଥ୍ୟ ଶିବିର

**ବାଲିଅନ୍ତା,୨୮।୯(ସଂଚାର ବ୍ୟୁରୋ):** ସ୍ୱଚ୍ଛତା ହିଁ ସେବା। ଅକ୍ଟୋବର ୨ ପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକ ଅଧୀନରେ ପାଳିତ ହେବାକୁ ଯାଉଥିବା ବେଳେ ବାଲିଅନ୍ତାର ବିଭିନ୍ନ ପଞ୍ଚାୟତ ଓ ଗାଁରେ ଯେଉଁମାନେ ସଫେଇ କାମ କରୁଛନ୍ତି ତାଙ୍କ ପାଇଁ ବାଲକାଟୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଯାଇଥିଲା। ସରକଣା ଗ୍ରାମ ପଞ୍ଚାୟତରେ ଆଜି ସକାଳ ୧୧ଟା ସମୟରେ ବାଲକାଟୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ତନ୍ମୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଟିମ ତିଆରି କରାଯାଇଥିଲା। ଏଥିରେ ଆରବିଏସକେ ଟିମ, ସରକଣା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, ସରକଣା ଉପାସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ, ସିଏଚ୍ଓ କମ୍ୟୁନିଟ୍ ହେଲ୍ଥ ଅଫିସର, ଆଶା ଏବଂ ଅଙ୍ଗନୱାଡିକର୍ମୀମାନେ ଉପସ୍ଥିତ ରହି ନିଃଶୁଳ୍କରେ ୧୧୭ ସଫାଇ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ ସହିତ ଉପଯୁକ୍ତ ପରାମର୍ଶ ଦେଇଥିଲେ। ଏହି ଶିବିରେ ବାଲିଅନ୍ତା ବ୍ଲକର ବିଡ଼ିଓ ଏବଂ ସେହି ୱାର୍ଡର ୱାର୍ଡ ମେମ୍ବର, ସରକଣା ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

## ଚୌଦ୍ୱାର କଲେଜରେ ଏଡ୍ସ ସଚେତନତା

**ଟାଙ୍ଗୀ-ଚୌଦ୍ୱାର, ୨୮।୯ (ସଂଚାର ବ୍ୟୁରୋ):** ଚୌଦ୍ୱାର ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ଓ ରେଡ଼ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଇଣ୍ଡକ୍ସନ ଓ ଏଚ୍ଆଇଭି ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୋଡାଲ କନଭେନର ଡ.ସସ୍ମିତା ପଟ୍ଟନାୟକ, ଏସସିବି ମେଡିକାଲ କଲେଜର ସୁପରଭାଇଜର ଅଞ୍ଜଳୀ ଦାସ, ଟାଙ୍ଗୀ ମହାବିଦ୍ୟାଳୟର ଇଂରାଜୀ ପ୍ରଧ୍ୟାପିକା ବିଲକେଶ ପର୍ବିନ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଏଡ଼ସ ଓ ଏଚ୍ଆଇଭି ସଂକ୍ରମଣ, ଏହାର ନିରାକଣ ଓ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏଥି ସହିତ ଯୁବ ରେଡ୍କ୍ରସ୍ରେ ଛାତ୍ରଛାତ୍ରୀ ମାନଙ୍କ ଯୋଗଦାନ, ସେମାନଙ୍କ ଦାୟିତ୍ୱ ଏବଂ ଏ ସମ୍ପର୍କିତ ନିୟମାବଳୀ ସମ୍ପର୍କରେ ଛାତ୍ରଛାତ୍ରୀ




ମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୬୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପିକା ଡ. ମମତା ସାହୁ ଓ ଦେବାଶିଷ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଉନସିଲର ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସଚେତନତା ଅଭାବରୁ ବଢୁଛି ନିଶା କାରବାର



**ବୈଶିଙ୍ଗା, ୨୮।୯ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନରେ ୨୬ଟି ବ୍ଲକ ରହିଥିବା ବେଳେ ଦୁଇଟି ଥାନା ବେତନଟୀ ଓ ବୈଶିଙ୍ଗାରେ ରହିଛି । ଏତଦ ବ୍ୟତୀତ ବାରିପଦା, ମୋରଡା ଓ ବଡ଼ସାହି ବ୍ଲକର କେତେକ ପଞ୍ଚାୟତ ଏହି ଦୁଇ ଥାନା ଅଧୀନରେ ରହିଛି। ସରକାରୀ ନିୟମକୁ ଉଲଂଘନ କରିବା ସହିତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମାଦକ ଦ୍ରବ୍ୟ ଅର୍ଥାତ ବିଭିନ୍ନ ପ୍ରକାରର ଗୁଟୁଖା, ଦେଶୀ ଓ ବିଦେଶୀ ମଦ ସହିତ ନକଲି ବିଦେଶୀ ମଦ, ଗଂଜେଇ, ଅଫିମ, ଧଳା ଜହର ଇତ୍ୟାଦି ଯେତେ ପ୍ରକାର ମାଦକ ଦ୍ରବ୍ୟ ରହିଛି ସେଗୁଡିକ ବେତନଟୀ ଓ ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ ଅବାଧରେ ବିକ୍ରୟ ହେଉଥିବା ଜଣାଯାଇଛି। ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ୍ୟ ଏହି ନିଶା କାରବାରକୁ ରୋକିବା ସମ୍ଭବ ହେଉନଥିବା ଜଣାଯାଇଛି।

ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ କେତେକ ଢ଼ାବା କେବଳ ନିଶା ଦ୍ରବ୍ୟ କାରବାର କରି ତାଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ବୈଶିଙ୍ଗା ପୁଲିସ ନିରବ ଦ୍ରଷ୍ଟା ପାଲଟିଛି। ବୈଶିଙ୍ଗା ଥାନାର ନିଷ୍କ୍ରିୟତା ଯୋଗୁ ସେଠାରେ ଅଧିକ ପରିମାଣରେ ନିଶା କାରବାର ହେଉଥିବା ଜଣାଯାଇଛି। ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି। ଛକାପଞ୍ଝାରେ ଏହି କାରବାର ଚାଲିଥିବାରୁ ନିଶାଡୀଙ୍କୁ ଧରିବା ସମ୍ଭବ ହେଉନାହିଁ। ଦୈନିକ ପଡୋଶୀ ଜିଲାରୁ ଅନେକ ଯୁବକ ଆସି କେତେକ ଢାବାରେ ଆଡ୍ଡା ଜମାଇବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଛୋଟ ବଡ଼ ଅପରାଧ କରୁଥିବା ଜଣାଯାଇଛି। ବିଶେଷ ଭାବେ ବହୁ କମ ବୟସର ପିଲା ଅଧିକ ପରିମାଣର ଗୁଟୁଖା ଖାଉଥିବା ଜଣାଯାଇଛି। ଏହି ଗୁଟୁଖା ଖାଇ ନିକଟରେ ବହୁ ଯୁବକ ପ୍ରାଣ ହରାଇଥିବାର ନଜିର ରହିଥିଲେ ମଧ୍ୟ ସେଥିରୁ କ୍ଷାନ୍ତ ହେଉ ନଥିବା ଜଣାଯାଇଛି। ଏଥି ନିମନ୍ତେ ସରକାରୀ ସ୍ତରରେ ହେଉ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ହେଉ ସଚେତନ କରାନଗଲେ କ୍ୟାନସାର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏଥିରେ ସନ୍ଦେହନାହିଁ।

ସରକାର ମଦ ଦୋକାନ ବନ୍ଦ କରିବାରେ ଯେଭଳି ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ସେଭଳି ଏହାର ନିରାକରଣ ଦିଗରେ ଚେଷ୍ଟା କରିବା ସହିତ ଯୁବ ପିଢୀଙ୍କ ନିମନ୍ତେ କିଛି ଯୋଜନା ଚିନ୍ତା କରନ୍ତୁ ଓ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ପାଇଁ ଯୋଜନା ପ୍ରସ୍ତୁତ କଲେ ଅକାଳରେ ଝଡି ପଡୁଥିବା ଯୁବସମାଜ ବର୍ତ୍ତିଯାଇ ପାରନ୍ତେ। ଆଧ୍ୟାତ୍ମିକ ମାର୍ଗକୁ ଆସିବା ନିମନ୍ତେ ଯୁବ ସମାଜକୁ ସଚେତନ କରାଇ ନିଶା ମୁକ୍ତ ନକଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ। ଏତଦ ବ୍ୟତିତ ସରକାର ନିଯୁକ୍ତି ସୃଷ୍ଟି କରି ଯୁବସମାଜକୁ ନିଯୁକ୍ତି ପ୍ରଦାନ କରାଇପାରିଲେ ନିଶାକାରବାର କମିପାରେ ବୋଲି ସଚେତନ ନାଗରିକ ପ୍ରକାଶ କରିଛନ୍ତି।

# ଚଢ଼ାଦରରେ ୟୁରିଆ ବିକ୍ରି ଅଭିଯୋଗ

**ବଲାଙ୍ଗିର, ୨୮।୯ (ସଂଚାର ବ୍ୟୁରୋ):** ସରକାର ଚାଷୀ ମାନଙ୍କ ପାଇଁ ଉନ୍ନତି ସକାଶେ ଫସଲ ଉପାର୍ଜନ କରିବା ପାଇଁ ବିଭିନ୍ନ ଯୋଜନା ଗୁଡିକ କରିଛନ୍ତି । ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ତଥା କୀଟନାଶକ ଯୋଗାଇବା ପାଇଁ ବ୍ୟବସାୟୀମାନଙ୍କୁ ଲାଇସେନ୍ସ ପ୍ରଦାନ କରି ସାର ସଠିକ୍ ମୂଲ୍ୟରେ ସାର ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । କିନ୍ତୁ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। କିଛି ଅସାଧୁ ତଥା ମୁନାଫାଖୋର ବ୍ୟବସାୟୀମାନେ ଚଢ଼ାଦରରେ ୟୁରିଆ ସାର ବିକ୍ରୟ କରୁଥିବା ଅଭିଯୋଗ ହେଉଛି । ଯାହା ଫଳରେ ଚାଷୀମାନେ ଚାଷ କାର୍ଯ୍ୟରେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ଏହି ୟୁରିଆ ସାର ସରକାରୀ ଦର ୨୬୬ ଟଙ୍କା ରହିଛି । କିନ୍ତୁ ବେପାରୀମାନେ ୩୮୦ /୩୬୦ ଟଙ୍କା ଚଢ଼ା ଦରରେ ବିକ୍ରି ହେଉଛି । ଉକ୍ତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଟିଟିଲାଗଡ଼ ଓ ସଇଁତଲା ଦାୟିତ୍ୱରେ ରହିଥିବା ଯୋଗୁଁ ମନମୁଖୀ ଭାବେ ଆସୁଥିଲା ବେଳେ ଚାଷୀ ନ ଭେଟି ନିରାଶ ହୋଇ ଘରକୁ ଫେରୁଛନ୍ତି । ଏହା ଦ୍ୱାରା ବେପାରୀମାନେ ବେଧଡ଼କ ସାର କଳାବଜାରୀ କରୁଥିବା ଅଭିଯୋଗ ହେଉଛି ।ଏହି ବ୍ଲକର ବେଲଗାଁ, କରମତଳା, ଟିକ୍ରାପଡା, ଘୁନସର, କଂସର,



ଆମ୍ବପାଲି, ଭଦ୍ରା, ବରଗାଁ, ସଇଁତଲା, ଛନଛଡା ଆଦି ଅଞ୍ଚଳଗୁଡିକରେ ବିନା ଲାଇସେନ୍ସ ଥିବା ସାର ବେପାରୀ ମାନେ କଳାବଜାରୀ କରି ବେଶ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏପରିକି ଗ୍ରାମାଞ୍ଚଳ ଗୁଡିକରେ ନକଲି ସାର ବିକ୍ରି ହେଉଥିବାରୁ ଚାଷୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନକଲି ସାର ଓ କୀଟନାଶକ ଯୋଗୁଁ ଧାନ ମଧ୍ୟ ଅମଳ ହେଉନାହିଁ । ଫଳରେ ଚାଷୀ ଧାର କରଜ ସୁଝି ନପାରି ଶେଷରେ ଆତ୍ମହତ୍ୟା କରୁଥିବା ବାଧ୍ୟ ହେଉଛନ୍ତି । ଚାଷୀ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନକରି କଳାବେପାରୀମାନଙ୍କୁ ଭିତିରିଆ ସହଯୋଗ କରୁଥିବା ଅଭିଯୋଗ ହେଉଛି ।

ଏପରିକି ସାର ଗୁଡିକ ଗୋଦାମରେ କେତେ ଗଚ୍ଛିତ ଅଛି, ସୁଲଭ ମୂଲ୍ୟରେ ବିକ୍ରି କରାଯାଉଛି ନା ନାହିଁ ତାହାର ତଦନ୍ତ ମଧ୍ୟ କୃଷି ଅଧିକାରୀ କରୁ ନଥିବା ଯୋଗୁଁ ସାର କଳାବଜାରୀ ତଥା ନକଲି ସାର ଆଣି ବେପାରୀମାନେ ମାର୍କେଟରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏନେଇ ଦାୟିତ୍ୱରେ ଥିବା କୃଷି ଅଧିକାରୀ ଭକ୍ତ ଚରଣ ଛତ୍ରିଆଙ୍କୁ ପଚାରିବାରୁ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯିବ ଓ ଚଢ଼ା ଦରରେ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ । ଏଣୁ ଏହାର ନିରପେକ୍ଷ ତଦନ୍ତ କରି ନକଲି ସାର ବିକ୍ରୟ କରୁଥିବା ବେପାରୀ ଓ ବିନା ଲାଇସେନ୍ସରେ ବିକ୍ରୟ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଚାଷୀ ନେତା ତଥା କେରମେଲି ସମିତି ସଭ୍ୟ ନବୀନ ରଣା ଦାବୀ ଉଠାଇଛନ୍ତି । ଯଦି ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଚାଷୀ ମାନେ ରାଜରାସ୍ତାକୁ ଓଲାଇବେ ବୋଲି ଚାଷୀ ସାମୁଏଲ ନନ୍ଦ, ଅମନ ନନ୍ଦ, ଗୋବର୍ଦ୍ଧନ ରଣା, ନବୀନ ରଣାଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି ।

ସଂଚାର THE SANCHAR

# ପ୍ରଚାର ଲାଗି ମୋହନ ଯିବେ ଝାଡ଼ଖଣ୍ଡ

## ବିଜେପି ଖେଳିଲା ଆଦିବାସୀ କାର୍ଡ



**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ଆଗାମୀ ଦିନରେ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ହେବ। ସେଠାରେ ଗତ ଲୋକସଭା ନିର୍ବାଚନରେ ବିଜେପି ଆଶାନୁରୂପ ପ୍ରଦର୍ଶନ କରି ନ ଥିଲା। ଝାଡ଼ଖଣ୍ଡରେ ଜେଏମ୍ଏମ୍ ଓ କଂଗ୍ରେସ ମେଣ୍ଟ ସରକାର ଅଛି। କେନ୍ଦ୍ରରେ ବିଜେପି କ୍ଷମତାରେ ଥିଲେ ବି ଜେଏମ୍ଏମ୍‌କୁ ଟକ୍କର ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କ ଉପରେ ଭରସା କରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩୦ରୁ ଦୁଇ ଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯିବେ। ଝାଡ଼ଖଣ୍ଡ ପହଞ୍ଚିବା ପରେ ପଶ୍ଚିମ ସିଂହଭୂମର ଜଗନ୍ନାଥପୁର ଯିବେ। ସେଠାରେ ନିର୍ବାଚନ ପୂର୍ବରୁ ଆୟୋଜିତ ଏକ ରାଲିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧ ତାରିଖରେ ମୁଖ୍ୟମନ୍ତ୍ରୀ ଚାଇଁବସାର କୋଲ୍‌ହାନ୍ ଯିବେ। ସେଠାରେ ବିଜେପିର ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ। ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଓ ଚାଇଁବସାର କୋଲ୍‌ହାନ୍‌ରେ ବହୁସଂଖ୍ୟକ ଓଡ଼ିଆ ଭାଷାଭାଷୀ ଲୋକେ ବସବାସ କରନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତକାଲି ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନଙ୍କୁ ଭେଟିଥିଲେ। ହିମନ୍ତ ବିଶ୍ୱଶର୍ମା ଝାଡ଼ଖଣ୍ଡ ବିଜେପିର ସହ ପ୍ରଭାରୀ ଅଛନ୍ତି। ଉଭୟଙ୍କ ମଧ୍ୟରେ ନିର୍ବାଚନ ଉପରେ ଆଲୋଚନା ହୋଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ଝାଡ଼ଖଣ୍ଡରେ କେବେ ନିର୍ବାଚନ ହେବ ସେନେଇ ତାରିଖ ଘୋଷଣା କରାଯାଇନାହିଁ। ତେବେ ବିଜେପି ପକ୍ଷରୁ ରାଜ୍ୟରେ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

# ଆର୍‌ଏସ୍‌ପିରେ ବିସ୍ଫୋରଣ: ୫ ଗୁରୁତର




**ରାଉରକେଲା, ୨୮।୯ (ସଂଚାର ବ୍ୟୁରୋ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଆଜି ସକାଳେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ଯୋଗୁ ୫ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଏସ୍ଏମ୍ଏସ୍-୧ ୟୁନିଟ୍‌ରେ ଏହି ବିସ୍ଫୋରଣ ହୋଇଛି। ସକାଳ ପ୍ରାୟ ସାଢ଼େ ୯ଟା ବେଳେ ଏହି ଅଘଟଣ ଘଟିଛି। ଗୁରୁତର ୫ ଶ୍ରମିକଙ୍କୁ ତୁରନ୍ତ ଆଇଜିଏଚ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁତରମାନେ ହେଲେ ହେମନ୍ତ କୁମାର ମେହେର, ଭାଗବତ ମୁର୍ମୁ, ଜି.ବି କାଲୋ, କେ.କେ ବାରିକ ଓ ପ୍ରଦୀପ ଇକ୍କା । ତେବେ କିପରି ଓ କାହିଁକି ଏହି ବିସ୍ଫୋରଣ ଘଟିଲା ସେ ନେଇ ଷ୍ଟିଲ୍ ପ୍ଲାଣ୍ଟ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି।

# ଦୁର୍ଗାପୂଜାରେ ପୋଲିସ ନିକଟରେ ବହୁ ଚାଲେଞ୍ଜ



**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ଦୁର୍ଗାପୂଜାରେ ପୋଲିସ ଆଗରେ ରହିବ ଅନେକ ଚାଲେଞ୍ଜ। ପୂଜା ମଣ୍ଡପ ସୁରକ୍ଷା ଠାରୁ ଆରମ୍ଭ କରି ଟ୍ରାଫିକ ନିୟନ୍ତ୍ରଣ, ସବୁକିଛି କିଭଳି ସୁଚାରୁ ରୂପେ ସମାପନ କରାଯିବ ସେନେଇ ଆଜି କମିଶନରେଟ ପୋଲିସ ପକ୍ଷରୁ ପ୍ରଥମ ପ୍ରିପାରେସନ ବୈଠକ। ଡିସିପି ଙ୍କ ନେତୃତ୍ୱ ଏହି ବୈଠକ ରେ ଭୁବନେଶ୍ୱର ୟୁପିଡି ର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ, ଏସିପି, ଆଇଆଇସି ଓ ଏସଆଇ ଯୋଗଦେଇ ଥିଲେ।। ପୂଜା ସମୟ ରେ ଯେଉଁ ସବୁ ସମସ୍ୟା ଉପୁଜି ଥାଏ ତାକୁ କିଭଳି ସୁଚାରୁ ରୂପେ ସମାଧାନ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଛି। ସେହିପରି ଟ୍ରାଫିକ ନିୟନ୍ତ୍ରଣ ପୋଲିସ ପାଇଁ ସବୁଠୁ ବଡ଼ ଚାଲେଞ୍ଜ ରହିବ। ଯେଉଁ ସବୁ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଯାଏ ସେସବୁ ସ୍ଥାନରେ ବାରିକେଡ଼ କରିବା ସହ ଅଧିକ ପରିମାଣରେ ଟ୍ରାଫିକ ପୋଲିସ ମୁତୟନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପୂଜା ସମୟ ରେ ରାଜ୍ୟ ବାହାର ଅପରାଧୀ ମାନେ ଆକ୍ଟିଭ ହେବାର ନଜର ରହିଛି। ସେଥିପାଇଁ ସବୁ ଥାନାକୁ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ମଣ୍ଡପ ଗୁଡିକରେ ଛିନତାଇ ହେବାର ନଜିର ଥିବାରୁ ସାଧା ପୋଷାକ ଧାରୀ ପୋଲିସ ମୁତୟନ ରଖିବାକୁ କୁହାଯାଇଛି। ପୂଜା ସମୟ ରେ ଗତବର୍ଷ ଲୁଟେରାଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ସେଥିପାଇଁ ପୋଲିସ ପେଟ୍ରୋଲିଂ କଡାକଡି କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ଜାତି ପ୍ରଥା ଆଗରେ ହାର ମାନିଲା ମାନବିକତା

# ୧୨ ଘଣ୍ଟା ପଡ଼ି ରହିଲା ମୃତଦେହ



**ସୁବର୍ଣ୍ଣପୁର, ୨୮।୯ (ସଂଚାର ବ୍ୟୁରୋ):** କୁତ୍ସିତ ଜାତି ପ୍ରଥାର ଅନ୍ଧାରୀ କୋଠରୀରୁ ଏବେବି ବାହାରି ପାରିନାହିଁ ଏ ସଭ୍ୟ ସମାଜ। ଯେଉଁପାଇଁ ଆଜି ମୃତଦେହକୁ ଅସମ୍ମାନିତ କରାଯାଇଛି। ଜାତିଆଣ ମନୋଭାବ ଯୋଗୁ ୧୨ ଘଣ୍ଟାରୁ ଅଧିକ ସମୟ ଧରି ଘର ଭିତରେ ପଡ଼ି ରହିଲା ମୃତଦେହ। ଗାଁ ଲୋକେ ମୃତଦେହ ସତ୍କାର କଲେନାହିଁ। ଶେଷରେ ସ୍ୱେଚ୍ଛାସେବୀମାନଙ୍କୁ ଶବ ସତ୍କାର କରିବାକୁ ପଡ଼ିଲା। ଏପରି ଘଟଣା ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଘଟିଛି। ବୀରମହାରାଜପୁର ବ୍ଲକ୍ ବହଲପଦର ପଞ୍ଚାୟତ ଚିଙ୍ଗିରାନାଳୀ ଗାଁର ବେଦ ପଧାନଙ୍କର ଗତ ମାର୍ଚ୍ଚ୨୫ ତାରିଖରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଦେହାନ୍ତ ପରେ ପତ୍ନୀ ସୁମିତ୍ରା ଏକାକୀ ନିଜ କୁଡିଆରେ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଥିଲେ। ସରକାରୀ ଭାବେ ମାସିକ ବାର୍ଦ୍ଧକ୍ୟ ଭତ୍ତା ଓ ଚାଉଳ ମିଳୁନଥିଲା। ହେଲେ ଚାଲିବା ପାଇଁ ଅଣ୍ଟାରେ ବଳ ନଥିବାରୁ ଭାତ ରୋଷେଇ କରି ଖାଇପାରୁନଥିଲେ। ତେଣୁ ଯିଏ ଯାହା ଦେଉଥିଲେ ତାକୁ ଖାଇ ଜୀବନ ଜିଉଁଥିଲେ।

ହେଲେ ଗତ କିଛି ଦିନ ତଳେ ସୁମିତ୍ରା ଅସୁସ୍ଥ ହୋଇପଡ଼ିଥିଲେ। ଉଠିବସି ପାରୁନଥିଲେ। ମେଡ଼ିକାଲ ଯାଇପାରୁନଥିଲେ। ରୋଗ ଯନ୍ତ୍ରଣାରେ ଜର୍ଜରୀତ ହୋଇ ଶୁକ୍ରବାର ଆଖି ବୁଜିଥିଲେ ସୁମିତ୍ରା। ଭିନ୍ନ ଜାତିରେ ବିବାହ କରିଥିବାରୁ ତାଙ୍କ ମୃତଦେହକୁ ସତ୍କାର କଲେନାହିଁ ସାହି ଭାଇ। ୧୨ ଘଣ୍ଟାରୁ ଅଧିକ ସମୟ ଧରି ଘର ଭିତରେ ପଡି ରହିଥିଲା ସୁମିତ୍ରାଙ୍କ ମୃତଦେହ। ତେବେ ବିଳମ୍ବିତ ରାତିରେ କେତେକ ସ୍ୱେଚ୍ଛାସେବୀ ସୁମିତ୍ରାଙ୍କ ମୃତଦେହ ସତ୍କାର କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ପୂର୍ବରୁ ସୁମିତ୍ରାଙ୍କ ସ୍ୱାମୀ ବେଦଙ୍କ ମୃତଦେହକୁ ମଧ୍ୟ ଗାଁ ଲୋକେ ସତ୍କାର କରିନଥିଲେ। ୧୨ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ପଡ଼ିବା ପରେ କିଛି ସ୍ୱେଚ୍ଛାସେବୀ ସତ୍କାର କରିଥିଲେ। ଉଭୟ ଭିନ୍ନ ଜାତିରେ ବିବାହ କରିଥିବାରୁ ସାହି-ଭାଇ ମୃତଦେହ ସତ୍କାର କରିନଥିବା ଜଣାପଡ଼ିଛି।

# କିମ୍ସ ପ୍ରଫେସରଙ୍କ ବିରୋଧରେ ଡାକ୍ତରୀ ଛାତ୍ରଙ୍କ ନିର୍ଯାତନା ଅଭିଯୋଗ



**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ଡାକ୍ତରୀ ଛାତ୍ରଙ୍କୁ ପ୍ରଫେସରଙ୍କ ମାନସିକ ନିର୍ଯାତନା ଅଭିଯୋଗ। ଅଭିଯୋଗ ଆସିଛି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସେସ୍ (କିମ୍ସ)ର ଜଣେ ପ୍ରଫେସରଙ୍କ ବିରୋଧରେ। ବାରିପଦାର ଦେବୀବ୍ରତ ଆଚାର୍ଯ୍ୟ ଆଣିଛନ୍ତି ଏହି ଅଭିଯୋଗ। କିମ୍ସ ମେଡିକାଲ କଲେଜର ସାଇକ୍ରିଆଟିକ୍ ବିଭାଗର ପିଜି ଶେଷ ବର୍ଷର ଛାତ୍ର ହେଉଛନ୍ତି ଦେବୀବ୍ରତ ଆଚାର୍ଯ୍ୟ। ସେ ଅଭିଯୋଗ କରିଛନ୍ତି ଯେ ନାମ ଲେଖାଇବା ଦିନରୁ ହିଁ ବିଭାଗୀୟ ପ୍ରଫେସର୍ ଜୟପ୍ରକାଶ ରୁସେଲ୍ ରାବଣ ତାଙ୍କୁ ବ୍ୟକ୍ତିଗତ କାର୍ଯ୍ୟ କରାଇ ଆସୁଛନ୍ତି। କ୍ଲିନିକ୍ ନେବା ଆଣିବା କରିବା ସହିତ ରାତିରେ ହୋଟେଲରୁ ଘର ପାଇଁ ଖାଦ୍ୟ ମଗାଇବା ଭଳି ବ୍ୟକ୍ତିଗତ କାର୍ଯ୍ୟ କରିବାକୁ ପ୍ରଫେସର ଜୟପ୍ରକାଶ ତାଙ୍କୁ ବାଧ୍ୟ କରୁଥିଲେ। କେବଳ ଏତିକି ନୁହେଁ, ପରୀକ୍ଷାରେ ପାସ୍ ହେବାକୁ ଦେବେ ନାହିଁ ବୋଲି ସେ ଧମକ ବି ଦେଇଥିବା ଦେବୀବ୍ରତ ଅଭିଯୋଗ କରିଛନ୍ତି। ଗତ ୨ବର୍ଷ ଧରି ପ୍ରଫେସର ଜୟପ୍ରକାଶ ରୁସେଲ୍ ରାବଣ ଦ୍ୱାରା ନିର୍ଯାତିତ ହେବା ପରେ ଗତକାଲି ଛାତ୍ରଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶକ, ଡିଜିପି ଏବଂ ସଂପୃକ୍ତ ମେଡିକାଲ କଲେଜ ଡିନ୍ ଓ ପ୍ରିନସିପାଲଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇଥିବା କହିଛନ୍ତି। ଅପରପକ୍ଷେ ପ୍ରଫେସର ଜୟପ୍ରକାଶ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଭଲ ପାଇଁ ଆମେ ତାଗିଦ୍ କରିଥାଉ। ତାଙ୍କ ସହ ଓ ତାଙ୍କ ପରିବାର ସହ ଭଲ ସମ୍ପର୍କ ରହିଛି। ନିହାତି କିଛି ଭୁଲ ବୁଝାମଣା ହୋଇଛି। ଆମେ ତା'ର ସମାଧାନ କରିବୁ। ଦେବୀବ୍ରତ ଆଚାର୍ଯ୍ୟଙ୍କ ଅଭିଯୋଗ ଉପରେ କିମ୍ସ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି।

## ଫାର୍ମପଣ୍ଡ୍ ଖୋଳାରେ ମହାଦୁର୍ନୀତି

**ଅନୁଗୁଳ, ୨୮।୯ (ସଂଚାର ବ୍ୟୁରୋ):** ବିଜେଡ଼ି ଶାସନରେ ଚରମ ସୀମା ଟପିଥିଲା ଦୁର୍ନୀତି । ଯାହାର ପ୍ରମାଣ ମିଳିଛି ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକରେ । କେଉଁଠି ମିଛ ବିଲ୍ ପାସ୍ କରି ଅର୍ଥ ହଡ଼ପ୍ ତ କେଉଁଠି କାମ ସାରିଥିଲେ ସୁଦ୍ଧା ପିସି ନଦେବାରୁ ମିଳୁନି ବିଲ୍। ୨୦୨୨-୨୩ ଆର୍ଥିକ ବର୍ଷରେ ଆଠମଲ୍ଲିକ ବ୍ଲକରେ ମନରେଗା ଯୋଜନାରେ ୨୪ଟି ଫାର୍ମ ଖୋଳାଯାଇଥିବାର ଆରଟିଆଇ ତଥ୍ୟ କହୁଛି । ହେଲେ ୧୨ଟି ପୋଖରୀର ମିଛ ଧରେଇ ଦେଇଛି ତହସିଲଦାରଙ୍କ ରିପୋର୍ଟ। ତହସିଲଦାରଙ୍କ ରିପୋର୍ଟରେ ଉକ୍ତ ୧୨ ଗୋଟି ପୋଖରୀ ସ୍ଥାନରେ କେଉଁଠି ଧାନ ବିଲ ଅଛି ତ ଆଉ କେଉଁଠି ମୁଗ, ବିରି ଓ କେଉଁଠି ପଡିଆ ପଡିଛି । ମାଧପୁର ପଞ୍ଚାୟତରେ ୩ଟି, ଅଏଡା ଓ କୁରୁମଟାପରେ ୨ଟି ଲେଖାଏଁ, ଲୁଣହାଣ୍ଡି, ଆମ୍ବସରମୁଣ୍ଡା, ବାସୁଦେବପୁର, ପେଡିପଥର ଓ ସାପଘରାରେ ଗୋଟିଏ ଲେଖାଏଁ ପୋଖରୀର ତଥ୍ୟ ନଥିବା ଜଣାପଡିଛି । ପ୍ରାୟ ୧୪ ଲକ୍ଷ ୮୦,୨୭୫ ଟଙ୍କାର ଦୁର୍ନୀତି ହୋଇଥିବା ଆରଟିଆଇ ତଥ୍ୟରୁ ସ୍ପଷ୍ଟ ହୋଇଛି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପ୍ରିୟମ୍ବଦା ଦାଶ
ଆବିର୍ଭାବ: ୨୦-୦୪-୧୯୫୪
ତିରୋଧାନ: ୧୮-୦୯-୨୦୨୪
ଆଇଆର୍‌ସି ଭିଲେଜ, ନୟାପଲ୍ଲୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଅଶାନ୍ତିକୁ ବରଦାସ୍ତ କରାଯିବନି: ମନ୍ତ୍ରୀ



**ଭଦ୍ରକ, ୨୮।୯ (ସଂଚାର ବ୍ୟୁରୋ):** ଆପତ୍ତିଜନକ ପୋଷ୍ଟକୁ ନେଇ ଭଦ୍ରକରେ ତୁମୁଳକାଣ୍ଡ ଘଟଣା । ସହରରେ ଶାନ୍ତି ଫେରାଇ ଆଣିବାକୁ ପୋଲିସ ଓ ପ୍ରଶାସନ ଉଦ୍ୟମ ଚଳାଇଛନ୍ତି। ଏସବୁ ଭିତରେ ଉଚ୍ଚସ୍ତରୀୟ ବୈଠକ ଡାକି ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ବୈଠକ ପରେ ସେ କହିଛନ୍ତି ସହରରେ ଅଶାନ୍ତି ସୃଷ୍ଟି କରିବାକୁ ଦିଆଯିବନି । ଆସାମାଜିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭଦ୍ରକ ସହରରେ ୧୨ ପ୍ଲାଟୁନ ଓ ଧାମନଗରରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ୨ କଂପାନୀ ରାପିଡ ଆକ୍ସନ ଫୋର୍ସ ମୁତୟନ ରହିବେ । ବୈଠକରେ ମନ୍ତ୍ରୀଙ୍କ ସହ ବିଧାୟକ ସୀତାଂଶୁ ଶେଖର ,ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଉପସ୍ଥିତ ଥିଲେ। ଏନେଇ ଭଦ୍ରକ ଏସ୍‌ପି ସୂଚନା ଦେଇଛନ୍ତି। ଏଥି ସହିତ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସ ଛାନଭିନ ଜାରି ରଖିଛି।

# ସୁବର୍ଣ୍ଣରେଖା କେନାଲ, ଉଠି ଗଲାଣି କଂକ୍ରିଟ ଢଳେଇ

**ବୈଶିଙ୍ଗା, ୨୮।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା କେନାଲ କାମ ଠିକ ଭାବରେ ହେଉ ନ ଥିବାରୁ କେନାଲ ରୁ କଂକ୍ରିଟ ଢଳେଇ ଖସି ପଡିବା ସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଜଣା ଯାଇଛି। ଏତତ୍ ବ୍ୟତୀତ କେନାଲ ଆଡିରେ ରାସ୍ତା ନିର୍ମାଣ ହେଉଥିବା ବେଳେ ଅତଡ଼ା ଖସି ଏକର ଏକର ଚାଷ ଜମି ନଷ୍ଟ ହେବାରେ ଲାଗିଛି। ବିଭାଗୀୟ ଅଧିକାରୀ କେନାଲ କାମ ଚାଲିଥିବା ସ୍ଥାନ କୁ ନ ଆସିବା ଓ ତଦାରଖ ନ କରିବା ଫଳରେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ହେଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି।କେନାଲ ଆଡ଼ି ରେ ସାଇଡ ୱାଲ ନିର୍ମାଣ ନ ହେବା ଫଳରେ ଏହି ମାଟି ଅତଡା ଖସି ବଡ ବଡ ଗର୍ତ୍ତ ମାନ ସୃଷ୍ଟି ହେଉଛି। ଏହି ମାଟି ଖସିବା ଫଳରେ କେନାଲ କଡ଼ରେ ଥିବା ଚାଷୀ ମାନଙ୍କର ଚାଷ ଜମି ପୋତି ହୋଇ ଯାଉଛି । ଏଭଳି ଘଟଣା ସଠିଲୋ ପଞ୍ଚାୟତ ର ମଉଦା ଓ ଛଚିନାପଦା ମଧ୍ୟ ଭାଗ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲ ରେ ଏଭଳି କଂକ୍ରିଟ ଢଳେଇ ଉଠି ଯିବା ସହ ମାଟି ଅତଡା ଖସିବା ରେ ଲାଗିଛି। ଏ ସଂପର୍କରେ ସୁବର୍ଣ୍ଣରେଖା କାର୍ଯ୍ୟ କରୁଥିବା ଲୋକ ମାନଙ୍କୁ ପଚାରିବାରୁ ସେମାନେ ଆମକୁ ଯାହା କୁହା ଯାଇଛି ଆମେ ସେହି ଭଳି କାମ କରୁଛୁ ବୋଲି କହିଛନ୍ତି । ସୁବର୍ଣ୍ଣରେଖା କାମ କରୁଥିବା ଠିକାଦାର କେବେ ଘଟଣା ସ୍ଥଳକୁ ଆସୁଛନ୍ତି ତାହା ଜଣା ପଡୁ ନାହିଁ। ସୁବର୍ଣ୍ଣରେଖା ଉପଖଣ୍ଡ କାର୍ଯ୍ୟାଳୟ ବେତନଟୀ ଠାରୁ ବାରିପଦା କୁ ଉଠାଇ ନିଆ ଯିବା ଫଳରେ ଚାଷୀ ମାନେ ଏହି ଅଭିଯୋଗ କରି ପାରୁ ନ ଥିବା ଜଣାଯାଇଛି। ଏହି କାର୍ଯ୍ୟାଳୟ କୁ ବେତନଟୀ ରେ ପୁନଃ କାର୍ଯ୍ୟକ୍ଷମ କରିବାକୁ ଚାଷୀ ମାନେ ଦାବି କରିଛନ୍ତି ।

# ଓଜନ ମାପରେ ବ୍ୟାପକ ଠକେଇ

**କୋଣାର୍କ, ୨୮।୯ (ସଂଚାର ବ୍ୟୁରୋ):** କୋଣାର୍କରେ ଓଜନ ଓ ମାପରେ ବ୍ୟାପକ ଠକେଇ ହେଉଥିବା ଦେଖିବାକୁ ମିଳୁଛି। ଏନଏସି ଅଞ୍ଚଳରେ ବ୍ୟବସାୟ କରୁଥିବା ଉଠା ଦୋକାନୀ ମାନେ ହାତ ବ୍ୟବହୃତ ପୁରୁଣା ଦଣ୍ଡି ଓ ପାଲ ବ୍ୟବହାର କରି ଚଞ୍ଚକତା ସହ ଖାଉଟିଙ୍କୁ ଅନ୍ଧାରରେ ରଖି ଭୟଙ୍କର ଭାବରେ ଠକେଇ କରୁଛନ୍ତି। ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ସହ ଖାଉଟି ଯୋଗାଣ, ମାପ ଓ ଓଜନ ବିଭାଗ ଅଧିକାରୀ ମାନେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ଥିବା ସାଧାରଣରେ ଅଭିଯୋଗ ହୋଇଛି। ବିଶେଷ କରି ସାମୁଦ୍ରିକ ମାଛ, ପନିପରିବା ଓ ଛୋଟ ଛୋଟ ବେପାର କରୁଥିବା କେତେକ ଅସାଧୁ ବ୍ୟବସାୟୀ ମାନେ ଖାଉଟି ମାନଙ୍କ ଆଖିରେ ଧୂଳି ପକାଇ ମାପରେ କମ୍ ଓଜନ କରି ଜିନିଷ ବିକ୍ରୟ କରୁଛନ୍ତି। ଲୋକଙ୍କ ବ୍ୟସ୍ତତା ଓ ଅନ୍ୟମନସ୍କ ସୁଯୋଗ ନେଇ ତରତର କରି ଓଜନ କରୁଛନ୍ତି ଯାହା ଫଳରେ ଏକ କିଲୋଗ୍ରାମ ରେ ୧୦୦ ରୁ ୧୫୦ ଗ୍ରାମ ପର୍ଯ୍ୟନ୍ତ ଠକୁଛନ୍ତି। ଏନଏସି ପ୍ରଶାସନ କିମ୍ବା ଓଜନ ଓ ମାପ ବିଭାଗରୁ କୌଣସି ମତେ ଚଢ଼ାଉ କି ନିରୀକ୍ଷଣ କରାଯାଉ ନାହିଁ। ପ୍ରାୟ ସମସ୍ତ ବ୍ୟବସାୟୀଙ୍କ ଦଣ୍ଡି ପାଲ ବାର୍ଷିକ ରେନ୍ୟୁ ହେଉନାହିଁ। ଯାହା ଫଳରେ ଖାଉଟି ମାନେ ଠକାମୀର ଶିକାର ହେଉଛନ୍ତି। ଏଭଳି ଘଟଣା ମାଛ, ପରିବା ଓ ଅନ୍ୟାନ୍ୟ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କ ଠାରେ ଦେଖିବାକୁ ମିଳୁଛି।

# ଅଭିଜ୍ଞତା ବଖାଣିଲେ ଏସ୍‌ପି

**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବା ପରେ ଆଜିର ଅଧିବେଶନରେ ରାଜ୍ୟର ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ଆଗାମୀ ଦିନର ଆହ୍ୱାନକୁ ମୁକାବିଲା କରିବା ସହିତ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ସାଧନ ସଙ୍ଗେ ସଙ୍ଗେ ପୁଲିସ୍ ବ୍ୟବସ୍ଥାର ଆଧୁନିକୀକରଣ ଓ ସୁଦୃଢ଼ୀକରଣ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଜିଲ୍ଲାପ୍ରଶାସନ ଓ ପୋଲିସ୍ ପ୍ରଶାସନ ମଧ୍ୟରେ ସୁସମନ୍ୱୟ ରକ୍ଷା କରି ଗୁରୁତ୍ୱପୂର୍ଣ୍ଣ ଆଇନ୍ ଶୃଙ୍ଖଳା ରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ପୂର୍ବକ ପରାମର୍ଶ ଦେଇଥିଲେ । ଆଲୋଚନା ପ୍ରସଙ୍ଗରେ ଅନୁଗୋଳ ଜିଲ୍ଲାପାଳ ଏମ୍. ଅକତାର ଏବଂ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା ଯୋଗଦେଇ ଏ କ୍ଷେତ୍ରରେ ନିଜ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ ।

# ମାଲକାନଗିରିକୁ ମାଡ଼ିଲାଣି ଡିପଥେରିଆ, ଆକ୍ରାନ୍ତ ହେଲେ ଛାତ୍ର



**ମାଲକାନଗିରି, ୨୮।୯ (ସଂଚାର ବ୍ୟୁରୋ):** ମାଲକାନଗିରିକୁ ମାଡ଼ିଲାଣି ଡିପଥେରିଆ । ପୂର୍ବରୁ ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାକୁ ଏହି ରୋଗ ମାଡ଼ି ସାରିଥିବା ବେଳେ ଏବେ ମାଲକାନଗିରି ଜିଲ୍ଲାରେ କାୟା ବିସ୍ତାର କରିଛି ଏହି ରୋଗ। ମାଲକାନଗିରି ଜିଲ୍ଲାରେ ପ୍ରଥମ ଡିପଥେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ରୋଗୀଜଣକ ଚତୁର୍ଥ ଶ୍ରେଣୀ ଛାତ୍ର ବୋଲି ଜଣାଯାଇଛି। ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଚିତ୍ରାଙ୍ଗପାଲୀ ଆବାସିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ନାମ ଶିବ ମାଡକାମୀ। କିଛି ଦିନ ପୂର୍ବେ ଶିବଙ୍କୁ ପ୍ରଥମେ ଜ୍ୱର ହେବାରୁ ସେ ଗୁରୁତର ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ମାଲକାନଗିରି ମେଡିକାଲରେ ଚିକିତ୍ସା ପରେ କୋରାପୁଟ ବଡ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। କୋରାପୁଟରେ ତାଙ୍କ ରକ୍ତ ନମୁନା ପରୀକ୍ଷା କରାଯିବାରୁ ସେ ଡିପଥେରିଆରେ ଚିହ୍ନଟ ହୋଇଥିବା ଜଣାଯାଇଛି। ଏହି ଘଟଣା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ମେଡିକାଲ ଟିମ୍ ଚିତ୍ରାଙ୍ଗପାଲୀ ଆବାସିକ ବିଦ୍ୟାଳୟରେ ପହଞ୍ଚିଥିଲା। ଟିମ୍ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ୬ ଜଣଙ୍କର ରକ୍ତ ନମୂନା ସଂଗ୍ରହ କରାଯାଇଛି। ସେମାନଙ୍କୁ ଅବଜରଭେସନରେ ରଖାଯାଇଛି। ସେମାନେ ପହଞ୍ଚି ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିବ।

# ଖେଳୁଥିବା ବେଳେ କରେଣ୍ଟ ଲାଗି ଶିଶୁ ମୃତ

**ଢେଙ୍କାନାଳ, ୨୮।୯ (ସଂଚାର ବ୍ୟୁରୋ):** ଘରେ ଖେଳୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ ବର୍ଷକ ଶିଶୁ। ତାଙ୍କୁ ସଙ୍ଗେ ସଙ୍ଗେ ମେଡ଼ିକାଲ୍ ନିଆଯାଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏପରି ହୃଦୟବିଦାରକ ଘଟଣା ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ଥାନା ଅଞ୍ଚଳରେ ଘଟିଛି। ଆଜି ସକାଳେ ମହାବିରୋଡ଼ ଥାନା ବାମ ପଞ୍ଚାୟତ ହନୁମନ୍ତିଆ ସାହିର ପୂର୍ଣ୍ଣ ସାଇଆଁ ଓ ତାଙ୍କ ପତ୍ନୀ ବିଲକୁ କାମ କରିବା ପାଇଁ ଯାଇଥିଲେ। ଆଉ ଘରେ ଥିଲେ ବର୍ଷକର ଶିଶୁ। ଘରେ ଖେଳୁଥିବା ବେଳେ ବିଦ୍ୟୁତ ବୋର୍ଡ ସଂସ୍ପର୍ଶରେ ଆସି ଯାଇଥିଲା ଶିଶୁ। ସେହି ସମୟରେ ଘରେ କେହି ନଥିଲେ। ତେଣୁ ଶିଶୁ ଚେତା ହରାଇ ପଡି ରହିଥିଲା। ସାହି ପଡ଼ିଶାଙ୍କଠାରୁ ଖବର ପାଇ ପୂର୍ଣ୍ଣ ଓ ତାଙ୍କ ପତ୍ନୀ ଘରେ ପହଞ୍ଚିଥିଲେ। ଛୁଆକୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡ଼ିକାଲ ନେଇଥିଲେ। ହେଲେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।


# ବିଧାୟକ ସୌଧ ନିର୍ମାଣ ପାଇଁ ରଙ୍ଗୀନ ହେଲେଣି ଲୋକେ

## ରାସ୍ତାଘାଟ, ଗାଡିମୋଟର ସବୁ ଲାଲ



**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ବିଧାୟକମାନଙ୍କ ପାଇଁ ନିର୍ମାଣ ହେଉଥିବା ବହୁତଳୀୟ କୋଠା ଏବେ ଆଖପାଖ ଲୋକଙ୍କ ପାଇଁ କାଳ ହେଲାଣି। ନିର୍ମାଣକାରୀ ସଂସ୍ଥା ଆଖପାଖର ରାସ୍ତାଘାଟ ନଷ୍ଟ କରିବା ସହିତ ପିଚୁ ରାସ୍ତାକୁ ନାଲି କରିଦେଲାଣି । କୋଟି କୋଟି ଟଙ୍କାର କାର୍ଯ୍ୟ କରୁଥିବା କମ୍ପାନୀ ଖରାପ କରୁଥିବା ରାସ୍ତାକୁ ମରାମତି କରିବା ତ ଦୂରରକଥା ପିଚୁ ରାସ୍ତା ଉପରକୁ ପାଣି ଛାଡିଦେବା ଯୋଗୁଁ ସ୍ଥାନୀୟ ଚାରି ନମ୍ବର ଅଞ୍ଚଳ ଲୋକେ ସେହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି । ବିଧାନସଭା ସମ୍ମୁଖରେ ଥିବା ବିଧାୟକ କଲୋନୀକୁ ଭାଙ୍ଗି ସେହି ସ୍ଥାନରେ ବିଧାୟକମାନଙ୍କ ଲାଗି ବହୁତଳୀୟ କୋଠା ନିର୍ମାଣ ହେଉଛି । ୨୭୫ କୋଟି ଟଙ୍କା ବ୍ୟୟ ଅଟକରେ ହେଉଥିବା ଏହି କାମକୁ ଗୋଟିଏ ଘରୋଇ ସଂସ୍ଥାକୁ ଦିଆଯାଇଛି । ଉକ୍ତ ସଂସ୍ଥା କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ ରାସ୍ତାଘାଟ ନଷ୍ଟ କରିବାରେ ଲାଗିଛି । ନିର୍ମାଣ ସ୍ଥଳୀର ପାଶ୍ୱର୍ରେ ଥିବା ଡ୍ରେନକୁ ପୋତିଦେବା ସହିତ ବର୍ଷାପାଣିକୁ ମୋଟର ଲଗାଇ ରାସ୍ତା ଉପରକୁ ଛାଡି ଦେଉଛି । ସେହିଭଳି ବଡ ବଡ ଟ୍ରକରେ ନିର୍ମାଣ ସାମଗ୍ରୀ ପରିବହନ କରୁଥିବାରୁ ଆଖପାଖ ରାସ୍ତା ଖରାପ ହୋଇଗଲାଣି । ଭାରିଯାନ ଚଳାଚଳ ଯୋଗୁଁ ପିଚୁ ରାସ୍ତା ଦବି ମାଟି ବାହାରିଗଲାଣି । ହେଲେ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ମରାମତି କରିବା ଉପରେ ଆଦୌ ଧ୍ୟାନ ଦେଉ ନାହାନ୍ତି । ନିର୍ମାଣ କାର୍ଯ୍ୟ ଆରମ୍ଭ ସମୟରେ ଖୋଳା ହୋଇଥିବା ପର୍ବତ ପରିମାଣର ନାଲି ମାଟିକୁ କମ୍ପାନୀ କର୍ତ୍ତୃପକ୍ଷ ଏବେ ସ୍ଥାନନ୍ତର କରୁଛନ୍ତି । ରାତି ସମୟରେ ଟ୍ରକ ଯୋଗେ ଏହି ନାଲି ମାଟି ପରବହନ ହେଉଛି । ତେବେ ଏହି ନାଲିମାଟି ପିଚୁ ରାସ୍ତା ଉପରେ ପଡିବା ଫଳରେ କଳିଙ୍ଗ ଷ୍ଟାଡିୟମ, ନଅନମ୍ବର, ପୁଲିସ୍ କମିଶନର ଦପ୍ତରରୁ ପିଏମଜି ଛକ ପର୍ଯ୍ୟନ୍ତ ପ୍ରମୁଖ ପିଚୁ ରାସ୍ତା ଧିରେ ଧିରେ ନାଲି ହେବାରେ ଲାଗିଛି । କେତେକ ସ୍ଥାନରେ କମ୍ପାନୀ କର୍ତ୍ତୃପକ୍ଷ ପିଚୁ ଉପରୁ ମାଟି ଛଡାଇବାକୁ ଉଦ୍ୟମ କରୁଥିଲେ ମଧ୍ୟ ନାଲି ଚିକିଟା ମାଟି ପିଚୁ ଉପରୁ ଉଠୁନାହିଁ । ନିର୍ମାଣ କମ୍ପାନୀର ବେପରୁଆ କାର୍ଯ୍ୟ ଯୋଗୁଁ ନିକଟରେ ରହୁଥିବା ବିଧାୟକମାନେ ସମସ୍ୟାରେ ପଡୁଥିଲେ ମଧ୍ୟ ମୁହଁଖୋଲି କିଛି କହିପାରୁ ନାହାନ୍ତି । ତେବେ ବିଧାୟକମାନଙ୍କ ଲାଗି ଏହି ନୂତନ ସୌଧ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ମାନସପୁତ୍ର ହୋଇଥିବାବେଳେ ୨୦୨୫ ସୁଦ୍ଧା ଏହାର କାର୍ଯ୍ୟ ସରିବାର ଲକ୍ଷ୍ୟଥିଲା । ହେଲେ ବର୍ତ୍ତମାନ ଯେଉଁ ସ୍ଥିତିରେ କାର୍ଯ୍ୟ ଜାରି ରହିଛି ଏହା କେବେ ସରିବ ତାହା କହିବା ମୁସ୍କିଲ । ଗୋଟିଏ ପଟେ ବିଧାୟକମାନଙ୍କ ପାଇଁ ବାସଗୃହର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାବେଳେ ଅନ୍ୟପଟେ ବିଧାନସଭାକୁ ଆସିଥିବା ଅନେକ ନୂଆ ବିଧାୟକ ସରକାରୀ ଘର ଖଣ୍ଡେ ପାଇଁ ହଲାପଟା ହେବାରେ ଲାଗିଛନ୍ତି ।

# ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ):** ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରାଯାଇଥିଲା। ଏଥିରେ ସମିତିର ସଭାପତି ହେମନ୍ତ କୁମାର ପରିଡା ଉପସ୍ଥିତ ଥିବା ସମସ୍ତ କର୍ମକର୍ତ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସମସ୍ତ ଗଣମାଧ୍ୟମ, ଫଟୋ ସାମ୍ବାଦିକ ଓ ସମ୍ବାଦପତ୍ରର ପ୍ରତିନିଧି ମଣ୍ଡଳୀ କୁ ସମିତି ତରଫରୁ ସ୍ୱାଗତ କରିଥିଲେ ଓ ସମିତିର ସମ୍ପାଦକ ସଚ୍ଚି ନନ୍ଦନ ନାୟକ, ପୂଜା ପରିପେକ୍ଷିରେ କଣ ସବୁ ପଦକ୍ଷେପ ସମିତି ପକ୍ଷରୁ ଆୟୋଜନ କରାଯାଉଛି ତାହା ବର୍ଣ୍ଣନା କରିଥିଲେ ଓ ସେ କହିଥିଲେ ଚଳିତ ବର୍ଷ ପୂଜା ଟି ୪୭ ବର୍ଷରେ ପଦାର୍ପଣ କରୁଛି ଓ ପୂଜାକୁ ଗୁରୁତ୍ୱ ଦେଇ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା'ଙ୍କ ପୂଜାର୍ଚ୍ଚନା କରିବା ପାଇଁ ସବୁ ପ୍ରକାରର ଦୁର୍ଲଭ ପୂଜା ସାମଗ୍ରୀ କୁ ସମିତି ପକ୍ଷରୁ ଯୋଗାଡ଼ କରାଯାଉଛି। ସମିତିର କାର୍ଯ୍ୟକାରୀ ସଭ୍ୟ ତଥା ଭୁବନେଶ୍ୱର ଭସାଣୀ ସମିତିର ସମ୍ପାଦକ ହରିଶ ପ୍ରସାଦ ରଥ ଭସାଣୀରେ ସହିଦନଗର ଦୁର୍ଗାପୂଜା ସମିତିର ମେଢ଼ ୧୧ ନମ୍ବର କ୍ରମିକ ସଂଖ୍ୟାରେ ଭୁବନେଶ୍ୱର ଭସାଣି ଉତ୍ସବ ସମିତିରେ ଯୋଗଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି ଓ ସହିଦନଗର ଭସାଣିରେ ସବୁ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଆଲୋକ ରେ ସୁସଜ୍ଜିତ ହୋଇ ରୋଷଣୀ ରେ ଯୋଗଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଓ ସମିତିର ଉପଦେଷ୍ଟା ଯ ସୁଧୀର କୁମାର ଶତପଥୀ, ଉପସଭାପତି ଚନ୍ଦନ କୁମାର ପାଲିତ, ଅଚ୍ୟୁତ ପ୍ରସାଦ ବେହେରା, କରପୋରେଟର ରାଜକିଶୋର ଦାସ, ଯୁଗ୍ମସଂପାଦକ ଶ୍ରୀ ବିଶ୍ୱ ପ୍ରସାଦ ମହାନ୍ତି, ମହେନ୍ଦ୍ର କୁମାର ତ୍ରିପାଠୀ, ସୁଦର୍ଶନ ସାହୁ, ରଞ୍ଜନ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଜେନା, ଉପ କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ମହାନ୍ତି ଓ କାଯ୍ୟକାରୀ ସଦସ୍ୟ ଆଶିଷ ମହାପାତ୍ର, ବିଶ୍ୱ ପ୍ରକାଶ ରାୟ, ଲଳିତ ଖୁଣ୍ଟିଆ, ଜିତେନ୍ଦ୍ର ରାଓ, ଆଦର୍ଶ ପଟ୍ଟନାୟକ, ସନ୍ଦୀପ କୁମାର ବେହେରା, ଦିଲ୍ଲୀପ ମଲ୍ଲିକ, ଦୀପଂକର ମହାପାତ୍ର, ସିଦ୍ଧେଶ୍ୱର, ବିଭୁ ପଦାରବିନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ଦାସ, ଅଭିଷେକ, ରୋହନ, ବିଶ୍ୱ ରଞ୍ଜନ, ଅଭିମନ୍ୟୁ, ଅସିତ, ଶକ୍ତି ଯୀ, ଶ୍ରୀନୁ ଓ ଅନ୍ୟ ସବୁ ସଦସ୍ୟଙ୍କ ଉପସ୍ଥିତିରେ ଚଳିତ ବର୍ଷ ର ମଡେଲଟି ପ୍ରଦର୍ଶିତ ହୋଇଥିଲା। ସମ୍ପାଦକ ନାୟକ ଏହି ମଡେଲର ନାମକରଣ ପାଇଁ ସବୁ ଜନସାଧାରଣ ଓ ଉପସ୍ଥିତ ଥିବା ପତ୍ରପତ୍ରିକା, ସାମ୍ବାଦିକ ଗଣ ସଦସ୍ୟଙ୍କ ଉପରେ ନ୍ୟସ୍ତ କରିଛନ୍ତି ଓ ଶେଷ ରେ ସମସ୍ତ ଓଡିଶା ବାସୀ ଙ୍କୁ ଗଣମାଧ୍ୟମ ପ୍ରତିନିଙ୍କ ମାଧ୍ୟମରେ ପୂଜାକୁ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି ଓ ସରକାର ଦେଇଥିବା ଗାଇଡ ଲାଇନ କୁ ଅନୁସରଣ କରି ଉତ୍ସବ ପାଳନ କରିବାକୁ ନିବେଦନ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର